RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-178 ◆WEDNESDAY ◆24 DECEMBER 2025 ◆PAGE-12 ◆₹ 6.00
JEYPORE
◆ବର୍ଷ-୪୩ ◆ସଂଖ୍ୟା-୧୭୮ ◆ବୁଧବାର ◆୨୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ପ୍ରିଆନ୍ଦନାଙ୍କ ବିଶ୍ୱ ରେକର୍ଡ: ଗୋଟିଏ ଓଭରରେ ୫ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଭାରତରେ 'ବାଂଲା' ତାତି

## ଦିଲ୍ଲୀରେ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ସଂସଦ ନିର୍ବାଚନ ପାଇଁ ସମୟ ଯେତେ ପାଖେଇ ଆସୁଛି, ସେଠାରେ ଉତ୍ତେଜନା ସେତିକି ତୀବ୍ର ହେବାରେ ଲାଗିଛି। ପ୍ରଥମେ ଜଣେ ଛାତ୍ର ନେତାଙ୍କୁ ହତ୍ୟା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗତକାଲି ଜଣେ ଶ୍ରମିକ ନେତାଙ୍କୁ ଗୁଳି କରାଯାଇଛି। ଏହାପରେ ବାଂଲାଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାର ଅସହାୟ ହୋଇପଡ଼ିଥିବା ଭଳି ମନେ ହେଉଛି। ସେନାବାହିନୀ ଚୁପ ହାଇ ବସିଥିବା ବେଳେ ପୁଲିସ ଫୋର୍ସ ଉତ୍ତ୍ୟକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି। ଫଳରେ ଆନ୍ଦୋଳନ ନାମରେ ଦୁର୍ବୃତ୍ତ ଖୁଲାଖୁଲି ଆତଙ୍କରାଜ ଚଳାଇଛନ୍ତି। ଏବେ ସେମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ ଉପରେ ଆକ୍ରମଣ କରିବା ଆରମ୍ଭ କରିଛନ୍ତି। ଗତ ୧୮ ତାରିଖରେ ସେମାନେ ଦୀପୁ ଦାସ ନାମକ ଜଣେ ୨୫ ବର୍ଷୀୟ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ହଜାର ହଜାର ସଂଖ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ କରିଥିଲେ। ସେମାନେ ଦୀପୁ ଦାସ ହତ୍ୟାକାଣ୍ଡର ପ୍ରତିବାଦ ଜଣାଇବା ସହିତ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟକୁ ଟାର୍ଗେଟ କରାଯାଉଥିବାରୁ ଏହାର ନିନ୍ଦା କରିବା ସହିତ ସେଠାରେ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାଲାଗି ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗି ବାଂଲା ହାଇକମିସନ ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ପୁଲିସ ସେମାନଙ୍କୁ ହାଇକମିସନ ଅଫିସ ଠାରୁ ୮୦୦ ମିଟର ଦୂରରେ ଅଟକାଇଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ବାଂଲାଦେଶ ହାଇକମିସନ ପାଇଁ ୭ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ୧୫୦୦ ଯବାନଙ୍କୁ ମୁତୟନ କରାଯାଇଥିଲା। ଦିଲ୍ଲୀ ସମେତ ଦେଶର ୭ଟି ସହରରେ ଆଜି ବାଂଲାଦେଶ ବିରୋଧରେ ଏଭଳି ବିକ୍ଷୋଭ ହୋଇଥିବାର ଖବର ମିଳିଛି।



### ଢାକାରେ ଭାରତୀୟ ହାଇକମିସନରଙ୍କୁ ସମନ୍

### ଉଦବେଗ ଜଣାଇଲା ଜାତିସଂଘ

### ଭାରତ ଉପରେ ଆକ୍ରମଣ ପାଇଁ ପାକ୍ ନେତାଙ୍କ ଧମକ

ଅନ୍ୟପକ୍ଷରେ ଏଭଳି ବିକ୍ଷୋଭ ପ୍ରଦର୍ଶନକୁ ନେଇ ବାଂଲାଦେଶ ଉଦବେଗ ପ୍ରକାଶ କରିଛି। ବାଂଲାଦେଶର ବୈଦେଶିକ ସଚିବ ଆଜି ଢାକାରେ ଭାରତୀୟ ହାଇକମିସନର ପ୍ରଣୟ ବର୍ମାଙ୍କୁ ସମନ୍ କରି ନୂଆଦିଲ୍ଲୀ ଏବଂ ସିଲିଗୁଡ଼ିରେ ବାଂଲାଦେଶ କୂଟନୈତିକ କେନ୍ଦ୍ରକୁ ଟାର୍ଗେଟ କରି ହୋଇଥିବା ହିଂସାର ପ୍ରତିବାଦ ଜଣାଇଛନ୍ତି। ଦୁଇ ଅଧିକାରୀଙ୍କ ମଧ୍ୟରେ ୫ମିନିଟ ସାକ୍ଷାତ ପରେ ବାଂଲାଦେଶ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଭାରତରେ ବାଂଲାଦେଶ କୂଟନୈତିକ ଅଧିକାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଆପୋସ ସମ୍ମାନ, ▶ପୃଷ୍ଠା-୭

# ଏସଆଇଆର ଝଟକା: ୭ ରାଜ୍ୟରୁ କଟିଲା ୨ କୋଟି ୭୦ ଲକ୍ଷ ନାମ

### ମଧ୍ୟପ୍ରଦେଶରୁ କଟିଲା ୪୨.୭୪ ଲକ୍ଷ ନାମ

### ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗରୁ ୫୮ ଲକ୍ଷ

### ଛତିଶଗଡ଼ରୁ ୨୭ ଲକ୍ଷ, କେରଳରୁ ୨୨ ଲକ୍ଷ ହଟିଲେ

### ତାମିଲନାଡୁରେ କଟିଲା ସର୍ବାଧିକ ୯୫ ଲକ୍ଷ ନାମ

■ ଭୋପାଳ, ୨୩।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପରେ ମଙ୍ଗଳବାର ନିର୍ବାଚନ କମିଶନ (ଇସି) ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ କେରଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ମଧ୍ୟପ୍ରଦେଶ ଭୋଟର ତାଲିକାରୁ ୪୨.୭୪ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏଥିରେ ୧୯.୧୯ ଲକ୍ଷ ପୁରୁଷ ଏବଂ ୨୩.୬୪ ଲକ୍ଷ ମହିଳା ସାମିଲ ଅଛନ୍ତି। ଏହା ବ୍ୟତୀତ ମ୍ୟାପିଂ ହୋଇ ନ ଥିବା ୮.୪୦ ଲକ୍ଷ ନାମ ରହିଛି। ୩୧.୫୧ ଲକ୍ଷ ଲୋକ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ୨.୭୭ ଲକ୍ଷ ଲୋକ ଏକାଧିକ ସ୍ଥାନରେ ପଞ୍ଜିକରଣ କରିଥିବା ଚିହ୍ନଟ ହୋଇଛି। ସେହିପରି କେରଳରୁ ୨୨ ଲକ୍ଷ ନାମ ହଟାଇ ଦିଆଯାଇଛି। ଏହି ରାଜ୍ୟରୁ ୨,୫୪, ୪୨, ୩୫୨ ଫର୍ମ (୯୧.୩୫ ପ୍ରତିଶତ) ସଂଗ୍ରହ କରାଯାଇଛି। ହଟା ଯାଇଥିବା ଭୋଟରଙ୍କ ମଧ୍ୟରେ ୬, ୪୯, ୮୮୫ ମୃତ ବ୍ୟକ୍ତି ସାମିଲ ଅଛନ୍ତି। ୧୪, ୬୧, ୭୬୯ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇ ସାରିଛନ୍ତି। ୧, ୩୬, ୦୨୯ ଜଣ ଏକାଧିକ ସ୍ଥାନରେ ପଞ୍ଜୀକରଣ କରିଛନ୍ତି।

ଛତିଶଗଡ଼ରୁ ୨୭ ଲକ୍ଷ ଭୋଟରଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ୬, ୪୨, ୨୩୪ ଜଣ ପ୍ରାଣ ହରାଇଥିବାବେଳେ ▶ପୃଷ୍ଠା-୭

### ମହାନଦୀ ବିବାଦ ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ବୈଠକ

# ରାଜ୍ୟ ସ୍ୱାର୍ଥ ସହ ଆଦୌ ସାଲିସ୍ ହେବ ନାହିଁ

■ ଭୁବନେଶ୍ୱର, ୨୩।୧୨ (ସମିସ): ମହାନଦୀ ଓଡ଼ିଶାର ଜୀବନରେଖା। ଏହାର ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ। ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କଣ ରହିଛି, ଛତିଶଗଡ଼ ସହ କଣ ଆଲୋଚନା ହୋଇଛି ସେନେଇ ରାଜ୍ୟବାସୀଙ୍କୁ ସରକାର ଅବଗତ କରାନ୍ତୁ। ମହାନଦୀ ଜଳ ବିବାଦରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକରେ ଏପରି ଦାବି ରଖିଛନ୍ତି ସଦସ୍ୟ ତଥା ବରିଷ୍ଠ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ସମାନ ଆଭିମୁଖ୍ୟ ରଖିବା ସହ ଏହି ମାମଲାକୁ ଅଧିକ ବିଳମ୍ବିତ ନକରି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜୀବ ଭବନଠାରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜାନୁଆରୀରେ ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଆଜି କମିଟିର ସମସ୍ତ ସଦସ୍ୟ ମାନଙ୍କୁ ମହାନଦୀ ବିବାଦରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ, ଛତିଶଗଡ ସହ ଏଯାବତ ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଗଲା। କମିଟିର ଆସନ୍ତା ବୈଠକ ପୂର୍ବରୁ

### ସରକାର ଛତିଶଗଡ଼ ସହ ଆଲୋଚନା କରି ରାଜ୍ୟବାସୀଙ୍କୁ ଜଣାନ୍ତୁ: ବିରୋଧୀ

### ସମସ୍ୟାର ସମାଧାନ ଦିଗକୁ ନେଇ କମିଟି ଆଗକୁ ବଢ଼ିବ: ଉପ ମୁଖ୍ୟମନ୍ତ୍ରୀ

ସମସ୍ତ ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦିଆଯିବ। ଆଲୋଚନା ମାଧ୍ୟମରେ କିପରି ସମସ୍ୟାର ସମାଧାନ ହୋଇପାରିବ, ସେନେଇ କମିଟି ଆଗକୁ ବଢ଼ିବ। ଓଡ଼ିଶାର ସ୍ୱାର୍ଥକୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରିବେ ବୋଲି ସେ କହିଛନ୍ତି। ▶ପୃଷ୍ଠା-୭

# ବ୍ରିଜ୍‌ରେ ଧକ୍କା ହେଲା ବାଇକ୍: ଦୁଇ ମୃତ

■ ଦେଓଗାଁ, ୨୩।୧୨ (ସମିସ): ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଅଧୀନ ଦେଓଗାଁ ବ୍ଲକ୍‌ର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ପୁରଣାପାଣିରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ପୁରଣାପାଣି ବ୍ରିଜ୍ ବାଡ଼ାରେ ଏକ ବାଇକ୍ ପିଟି ହୋଇଯିବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁଇଁନ୍ତଲା ଥାନା ଅଇଁଲାଶାରୀ ଗ୍ରାମର ନିରାକାର ଖୁଣ୍ଟିଲି (୩୦) ଓ ବଲାଙ୍ଗିର ସଦର ଥାନା ବରପଦର ଗ୍ରାମ ଗୌରାଙ୍ଗ ପୋଢ଼(୨୭)। ଉଭୟ ଏକ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ତୁଷୁରା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ତୁଷୁରା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts.*T&C apply.

TOLL FREE 1800 266 0018

**Authorized Dealers: Jeypore:** Supreme Hero - 9289922183, **Raygada:** Ajit Hero - 9289922819, **Authorized HeroSure Dealers: Jeypore:** Supreme Sales - 8144822656, **Associate Dealers: Laxmipur:** Tarini Motors - 7205862853, **Semiliguda:** K P Enterprises - 9437233464, **Nabarangpur:** Arun Sales & Service - 9437174795, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Kalimela:** Laxminiyati Motors - 9861002055, **Bissam Cuttack:** Patnaik Motors - 7008615208, **Muniguda:** Sandeep Automobiles - 9668388730, **Raighar:** Raj Laxmi Auto - 9777563641, **Koraput:** Santosh Tyres - 9438021999.

VML.5868.2025

# ବେଆଇନ ପ୍ରବାସୀଙ୍କୁ ଟ୍ରମ୍ପ ଅଫର

ୱାସିଂଟନ, ୨୩।୧୨ (ଏଜେନ୍ସି): ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ ବେଆଇନ ପ୍ରବାସୀଙ୍କୁ ହଟାଇବା ପ୍ରୟାସ କରିଛନ୍ତି। ସେ ଏ ପର୍ଯ୍ୟନ୍ତ ୨.୫ ନିୟୁତରୁ ଅଧିକ ବେଆଇନ ପ୍ରବାସୀଙ୍କୁ ନିଜ ଦେଶକୁ ପଠାଇ ସାରିଲେଣି। ଏହି କ୍ରମରେ ବାକି ପ୍ରବାସୀଙ୍କୁ ବାହାର କରିବା ପାଇଁ ସେ ନିଆରା ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଖ୍ରୀଷ୍ଟମାସ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ସେମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ଆମେରିକା ଛାଡିବା ପାଇଁ ଅର୍ଥ ଦେବାକୁ ଏବଂ ଦେୟମୁକ୍ତ ଯାତ୍ରା ପ୍ରଦାନ କରାଯିବ ବୋଲି କହିଛନ୍ତି।


**ସ୍ୱଇଚ୍ଛାରେ ଦେଶ ଛାଡ଼ିଲେ ମାଗଣା ବିମାନ ଯାତ୍ରା, ୩ ହଜାର ଡଲାର**

ଏଥିପାଇଁ ପ୍ରବାସୀଙ୍କୁ ୩ ହଜାର ଡଲାର ତଥା ୨.୭ ଲକ୍ଷ ଟଙ୍କା ଏବଂ ମାଗଣା ବିମାନ ଟିକଟ ଦିଆଯିବ। କେବଳ ସେତିକି ନୁହେଁ, ଯେଉଁମାନେ ଏହି ପ୍ରସ୍ତାବ ଗ୍ରହଣ କରିବେ ସେମାନେ ସିଭିଲ୍ ଜୋରିମାନା କିମ୍ବା ଅଧିକ ସମୟ ରହିବା ସହିତ ଜଡିତ ଦଣ୍ଡରୁ କ୍ଷମା ପାଇବା ପାଇଁ ଯୋଗ୍ୟ ହେବେ।ନୂତନ ପ୍ରସ୍ତାବଟି, ମେ' ମାସରେ ସରକାର ଦ୍ୱାରା ଘୋଷଣା କରାଯାଇଥିବା ହଜାରେ ଡଲାରର ପ୍ରୋତ୍ସାହନ ଅପେକ୍ଷା ତିନି ଗୁଣ ଅଧିକ। ଆମେରିକା ଗୃହ ବିଭାଗ ଚେତାବନୀ ଦେଇ କହିଛି ଯେ ଯେଉଁମାନେ ଏହି ପ୍ରସ୍ତାବର ସୁଯୋଗ ନେଇ ନାହାନ୍ତି ସେମାନେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଯେଉଁ ଅବୈଧ ବିଦେଶୀମାନେ ଆଜି ଏହି ସ୍ୱତନ୍ତ୍ର ଅଫରର ସୁଯୋଗ ନେଉନାହାଁନ୍ତି ସେମାନଙ୍କ ପାଖରେ କେବଳ ଗୋଟିଏ ବିକଳ୍ପ ରହିଛି। ସେମାନଙ୍କୁ ଗିରଫ କରାଯିବ, ନିର୍ବାସିତ କରାଯିବ ଏବଂ କେବେବି ସେମାନେ ଆମେରିକା ଫେରିବେ ନାହିଁ।

# ବାଂଲାଦେଶକୁ ୧୯୭୧ କଥା ମନେ ପକାଇଲା ରୁଷିଆ

ମସ୍କୋ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଭୟରେ କାଳତିପାତ କରୁଛନ୍ତି। ଜାଣିଶୁଣି ଏବଂ ମିଥ୍ୟା ଅଭିଯୋଗ ଲଗାଇ ଚରମପନ୍ଥୀ ଏବଂ ସରକାରରେ ସାମିଲ ଲୋକେ ସଂଖ୍ୟାଲଘୁଙ୍କୁ ନିଶାଣ କରୁଛନ୍ତି। ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା ହିଂସାରେ ହିନ୍ଦୁଙ୍କୁ ମାରୁଛନ୍ତି। ସାରା ବିଶ୍ୱ ବାଂଲାଦେଶରେ ଚାଲିଥିବା ହିଂସାକୁ ଦେଖୁଛି। ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ମାରି ଜାଳିଦେବା ଘଟଣା ସାରା ବିଶ୍ୱକୁ ଥରାଇ ଦେଇଛି। ଯେଉଁ

**ବାଂଲାଦେଶକୁ ପରାମର୍ଶ: ଭାରତ ସହ ଶାନ୍ତି ବଜାୟ ରଖ**



ଭାରତ ପାଇଁ ବାଂଲାଦେଶ ଗଠନ ହେଲା ସେହି ଭାରତ ବିରୋଧୀ ଷଡ଼ଯନ୍ତ୍ର କରାଯାଉଛି। ବିନା ଦୋଷରେ ଭାରତକୁ ବଦନାମ କରାଯାଉଛି। ଏବେ ବାଂଲାଦେଶରେ ଚାଲିଥିବା ହିଂସାକୁ ରୁଷ ତୀବ୍ର ନିନ୍ଦା କରିଛି। ବାଂଲାଦେଶରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଗ୍ରିଗୋରିଭିଚ୍ ଖୋଜିନ୍ ଢାକାକୁ ଭାରତ ସହିତ ଉତ୍ତେଜନା ହ୍ରାସ କରିବାକୁ କହିଛନ୍ତି। ତାଙ୍କ ମତରେ, ରୁଷ ସ୍ଥିତି ଉପରେ ନଜର ରଖିଛି। ଶାନ୍ତି ପ୍ରତିଷ୍ଠା ଉଭୟ ଦେଶ ସମେତ ସମଗ୍ର ଅଞ୍ଚଳ ତଥା ଦକ୍ଷିଣ ଏସିଆ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ତେଜନାକୁ ଯଥାଶୀଘ୍ର କମ କରିବାକୁ ଉପାୟ ଖୋଜିବା ଉଚିତ। ପଡ଼ୋଶୀମାନଙ୍କ ମଧ୍ୟରୁ ଆମେ ଜଣଙ୍କୁ ବାଛିପାରିବୁ ନାହିଁ। ଉଭୟ ଦେଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ସହ ଯେତେ ଶୀଘ୍ର ସମ୍ପର୍କ ସୁଧୁରିବ ସେତେ ଭଲ। ୧୯୭୧ ରେ ବାଂଲାଦେଶକୁ ଯେଉଁ ସ୍ୱାଧୀନତା ମିଳିଥିଲା ତାହା ଭାରତ ପାଇଁ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।

# ଟ୍ରମ୍ପଙ୍କ ଉପରେ ଧନବର୍ଷା

## ବର୍ଷକରେ ନେଇଛନ୍ତି ୧୮ ହଜାର କୋଟିର ଚାନ୍ଦା



ୱାସିଂଟନ, ୨୩।୧୨ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଏବଂ ବ୍ୟାବସାୟିକ କଟକଣା ଲଗାଇ ସଙ୍କଟ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଧନବର୍ଷା ହେବାରେ ଲାଗିଛି। ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ଟ୍ରମ୍ପଙ୍କ ବଡ଼ ବଡ଼ କର୍ପୋରେଟ ସଂସ୍ଥା ସଦୟ ହୋଇଛନ୍ତି। ଭୟରେ ହେଉ ଅବା କଟକଣାରୁ ବର୍ତ୍ତିବା ପାଇଁ ଏହି ସଂସ୍ଥା ଗୁଡ଼ିକ ଟ୍ରମ୍ପଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ବର୍ଷେ ମଧ୍ୟରେ ଟ୍ରମ୍ପଙ୍କ ଟିମ୍‌କୁ ବିପୁଳ ଚାନ୍ଦା ମିଳିଛି। ନିର୍ବାଚନ ପରେ ଟ୍ରମ୍ପ ଏବଂ ତାଙ୍କ ଘନିଷ୍ଠଙ୍କୁ ପ୍ରାୟ ୨ ବିଲିୟନ ଡଲାର ତଥା ୧୮ ହଜାର କୋଟି ଟଙ୍କା ଚାନ୍ଦା ମିଳିଛି। ଅଲଗା ଅଲଗା ପାଣ୍ଠି ଏବଂ ଯୋଜନା ପାଇଁ ଏହା ଆଦାୟ କରାଯାଇଛି ଆମେରିକାର ଏକ ଖବରକାଗଜର ଯାଞ୍ଚରୁ ଜଣାପଡ଼ିଛି। ଏହି ରାଶି ନିର୍ବାଚନୀ ପ୍ରଚାର ପାଇଁ ଟ୍ରମ୍ପଙ୍କୁ ମିଳିଥିବା ପାଣ୍ଠିଠୁ ଅଧିକ।

■ **ପ୍ରତିବଦଳରେ ବ୍ୟବସାୟୀଙ୍କୁ ଦେଇଛନ୍ତି ଅଜସ୍ର ଲାଭ**

■ **ତାଲିକାରେ ସୁନ୍ଦର ପିଚାଇ, ସତ୍ୟ ନାଡେଲା**


ରିପୋର୍ଟ ଅନୁଯାୟୀ, ସରକାରୀ କାଗଜପତ୍ର, ଫଣ୍ଡିଂ ରେକର୍ଡ, ଏବଂ ଅନେକ ଲୋକଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ଯେ ଅତିକମରେ ୩୪୬ ଜଣ ବଡ଼ ବ୍ୟକ୍ତି ୨.୫ ଲକ୍ଷ ଡଲାର କିମ୍ବା ଏହାଠାରୁ ଅଧିକ ଚାନ୍ଦା ଦେଇଛନ୍ତି। ଏମାନଙ୍କଠାରୁ କେବଳ ୫୦ କୋଟି ଡଲାରରୁ ଅଧିକ ରାଶି ମିଳିଛି। ଏହି ବ୍ୟକ୍ତିଙ୍କ ମଧ୍ୟରେ ଏଭଳି ୨୦୦ ବ୍ୟବସାୟୀ ସାମିଲ ଅଛନ୍ତି, ଯେଉଁମାନଙ୍କୁ ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ଲାଭ ମିଳିଛି। ଏଥିରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡ଼େଲାଙ୍କ ସମେତ ୬ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସାମିଲ ଅଛନ୍ତି। ଟ୍ରମ୍ପଙ୍କଠାରୁ ମିଳିଥିବା ସୁବିଧାଗୁଡ଼ିକ ମଧ୍ୟରେ ବିଭିନ୍ନ ସହାୟତା ସାମିଲ ରହିଛି। କେତେକଙ୍କୁ ରାଷ୍ଟ୍ରପତିଙ୍କ କ୍ଷମା ମିଳିଛି ତ ଆଉ କିଛିଙ୍କ ମାମଲା ଖାରଜ ହୋଇଛି। ସେହିପରି କିଛି କମ୍ପାନୀ ପ୍ରମୁଖ ସରକାରୀ ଠିକା ପାଇଥିବାବେଳେ ଅନ୍ୟମାନେ ହ୍ୱାଇଟ୍ ହାଉସ୍ କିମ୍ବା ଏକ ପ୍ରମୁଖ ସରକାରୀରେ ବଡ଼ ପଦବୀ ଦିଆଯାଇଛି।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କେହି ଟଙ୍କା ଦେଇଛନ୍ତି ଏବଂ ପ୍ରତିବଦଳରେ ସିଧାସଳଖ ଲାଭ ପାଇଛନ୍ତି ବୋଲି ପ୍ରମାଣ କରିବା କଷ୍ଟକର। ମାତ୍ର ଏହା ନିଶ୍ଚିତ ଯେ ଟଙ୍କା ଏବଂ ସୁବିଧାର ଏହି ସମ୍ପର୍କ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଗୁଗଲ ସିଇଓ ସୁନ୍ଦର ପିଚାଇ ଟ୍ରମ୍ପଙ୍କ ସମର୍ଥିତ ପାଣ୍ଠିକୁ ୧୦ କୋଟି ଟଙ୍କା ଦେଇଛନ୍ତି। ଏଆଇକୁ ନେଇ ଆଇନରେ ନରମ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଗୁଗଲ ଲାଭ ମିଳୁଛି। ହ୍ୱାଇଟ ହାଉସ କାର୍ଯ୍ୟକ୍ରମରେ ଡକରା ଏବଂ ପ୍ରଶଂସା ମିଳୁଛି। ସେହିପରି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡ଼େଲା ୨୯ କୋଟି ଟଙ୍କା ଦାନ କରିଛନ୍ତି। କାରଣ ଟ୍ରମ୍ପ ଟେକ୍ ନିୟମର ଚାପ ହ୍ରାସ ପାଇଛି। ସିଧାସଳଖ ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ପହଞ୍ଚି ପାରୁଛନ୍ତି। ଆଇବିଏମ ସିଇଓ ଅରବିନ୍ଦ କ୍ରିଷ୍ଣା ୬.୨ କୋଟି ଟଙ୍କା, ଆଡୋବ ସିଇଓ ଶାନ୍ତନୁ ନାରାୟଣ, ମାଇକ୍ରନ ସିଇଓ ସଞ୍ଜୟ ମେହରୋତ୍ରା, ବ୍ୟବସାୟୀ ଅଞ୍ଜନି ସିହ୍ନା ଟ୍ରମ୍ପଙ୍କ ପାଣ୍ଠିକୁ ୮.୩ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଅଞ୍ଜନୀ ଆମେରିକା ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଥିବାବେଳେ ସଞ୍ଜୟଙ୍କୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଲାଭ ମିଳିଛି। ଏହି ପାଣ୍ଠି ସଂଗ୍ରହ ପାଇଁ ଟ୍ରମ୍ପଙ୍କ ଟିମ୍ ଅଲଗା ଅଲଗା ପନ୍ଥା ଆପଣାଇ ଥିଲା। ଏଥିରେ ସବୁଠୁ ଆଗରେ ମେକ୍ ଆମେରିକା ଗ୍ରେଟ ଏଗେନ (ମାଗା) ରହିଛି। ଏହ ପିଏସି ମାଧ୍ୟମରେ ରଣନୀତି ପାଇଁ ଟଙ୍କା ସଂଗ୍ରହ କରାଯାଉଛି। ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଟଙ୍କ ବ୍ୟୟ କରିଥାଏ। ସେହିପରି ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ୨୪୦ ନିୟୁତ ଡଲାର ସଂଗ୍ରହ କରାଯାଇଥିଲା। ଏହା ଆମେରିକା ଇତିହାସରେ ସର୍ବାଧିକ ଥିଲା। କେବଳ ସେତିକି ନୁହେଁ, ହ୍ୱାଇଟ ହାଉସରେ ନିର୍ମାଣ ହେଉଥିବା ବଲ୍‌ରୁମ୍ ପାଇଁ ମଧ୍ୟ ଟ୍ରମ୍ପ ଟଙ୍କା ନେଉଛନ୍ତି।

# ୧୮୮ ବର୍ଷ ପର୍ଯ୍ୟନ୍ତ ତ୍ରାହି ନାହିଁ

ନୂଆଦିଲ୍ଲୀ, ୨ ।୧୨(ଏଜେନ୍ସି): ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବାକୁ ବା ପ୍ରଦୂଷଣକୁ ହଟାଇବା ପାଇଁ ଭାରତକୁ ପାଖାପାଖି ଦୁଇ ଶତାବ୍ଦୀ ଲାଗିବ। ୧୫୦ଟି ଦେଶକୁ ନେଇ ଆମେରିକାର ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଚଳିତ ହାରରେ ଯଦି ଭାରତ ସ୍ୱଚ୍ଛଶକ୍ତି ବ୍ୟବହାର କରେ ତେବେ ଭାରତକୁ ପ୍ରଦୂଷଣ ମୁକ୍ତ ହେବାକୁ ୧୮୮ ବର୍ଷ ଲାଗିବ ବୋଲି କୁହାଯାଇଛି। ଅର୍ଥାତ ଶତ ପ୍ରତିଶତ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ



ଭାରତକୁ ଆହୁରି ପାଖାପାଖି ୧୮୮ ବର୍ଷ ଲାଗିବ। ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ହେଲେ ପ୍ରଦୂଷଣ ହାର କମିବ ବୋଲି କୁହାଯାଇଛି। ଅପରପକ୍ଷରେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚୀନ୍‌କୁ ୨୫ ବର୍ଷ ଲାଗିବ ଓ ଆମେରିକା

■ **ସ୍ୱଚ୍ଛ ଶକ୍ତି ନେଇ ଆସିଲା ନୂଆ ରିପୋର୍ଟ**

■ **ପ୍ରଦୂଷଣ ମୁକ୍ତ ହେବାକୁ ଭାରତକୁ ଲାଗିବ ଆହୁରି ୧୮୮ ବର୍ଷ**

୨୧୨୮ ବେଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବ। ବାୟୁ ପ୍ରଦୂଷଣ କାରଣରୁ ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏଥିରେ ଜୀବାଶ୍ମ ଇନ୍ଧନ ବ୍ୟବହାର ହିଁ ମୁଖ୍ୟ କାରଣ ବୋଲି କୁହାଯାଇଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବିଭିନ୍ନ ଯୋଜନା ଓ ନୀତିରେ ଉନ୍ନତ ଆଣିଲେ ପ୍ରଦୂଷଣ ଓ ଶକ୍ତି ସଂକଟକୁ ଆହୁରି ଭଲ ଭାବେ ସାମ୍ନା କରିହେବ। ଭାରତ ପୂର୍ବରୁ ସବୁଠାରୁ ପ୍ରଦୂଷିତ ଦେଶଗୁଡିକ ମଧ୍ୟରେ ସାମିଲ ରହିଛି। ବିଶ୍ୱର ସବୁଠାରୁ ୧୦୦ଟି ପ୍ରଦୂଷିତ ସହରଗୁଡିକ ମଧ୍ୟରୁ କେବଳ ୮୦ଟି ଭାରତରେ ହିଁ ରହିଛି। ଭାରତରେ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବିଭିନ୍ନ ଶିଳ୍ପାନୁଷ୍ଠାନ, ବାହନରୁ ବାହରୁଥିବା ଧୂଆଁ, ନିର୍ମାଣ କାର୍ଯ୍ୟରୁ ବାହରୁଥିବା ଧୂଳି, କୋଇଲା ଦ୍ୱାରା ଚାଲୁଥିବା ତାପଜ ବିଦ୍ୟୁତ କେନ୍ଦ୍ର, ଅଳିଆ ଆବର୍ଜନା ଜଳାଇବା ଓ ଗାଁ ଗହଳିରେ କାଠ ଜଳାଇ ଖାଦ୍ୟ ପ୍ରସ୍ତୁତ କରିବା। ତେଣୁ ସ୍ୱଚ୍ଛ ଶକ୍ତି ଓ ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ହେଲେ ଓ ପାରମ୍ପରିକ ଶକ୍ତିର ବ୍ୟବହାରକୁ ପରିହାର କଲେ ପ୍ରଦୂଷଣ କମିବ ଓ ବାୟୁମଣ୍ଡଳରେ ଶୁଦ୍ଧତା ଆସିବ। ସ୍ୱଚ୍ଛ ଶକ୍ତିର ଅର୍ଥ ହେଉଛି ଯାହାର ବ୍ୟବହାରରେ ବିଷାକ୍ତ ଗ୍ୟାସ ବାହାରୁ ନଥିବା। ଅକ୍ଷୟ ଶକ୍ତି ହେଉଛି ପ୍ରକୃତିରୁ ମିଳୁଥିବା ଶକ୍ତି। ଏହାର ଉଦାହରଣ ହେଉଛି ସୌର, ପବନ ଓ ଜଳ ଶକ୍ତି।

**ଜର୍ମାନୀରେ ରାହୁଲଙ୍କ ଅଭିଯୋଗ**

# ବିଜେପି ସମ୍ବିଧାନ ଶେଷ କରିବାକୁ ଚାହୁଁଛି

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜ ଜର୍ମାନୀ ଗସ୍ତରେ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ବିଜେପି ଭାରତର ସମ୍ବିଧାନକୁ ଶେଷ କରିବା ପାଇଁ ଷଡ଼ଯନ୍ତ୍ର କରୁଛି। ସବୁ ନାଗରିକଙ୍କୁ ସମାନ ଅଧିକାରୀ ଦେଉଥିବା ମୂଳ ଭାବନାକୁ ହଟାଇବାକୁ ଚାହୁଁଛି। ଭାରତର ପ୍ରତିଷ୍ଠାନଗୁଡ଼ିକୁ ବିଜେପି କବଜା କରିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁନାହାନ୍ତି।



ବିଜେପି ଭାରତର ସାଂଗଠନିକ ବ୍ୟବସ୍ଥାକୁ ଦଖଲ କରିସାରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଭଳି ଏଜେନ୍ସିଗୁଡ଼ିକୁ ରାଜନୈତିକ ଅସ୍ତ୍ରରେ ପରିଣତ କରାଯାଇଛି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଆକ୍ରମଣ କେବଳ ଭାରତ ଉପରେ ନୁହେଁ, ବରଂ ସାରା ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ। ବର୍ଲିନର ହର୍ଟି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ।

ରାହୁଲ କହିଥିଲେ ଯେ ବିଜେପି ଏହାର ରାଜନୈତିକ ଶକ୍ତି ବୃଦ୍ଧି ପାଇଁ ପ୍ରତିଷ୍ଠାନଗୁଡ଼ିକୁ ବ୍ୟବହାର କରୁଛି। ଏଜେନ୍ସି ମାଧ୍ୟମରେ ବିରୋଧୀ ଦଳକୁ ନିଶାଣ କରୁଛି। । ବିଜେପି ବିରୋଧରେ ଇଡି ଏବଂ ସିବିଆଇରେ କୌଣସି ମାମଲା ନାହିଁ। କିନ୍ତୁ ଅଧିକାଂଶ ବିରୋଧୀ ରାଜନେତାଙ୍କ ବିରୋଧରେ ମାମଲା ରହିଛି। ଅନ୍ୟପଟେ ରାହୁଲଙ୍କ ଏହି ମନ୍ତବ୍ୟକୁ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରାହୁଲ ବିଦେଶୀ ମାଟିରେ ଭାରତକୁ ବଦନାମ କରୁଛନ୍ତି। ତାଙ୍କୁ ବିରୋଧୀ ଦଳର ନେତା ନୁହେଁ, ଅପପ୍ରଚାରର ନେତା କହିବା ଉଚିତ। ସେ ବିଦେଶରେ ଭାରତ ବିରୋଧୀ ଲୋକଙ୍କ ଭେଟନ୍ତି। ମିଥ୍ୟା ଅଭିଯୋଗ ଏବଂ ପ୍ରଚାର ପ୍ରସାର ରାହୁଲଙ୍କ ପୂର୍ଣ୍ଣକାଳୀନ ବେଉସା ପାଲଟି ଯାଇଛି।

# ରାଜସ୍ଥାନରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ମନା

ଜୟପୁର, ୨୩।୧୨ (ଏଜେନ୍ସି): ରାଜସ୍ଥାନ ଜାଲୋରର ଏକ ପଞ୍ଚାୟତରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଏଠାକାର ୧୫ ଗ୍ରାମରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ବ୍ୟବହାର ଉପରେ କଟକଣା ଲଗାଇ ଦିଆଯାଇଛି। ପିଲାଙ୍କ ମୋବାଇଲ ବ୍ୟବହାର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଛି। କାରଣ ମହିଳା ଏବଂ ଝିଅଙ୍କୁ କ୍ୟାମେରା ଫୋନ ବଦଳରେ କିପ୍ୟାଡ ଫୋନ ବ୍ୟବହାର କରିବାକୁ କୁହାଯାଇଛି। ୨୬ ତାରିଖରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସମ୍ପ୍ରଦାୟର ବୋହୂ ଏବଂ ଅବିବାହିତ ଝିଅଙ୍କ ପାଇଁ ଏହି ନିୟମ ଲାଗୁ ହେବ। ଚୌଧୁରୀ ସମାଜର ସୁନ୍ଧମାତା ପଟ୍ଟିର ପଞ୍ଚାୟତ ୧୫ଟି ଗାଁ ପାଇଁ ଏହି ନିଷ୍ପତ୍ତି ନେଇଛି। କିନ୍ତୁ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ପାଠପଢ଼ା ପାଇଁ ଏହି ନିୟମରୁ ବାଦ୍ ଦିଆଯାଇଛି।

ପଞ୍ଚାୟତର ନିଷ୍ପତ୍ତି ଅନୁଯାୟୀ, ଏବେ ମହିଳାମାନେ ସ୍ମାର୍ଟଫୋନ୍ ବଦଳରେ କେବଳ କିପ୍ୟାଡ୍ ଫୋନ୍ ବ୍ୟବହାର କରିପାରିବେ। ବିବାହ, ସାମାଜିକ କାର୍ଯ୍ୟକ୍ରମ ଏବଂ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ସେମାନଙ୍କୁ ମୋବାଇଲ୍ ଫୋନ୍ ନେବାକୁ ମଧ୍ୟ ବାରଣ କରାଯିବ। ଏହି ନିଷ୍ପତ୍ତି ନେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ରବିବାର ଗାଜିପୁର ଗ୍ରାମରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୪ପଟ୍ଟିର ସଭାପତି ସୁଜନାରାମ ଚୌଧୁରୀ ଏହାର ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି ଯେ ଏହି ପ୍ରସ୍ତାବ ଦେବରାମ କର୍ଣ୍ଣୋଲଙ୍କ ପକ୍ଷରୁ ଦିଆଯାଇଥିଲା। ଆଲୋଚନା ପରେ ସମସ୍ତ ପଞ୍ଚ ଏଥିରେ ସହମତ ହୋଇଥିଲେ। ଏହା ଜାଲୋର ଜିଲ୍ଲାର ଗାଜିପୁରା, ପାୱଲି, କାଲଡା, ମନୋଜିଆବାସ, ରାଜିକାୱାସ, ଦାତଲାୱାସ, ରାଜପୁରା, କୋଡି, ସିଦ୍ରୋଡି, ଆଲଡି, ରୋପସି, ଖାନଦେୱଲ, ସାବିଧର, ଭିନମାଲ ଏବଂ ଖାନପୁର ଗ୍ରାମ ଉପରେ କାର୍ଯ୍ୟକାରୀ ହେବ।

ସୁଜନାରାମ ଚୌଧୁରୀ କହିଛନ୍ତି ଯେ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ଘରେ ସ୍ମାର୍ଟଫୋନ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ମହିଳାଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଲେ ପିଲାମାନେ ସେଗୁଡ଼ିକୁ ଅଧିକ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଆଖି ଉପରେ ଖରାପ ପ୍ରଭାବ ପକାଉଛି।ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଉଛି। ତେଣୁ ମୋବାଇଲ୍ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

# ଅଖଲାକ୍ ହତ୍ୟା ମାମଲାରେ ୟୁପି ସରକାରଙ୍କୁ ଝଟକା

ଲକ୍ଷ୍ନୌ, ୨୩।୧୨ (ଏଜେନ୍ସି): ଗ୍ରେଟର ନୋଏଡ଼ାର ବହୁ ଚର୍ଚ୍ଚିତ ଅଖଲାକ ମବ୍ ଲିଞ୍ଚିଂ (ଭିଡ଼ ହିଂସା) ମାମଲାରେ ସୁରଜପୁର ଜିଲ୍ଲା କୋର୍ଟ ବଡ଼ ରାୟ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ପ୍ରଶାସନ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଦୈନିକ ଆଧାରରେ ମାମଲାର ଟ୍ରାଏଲ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ଦେବା ପାଇଁ ଚାଲିଥିବା ପ୍ରୟାସକୁ ବଡ଼ ଝଟ୍‌କା ଲାଗିଛି। ଆଜି ଶୁଣାଣି ସମୟରେ ମାମଲା ପ୍ରତ୍ୟହାର ପାଇଁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ତେବେ କୋର୍ଟ ଏହାକୁ ଆଧାରହୀନ କହି ଖାରଜ କରିଦେଇଥିଲେ। ମାମଲା ପ୍ରତ୍ୟାହାର ପାଇଁ କୌଣସି ସ୍ପଷ୍ଟ ଆଇନଗତ ଆଧାର ନାହିଁ ବୋଲି କହିଥିଲେ। ଏହା ସହିତ ମାମଲାର ନ୍ୟାୟିକ ପ୍ରକ୍ରିୟା ଜାରି ରହିବ ଏବଂ ମାମଲାର ଶୁଣାଣି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଜାନୁଆରୀ ୬ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଖଲାକଙ୍କ ପରିବାରର ଓକିଲ ଏହି ରାୟକୁ

**ସମସ୍ତ ଅଭିଯୁକ୍ତଙ୍କ ମୁକ୍ତି ପାଇଁ ସରକାରଙ୍କ ପିଟିସନକୁ ଖାରଜ କଲେ କୋର୍ଟ**

ସ୍ୱାଗତ କରିଛନ୍ତି। କୋର୍ଟ ଉଦାହରଣ ସୃଷ୍ଟି କରିଛନ୍ତି ଏବଂ ପରିବାରକୁ ନ୍ୟାୟ ମିଳିଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ବିସାହାଡା ଅଖଲାକ ହତ୍ୟାକାଣ୍ଡ ସାରା ଦେଶରେ ଚର୍ଚ୍ଚାରେ ଥିଲା। ଏହାକୁ ନେଇ ସାମାଜିକ ଏବଂ ରାଜନୈତିକ ସ୍ତରରେ ବିତର୍କ ଲାଗି ରହିଥିଲା। ୨୦୧୫ ସେପ୍ଟେମ୍ବର ୨୮ରେ ଉତ୍ତର ପ୍ରଦେଶ ଦାଦରୀ ନିକଟସ୍ଥ ବିସାହଡ଼ା ସ୍ଥିତ ମହମ୍ମଦ ଅଖଲାକଙ୍କ ଗ୍ରାମରେ ଭିଡ଼ ଏକାଠି ହୋଇଥିଲେ। ସେ ବାଛୁରୀ କାଟି ମାଂସ ଖାଇଥିବା ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ଲୋକେ ହଙ୍ଗାମା କରିଥିଲେ। ତେଣୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଲୋକେ ଏଠାରେ ପିଟି ପିଟି ଅଖଲାକଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ୧୯ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଜେପି ନେତାଙ୍କ ପୁଅ ବିଶାଲ ରାଣା ଏବଂ ତା ସାଙ୍ଗ ସଗା ଶିବମ ମୁଖ୍ୟ ଅଭିଯୁକ୍ତ ଥିଲା। ଉଭୟଙ୍କ ବିରୋଧରେ ହତ୍ୟା, ଦଙ୍ଗା, ଧମକ ସମେତ ଅନେକ ମାମଲା ଲଗା ଯାଇଥିଲା। ଗତ ଅକ୍ଟୋବରରେ ସମସ୍ତଙ୍କ ବିରୋଧରେ ଲାଗିଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ସରକାର ଆବେଦନ କରିଥିଲେ।

# ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଜାମିନ

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ହାଇକୋର୍ଟ ତାକୁ ଜାମିନ ପ୍ରଦାନ କରିଛନ୍ତି। ଏହା ସହିତ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ସେଙ୍ଗରଙ୍କ ଦଣ୍ଡକୁ ଜଷ୍ଟିସ ସୁବ୍ରମଣ୍ୟନ ପ୍ରସାଦ ଏବଂ ହରୀଶ ବୈଦ୍ୟନାଥଙ୍କ ଖଣ୍ଡପୀଠ ହଟାଇ ଦେଇଛନ୍ତି। ଏହି ଦଣ୍ଡ ବିରୋଧରେ ସେଙ୍ଗର ଆବେଦନ କରିଥିଲେ। ୧୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହିତ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ସେ ପୀଡ଼ିତାଙ୍କଠାରୁ ୫ କିମି ଦୂରରେ ରହିବେ। ସବୁ ସୋମବାର ଥାନାରେ ହାଜର ହେବେ। ପାସପୋର୍ଟ ଜମା କରିବେ ଏବଂ ଦେଶ ଛାଡ଼ି ଯାଇପାରିବେ ନାହିଁ। ଗୋଟିଏ ବି ସର୍ତ୍ତ ଭାଙ୍ଗିଲେ ଜାମିନକୁ ରଦ୍ଦ କରିଦିଆଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ କୁଲଦୀପ ସେଙ୍ଗର ଏବଂ ତାଙ୍କ ସହଯୋଗୀ ୨୦୧୭ରେ ନାବାଳିକାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ। ସିବିଆଇ ଏହି ମାମଲାର ଯାଞ୍ଚ କରିଥିଲା। ଦିଲ୍ଲୀର ତିସ୍ ହଜାରି କୋର୍ଟ ୨୦୧୯ ଡିସେମ୍ବର ୨୦ରେ କୁଲଦୀପକୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରି ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରଖିବାକୁ କହିଥିଲେ। ୨୫ ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ଲଗାଇ ଥିଲେ। ଏହା ପରେ ସେଙ୍ଗରର ବିଧାନସଭା ସଦସ୍ୟତା ରଦ୍ଦ କରିଦିଆଯାଇଥିଲା। ବିଜେପି ତାଙ୍କୁ ଦଳରୁ ବାହାର କରି ଦେଇଥିଲା। ଏହି ମାମଲାର ତଦନ୍ତ ଏବଂ ଟ୍ରାଏଲ ଠିକ୍‌ରେ ହେଉ ନ ଥିବାରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲେ। ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରିଥିଲେ। ସେହିପରି ପୀଡ଼ିତା ଏବଂ ତାଙ୍କ ମାଆ କୋର୍ଟରେ ହାଜର ହେବାକୁ ଯାଉଥିବାବେଳେ ସେଙ୍ଗର ଗାଡ଼ି ଦୁର୍ଘଟଣାରେ ଉଭୟଙ୍କୁ ମାରିବାକୁ ଚେଷ୍ଟା କରିଥିଲା। ତେବେ ଉଭୟେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ବ୍ୟତୀତ ନାବାଳିକାଙ୍କ ପିତାଙ୍କୁ ପୁଲିସ ହେପାଜତରେ ମାରି ଦିଆଯାଇଥିଲା। ଏଭଳି ଜଘନ୍ୟ ମାମଲାରେ କୁଲଦୀପଙ୍କୁ ଜାମିନ ମିଳିଥିବାରୁ ଲୋକେ ରାୟକୁ ସମାଲୋଚନା କରୁଛନ୍ତି।

# ଦୁଇ ପିଲାଙ୍କୁ ମାରି ବାପା ଓ ଜେଜେମାଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୩।୧୨ (ଏଜେନ୍ସି): କେରଳ କନ୍ନୁର ଜିଲ୍ଲାର ରାମନଥାଲି ଗ୍ରାମରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ୨ ସନ୍ତାନଙ୍କୁ ହତ୍ୟା କରି ବାପା ଏବଂ ତାଙ୍କ ମା ଆତ୍ମହତ୍ୟା କରିଛନ୍ତି। ପିଲାଙ୍କ ହେପାଜତକୁ ନେଇ ସ୍ୱାମୀ ଏବଂ ଅଲଗା ରହୁଥିବା ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଚାଲିଥିଲା। ଏହି ହତ୍ୟାକାଣ୍ଡ ପୂର୍ବରୁ ୨ ସନ୍ତାନ ହିମା (୬) ଏବଂ କାନନ (୨) ନିଜ ବାପାଙ୍କ ପାଖରେ ରହୁଥିଲେ। ମାତ୍ର ଅଲଗା ହୋଇ ରହିଥିବା ସ୍ତ୍ରୀଙ୍କ ପାଖକୁ ସନ୍ତାନଙ୍କୁ ପଠାଇବାର ସମୟ ନିକଟତର ହେବାରୁ ସ୍ୱାମୀ କଲାଧରଣ କେଟି (୩୬) ସୋମବାର ରାତିରେ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଥିଲେ। ମାଆ ଉଷା (୫୬) ଏବଂ ପୁଅ ୨ ପିଲାଙ୍କୁ କ୍ଷୀରରେ ବିଷ ଦେଇ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ଘରୁ ବିଷାକ୍ତ କ୍ଷୀର ମିଳିଛି। ସୂଚନା ଅନୁଯାୟୀ, କଲାଧରନଙ୍କ ସ୍ତ୍ରୀ ନୟନତାରା ପିଲାଙ୍କ ହେପାଜତ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କୋର୍ଟ ସନ୍ତାନଙ୍କୁ ସ୍ତ୍ରୀଙ୍କ ପାଖକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ମଙ୍ଗୋଲିଆ ସୀମାରେ ଚୀନ୍‌ର ପରମାଣୁ ଅସ୍ତ୍ର ଭଣ୍ଡାର

ୱାସିଂଟନ, ୨୩।୧୨ (ଏଜେନ୍ସି): ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଚୀନ୍ ନିଜକୁ ଆଗରେ ରଖିବା ପାଇଁ ପ୍ରୟାସ ଜାରି ରଖିଛି। ଏହି କ୍ରମରେ କମ୍ୟୁନିଷ୍ଟ ରାଷ୍ଟ୍ର ବର୍ଷକୁ ପ୍ରାୟ ୧୦୦ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି। ଏହି ପରମାଣୁ ଅସ୍ତ୍ରଶସ୍ତ୍ର ଘାଟୀକୁ ନେଇ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟ ପେଣ୍ଟାଗନ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ନିଜ ପରମାଣୁ ପରମାଣୁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବାକୁ ପାଇଁ ଚୀନ୍ ମଙ୍ଗୋଲିଆ ସୀମା ନିକଟରେ ଏକ ସିଲୋ ତଥା ଉଚ୍ଚ ସୁରକ୍ଷା ବ୍ୟବସ୍ଥା ଥିବା ଭୂତଳ ଠିକଣା ନିର୍ମାଣ କରିଛି। ଭାରତ ସୀମାରୁ ପ୍ରାୟ ୨୫୦୦ କିମି ଦୂର ସ୍ଥିତ ସହର ୟୁମେନ୍ ଏବଂ ହାମିରେ ଚୀନ୍ ସର୍ବାଧିକ ପରମାଣୁ କ୍ଷେପଣାସ୍ତ୍ର ରହିଛି। ଚୀନ୍ ନିଜ ପରମାଣୁ କାର୍ଯ୍ୟକ୍ରମକୁ ହ୍ରାସ କରିବା ପରିବର୍ତ୍ତେ ବୃଦ୍ଧି କରିଚାଲିଛି।ଆମେରିକାର ଚାପ ସତ୍ତ୍ୱେ ୧୦୦ଟି ପରମାଣୁ କ୍ଷେପଣାସ୍ତ୍ରକୁ ଚୀନ୍ ଏକ ସିଲୋ ମଧ୍ୟରେ ଲୁଚାଇ ରଖିଛି। ଅଟୋମିକ ସାଇନ୍ସ ଜର୍ଣ୍ଣାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଏବେ ଚୀନ୍ ନିକଟରେ ୬୦୦ ପରମାଣୁ ଅସ୍ତ୍ର ରହିଛି। ଏହା ମଧ୍ୟରେ ୧୨ଟି ପରମାଣୁ ବୁଡ଼ାଜାହାଜ ସାମିଲ ରହିଛି। ଚୀନ ବର୍ଷକୁ ପ୍ରାୟ ୧୦୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରୁଛି। ଅଧିକାଂଶ ପରମାଣୁ ଅସ୍ତ୍ରକୁ ଏହି ଦେଶ ମଙ୍ଗୋଲିଆ କିମ୍ବା ଆଫଗାନିସ୍ତାନ ସୀମାରେ ନିର୍ମାଣ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ପରମାଣୁ ଅସ୍ତ୍ରଶସ୍ତ୍ର ଦୌଡ଼ରେ ଚୀନ୍ ରୁଷ ଏବଂ ଆମେରିକାକୁ ପଛରେ ପକାଇବାକୁ ଚେଷ୍ଟା କରୁଛି। ଏବେ ଆମେରିକା ଏବଂ ରୁଷ୍ ନିକଟରେ ୫୦୦୦ରୁ ଅଧିକ ପରମାଣୁ ଅସ୍ତ୍ର ଅଛି। ଭାରତ ପାଖରେ ୧୮୦ଟି ଏବଂ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଅସ୍ତ୍ର ରହିଛି। ଏସିଆରେ କେବଳ ଚୀନ୍, ଭାରତ ଏବଂ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରଖିଛନ୍ତି। ପୂର୍ବରୁ ଟ୍ରମ୍ପ ପରମାଣୁ ଅସ୍ତ୍ରଶସ୍ତ୍ରର ପୁନଃ ପରୀକ୍ଷଣ ଆରମ୍ଭ କରିବା ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଚୀନ୍ ଏବଂ ରୁଷ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନେଇଥିଲେ।

■ **ଚୀନ୍ ପାଖରେ ୬୦୦ ପରମାଣୁ ଅସ୍ତ୍ର**

■ **ବର୍ଷକୁ ୧୦୦ ପରମାଣୁ ଅସ୍ତ୍ର ନିର୍ମାଣ**

## ନୂଆବର୍ଷ ଓ ବଡ଼ଦିନ ପୂର୍ବରୁ ଗାଡ଼ି ଯନ୍ତ୍ରଣା

# ଆଗ ଚାଲାଣ; ପରେ ପ୍ରଦୂଷଣ ସାର୍ଟିଫିକେଟ୍

ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍ (ପିୟୁସିସି) ନବୀକରଣକୁ ନେଇ ଆରମ୍ଭ ହୋଇଛି ଲମ୍ବାଧାଡ଼ି। ରାଜ୍ୟ ପରିବହନ ବିଭାଗର ୧୫ ଦିନିଆ ମହଲତ ପରେ ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଆଜି ସବୁ ପିୟୁସି କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଅନେକ ଲୋକ ପଲ୍ୟୁସନ୍ ସାର୍ଟିଫିକେଟ୍ ନବୀକରଣ କରୁଥିବା ବେଳେ ଅଧିକାଂଶ ଲୋକ ନିଜର ପୁରୁଣା

- ପୁରୁଣା ଚାଲାଣ ଥିଲେ ହୋଇପାରୁନି ପିୟୁସି
- ପରିବହନ ବିଭାଗର ନିର୍ଦ୍ଦେଶ ପରେ ଲୋକେ ଛାନିଆ

ଚାଲାଣ ପାଇଁ ଫସି ରହିଛନ୍ତି। ଯେଉଁ ଗାଡ଼ି ମାଲିକମାନଙ୍କ ନାମରେ କୌଣସି ନିୟମ ଉଲ୍ଲଙ୍ଘନ ପାଇଁ ଚାଲାଣ ରହିଛି, ସେମାନେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ସାର୍ଟିଫିକେଟ୍ କରାଇବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଥମେ ନିଜର ଚାଲାଣ ଅନୁଯାୟୀ ଆର୍ଥିକ ଜରିମାନା ରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଛି। ପରିବହନ ବିଭାଗର ଏଭଳି ନିୟମ ଓ ଚାଲାକୀ ଯୋଗୁଁ ଏବେ ଯେଉଁମାନେ ଦୀର୍ଘ ଦିନ ହେବ ଚାଲାଣ ପାଇଁ ଜରିମାନା ଦେଇ ନ ଥିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିଛି।

ନିକଟରେ ରାଜ୍ୟ ପରିବହନ ବିଭାଗ ଯେଉଁମାନଙ୍କର ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ, ସେମାନଙ୍କୁ ପେଟ୍ରୋଲ ଟାଙ୍କିରେ ତେଲ ଦିଆଯିବ ନାହିଁ ବୋଲି ନିୟମ କରିଛି। ଆସନ୍ତା ଜାନୁଆରୀ ୧ ପର୍ଯ୍ୟନ୍ତ ଏହି ନିୟମ ବିଷୟରେ ସଚେତନ କରିବା ସହ ଏହାପରେ କଡ଼ାକଡ଼ି ନିୟମ ପାଳନ ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ଯଦି ଏହି କ୍ଷେତ୍ରରେ କେହି ନିୟମ ଉଲ୍ଲଙ୍ଘନ ଅର୍ଥାତ ପଲ୍ୟୁସନ୍ ସାର୍ଟିଫିକେଟ୍ ନ କରିଥାନ୍ତି, ତେବେ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ରାଶି ଆଦାୟ କରାଯିବା ନେଇ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି କଡ଼ା କଟକଣା ପରେ ଲୋକେ ଏବେ ପଲ୍ୟୁସନ୍ ସାର୍ଟିଫିକେଟ୍ କରାଇବା ପାଇଁ ଏହି କେନ୍ଦ୍ରଗୁଡ଼ିକ ନିକଟରେ ଧାଡ଼ି ଲଗାଇଛନ୍ତି। ମଙ୍ଗଳବାର ରାଜଧାନୀର ଅଧିକାଂଶ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନକାରୀ କେନ୍ଦ୍ର ଆଗରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଏପରି ସ୍ଥଳରେ ଭୁବନେଶ୍ୱରରେ ଟ୍ରାଫିକ୍ ଚାଲାଣ ବାବଦକୁ ଜରିମାନା ପୈଠ କେନ୍ଦ୍ରଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଅନେକ ଗାଡ଼ି ଚାଳକ ବିନା କାରଣରେ ଜରିମାନା ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ଟ୍ରାଫିକ୍ ଥାନା-୧ ନିକଟରେ ଜରିମାନା ପୈଠ କରିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ପୁରୀରେ ଜଣେ ବାଇକ୍ ଚାଳକ ଆଇନ ଉଲଘଂନ କରୁଛି। ହେଲେ ଭୁବନେଶ୍ୱରରେ ଥିବା କାର ମାଲିକଙ୍କ ପାଖକୁ ଚାଲାଣ ଆସିଛି। ପରିବହନ ବିଭାଗର ଏହି ବିଚିତ୍ର ବ୍ୟବସ୍ଥାକୁ ନେଇ ସେ ପ୍ରଶ୍ନ କରିବା ସହ ନୋ ପାର୍କିଂରେ ଗାଡି, ହେଲେ ବିନା ହେଲମେଟରେ ଫାଇନ୍ ଆସିଥିବା ସେ କହିଛନ୍ତି।




ଏମିତି ଫାଇନ ଆସୁଛି ଯେ କ'ଣ କରିବେ ବୋଲି ଉପାୟ ପାଇ ପାରୁନାହାନ୍ତି। ଚାକିରି କରିବେ ନା ଫାଇନ ଭରିବେ, ତାକୁ ନେଇ ଗାଡ଼ି ଚାଳକ ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ଏଭଳି ଚାଲାଣ କରିବା ଦ୍ୱାରା ପ୍ରାୟ ୩୧ ଲକ୍ଷ ଚାଲାଣ ପଡ଼ି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ପରବିନ ବିଭାଗ ଅଧିକାଂଶ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ହୋଇଥିବା ଜରିମାନା ରାଶିକୁ ଅଧାକୁ ହ୍ରାସ କରି ଏହି ଚାଲାଣ ପୈଠ କରିବାକୁ ଲୋକଙ୍କୁ ଉତ୍ସାହିତ କରିଥିଲା। ମାତ୍ର ଏଥିରେ ବି ଆଶାନୁରୂପ ସଫଳତା ନ ମିଳିବା ପରେ ଏବେ ପିୟୁସି ସାର୍ଟିଫିକେଟ୍‌କୁ ଆୟୁଧ କରାଯାଇଛି। ଯେହେତୁ ପିୟୁସିସି କରିବା ପାଇଁ ହେଲେ ଚାଲାଣ ପୈଠ କରିବା ବାଧ୍ୟତାମୂଳକ ରହିଛି, ତେଣୁ କିଛି ଲୋକ ଏବେ ଚାଲାଣ ବାବଦରେ ଜରିମାନା ରାଶି ପୈଠ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଚାଲାଣ ଓ ପିୟୁସି ପାଇଁ ବିଭିନ୍ନ ସ୍ଥାନରେ ଭିଡ଼ ହେବା ପରେ ଆଜି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଇ-ଚାଲାଣ ବକେୟା ଥିଲେ ପ୍ରଦୂଷଣ ଯାଞ୍ଚରେ ପ୍ରତିବନ୍ଧକ କଥା ପ୍ରଚାରିତ ହେଉଛି। ମାତ୍ର ଏଠାରେ ସ୍ପଷ୍ଟ କରାଯାଉଛି ଯେ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ (ନିୟମ ୧୬୭) ଅନୁଯାୟୀ ୯୦ ଦିନରୁ ଅଧିକ ଦିନ ଧରି ବକେୟା ଥିବା ଇ-ଚାଲାଣ ପାଇଁ ଏହା ଲାଗୁ ହୋଇଥାଏ। ୯୦ ଦିନରୁ କମ୍ ଦିନ ବକେୟା ଥିବା ଚାଲାଣ ପାଇଁ ବୈଧ ପ୍ରଦୂଷଣ ପତ୍ର ପାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ବିଭାଗ କହିଛି।

## ଓଏଚ୍‌ଆର୍‌ସିକୁ ଗଲା ପିୟୁସିସି ମାମଲା

ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଅଳ୍ପ ସମୟ ମଧ୍ୟରେ ସମସ୍ତ ଯାନର ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ କରିବା ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହାକୁ ପରିବର୍ତ୍ତନ କରି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହାର ସମୟ ସୀମାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ଦାଖଲ କରାଯାଇଛି। ପରିବହନ ବିଶେଷଜ୍ଞ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏହି ପିଟିସନ ଦାଖଲ କରି କହିଛନ୍ତି ଯେ, ମଟର ଯାନ ଆଇନ୍ ଅନୁସାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ମାତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଯେଉଁ ଗାଡ଼ି ଗୁଡିକର ପୁରୁଣା ମଟର ଯାନ ସଂପର୍କୀୟ ମାମଲା ଅଛି ତାହାର ଜୋରିମାନା ଦାଖଲ କଲାପରେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ କମିଶନଙ୍କ ନିକଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ଘୋଷଣା ଯୋଗୁଁ ସାରା ରାଜ୍ୟରେ ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ ଯାନବାହନ ମାଲିକ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିନା ପ୍ରଦୂଷଣରେ ଗାଡି ଚଳାଇଲେ ମୋଟର ଯାନ ଆଇନ୍ ଅନୁଯାଇ ୧୦ହଜାର ଟଙ୍କା ଫାଇନ୍ ଦେବାର ବ୍ୟବସ୍ଥା ଅଛି। କିନ୍ତୁ ସେହି ଆଇନ୍ ଅନୁସାରେ ଯଦି ୭ ଦିନ ଭିତରେ ପ୍ରଦୂଷଣ ପ୍ରମାଣ ପାତ୍ର ସେହି ଲୋକଟି ଦାଖଲ କରେ ତା ହେଲେ ତାହାର ପ୍ରଦୂଷଣ ଜୋରିମାନାକୁ କାଟିବାର ବ୍ୟବସ୍ଥା ଅଛି। ମାତ୍ର ରାଜ୍ୟ ସରକାର ଆଇନ୍‌କୁ ଉଲଙ୍ଘନ କରି ବିଭିନ୍ନ ଜାଗାରେ ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ବିଭିନ୍ନ ସମୟରେ ମଟର ଯାନ ଆଇନ୍‌ର ଧାରାକୁ ଉଲଂଘନ କରି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେଣୁ ଏହି ଘଟଣାରେ କମିଶନ ହସ୍ତକ୍ଷେପ କରି ଜୋରିମାନା ଥିଲେ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ୍ ଦେବାର ବ୍ୟବସ୍ଥା କରିବାକୁ ଏହି ପିଟିସନ୍‌ରେ ଉଲ୍ଲେଖ କରାଯାଇଛି।

## ୧୫୦ଟି ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସ ଗୁଡିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଉଅଛି। ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮ -ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା(ଇଏମଏଏସ-ଆମ୍ବୁଲାନ୍ସ) କ୍ରୟ କରାଯାଇଛି। ୪୨୮ ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ ଠାରେ ୧୫୦ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୨୮ ଟି ନୂଆ ୧୦୮ ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୧୯ ଟି ପୁରୁଣା ଆମ୍ବୁଲାନ୍ସ, ଦୁର୍ଘଟଣାରେ ସମ୍ପୂର୍ଣ ନଷ୍ଟ ହୋଇଯାଇଥିବା ୨ଟି ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇ ସେଗୁଡ଼ିକ ସ୍ଥାନରେ ନୂଆ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର/ଏୟାରଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ଟି ଏଏଲଏସ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ପାଇଁ ୨ଟି ଏଏଲଏସ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮-ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି।

- ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି

## ହାଇକୋର୍ଟରେ ମାମଲା ଖାରଜ

କଟକ,୨୩।୧୨(ସମିସ): ବିଧାନସଭାରେ ବିଧାୟକ ମାନଙ୍କର ଦରମା ଓ ଭତ୍ତାକୁ ଅହେତୁକ ବୃଦ୍ଧି କରାଯାଇଥିବା ନିଷ୍ପତ୍ତିକୁ ବିରୋଧ କରି ଦାୟର ମାମଲାର ଶୁଣାଣି ପାଇଁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଆଇନଜୀବୀ କବିତା ପାତ୍ରଙ୍କ ତରଫରୁ ଦାୟର ଏହି ମାମଲାକୁ ଖାରଜ କରିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ। ମାମଲା ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କୁ ଅବଗତ କରିଥିଲେ ଯେ, ଓଡିଶା ବିଧାନସଭାରେ ପାରିତ ହୋଇଥିବା ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତିକୁ ଚାଲେଞ୍ଜ କରି ଏହି ମାମଲା ଦାୟର ହୋଇଛି। ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇନଥିବା ବେଳେ ଏହାକୁ ଚାଲେଞ୍ଜ କରି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଆଚାର୍ଯ୍ୟ ସୁପ୍ରିମକୋର୍ଟ ଓ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରିଥିଲେ। ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଶେଷ ଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ ଲକ୍ଷ ଟଙ୍କା ପାଇବେ ବୋଲି ବିଧାନସଭାରେ ସର୍ବସମ୍ମତ ନିଷ୍ପତ୍ତି ଓ ବିଲ ଗୃହୀତ ହୋଇଥିଲା। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତିମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ହାଇକୋର୍ଟରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଏଏସ୍‌ଆଇର ସତ୍ୟପାଠ

## ଏସ୍‌ଓପି ପରେ ଗଣତିମଣତି

କଟକ, ୨୩।୧୨ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଏସ୍‌ଆଇ ପକ୍ଷରୁ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇ ସରିଛି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏହା ଚୂଡ଼ାନ୍ତ ହୋଇ ନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବେ ବୋଲି ଆଡଭୋକେଟ ଜେନେରାଲ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୬ଜାନୁଆରି୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟ ସାର୍ବଜନୀନ କରିବା ଓ ରତ୍ନଭଣ୍ଡାର ମରାମତି ସହ ରତ୍ନ ଅଳଙ୍କାରର ଗଣତିମଣତିକୁ ନେଇ ଏହି ମାମଲା ରୁଜୁ ହୋଇଛି। ଚାବି ହଜିବା ଘଟଣାରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିସନ ରିପୋର୍ଟ ଅଦ୍ୟାବଧି ସାର୍ବଜନୀନ ହୋଇନଥିବାରୁ ଏହାର ବର୍ତ୍ତମାନର ସ୍ଥିତି ନେଇ ଆବେଦନକାରୀ ଉଠାଇଥିବା ପ୍ରସଙ୍ଗ ଉପରେ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ ବୋଲି ଜଣାପଡ଼ିଛି। ପ୍ରକାଶଥାଉକି, ଏହି ମାମଲାରେ ରାଜ୍ୟ ସରକାର ପୂର୍ବରୁ ଦେଇଥିବା ସତ୍ୟପାଠରେ ତଦନ୍ତ କମିସନ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ବୋଲି ଜଣାଇଥିଲେ। ପୁନର୍ବାର ଆଉ ଏକ ସତ୍ୟପାଠରେ ତଦନ୍ତ କମିସନଙ୍କ ରିପୋର୍ଟ ସାର୍ବଜନିନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ମଧ୍ୟ ଜଣାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ଅନିଶ୍ଚିତତାରେ ପରୀକ୍ଷା, ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୨୩।୧୨(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ମାମଲା ଧରା ପଡ଼ିବା ପରେ ପରୀକ୍ଷାକୁ ନେଇ ସୃଷ୍ଟି ହୋଇଛି ଅନିଶ୍ଚିତତା। ବିଜ୍ଞପ୍ତି ପ୍ରକାଶ ପାଇବାର ବର୍ଷେ ପୂରିବାକୁ ଯାଉଥିବାବେଳେ ପରୀକ୍ଷା କେବେ ହେବ, ସେ ନେଇ ସରକାର ମୁହଁ ଖୋଲୁ ନାହାନ୍ତି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଅଧିକାରୀ ଓ ବୋର୍ଡ ସଦସ୍ୟମାନେ ସିବିଆଇ ସ୍କାନରରେ ଥିବାରୁ ସେମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଏପରିକି ପରୀକ୍ଷା କରିବାକୁ କୌଣସି ପ୍ରକାର ଆଗ୍ରହ ମଧ୍ୟ ପ୍ରକାଶ କରୁ ନାହାନ୍ତି। ଏପରି ଅନିଶ୍ଚିତତା ମଧ୍ୟରେ ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ କରାଯିବ ବୋଲି ଓପିଆର୍‌ବି ପକ୍ଷରୁ ସୂଚନା ଦିଆଯାଇଛି।

- ଓପିଆର୍‌ବି ଓ ସରକାରଙ୍କ ନିରବତା ନେଇ ପ୍ରଶ୍ନ
- ତୁରନ୍ତ ପରୀକ୍ଷା କରିବାକୁ ଆଶାୟୀଙ୍କ ଦାବି

ସୂଚନା ଅନୁସାରେ ପୂର୍ବରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ୍ କରାଯାଇ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ପୁଣିଥରେ ମୂଳରୁ ଆରମ୍ଭ କରାଯିବ। ଏଥିପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ କରାଯିବ। ଓପିଆର୍‌ବି ପକ୍ଷରୁ ଏ ନେଇ ଅଧିକାରିକ ଭାବେ ସୂଚନା ମଧ୍ୟ ଦିଆଯାଇଛି। ପରୀକ୍ଷା ସମ୍ବନ୍ଧୀୟ ଏକ ଅଭିଯୋଗ ଉପରେ ଓପିଆର୍‌ବି ପକ୍ଷରୁ କୁହାଯାଇଛି ଯେ, ପୁଲିସ୍ ନୂତନ ବିଜ୍ଞପ୍ତି ପ୍ରକାଶ କରି ପୁନଃ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ। ଓପିଆର୍‌ବି ଏସ୍‌ପିଙ୍କ ପକ୍ଷରୁ କଟକ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପିଙ୍କୁ ଗତ ୧୫ ତାରିଖରେ ଏନେଇ ମଧ୍ୟ ଅବଗତ କରାଯାଇଛି। ଓପିଆର୍‌ବିର ଏହି ଚିଠି ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ପରୀକ୍ଷାକୁ ବିଳମ୍ବିତ କରିବା ପାଇଁ ଜାଣିଶୁଣି ଓପିଆର୍‌ବି ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ପାଇଥିବା କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଆବେଦନକାରୀଙ୍କ ତଥ୍ୟ ସମ୍ପୃକ୍ତ କମ୍ପାନୀ ଆଇଟିଆଇ ଲିମିଟେଡ୍ ଓ ଓପିଆର୍‌ବି ପାଖରେ ଅଛି। ଟେଣ୍ଡର ନିୟମ ଅନୁଯାୟୀ ସମସ୍ତ ତଥ୍ୟ ଦେବାକୁ କମ୍ପାନୀ ବାଧ୍ୟ। ତେଣୁ ନୂତନ ଟେଣ୍ଡର କରି ଅଭିଜ୍ଞତା ସମ୍ପନ୍ନ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଇପାରିବ। ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନ ନେଇ ପ୍ରାୟ ଦେଢ଼ ଲକ୍ଷ ଆଶାୟୀଙ୍କ ଜୀବନ ସହ ସରକାର ଓ ଓପିଆର୍‌ବି ଖେଳୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ସିବିଆଇ ତଦନ୍ତରେ ଓପିଆର୍‌ବି ଅଧିକାରୀଙ୍କ ସମେତ ଆଉକିଛି ବଡ଼ବାବୁ ଆକ୍ରାମାକ୍ରା ହୋଇଛନ୍ତି। ଓପିଆର୍‌ବି ଏସ୍‌ପିଙ୍କୁ ସିବିଆଇ ଜେରା କରିଥିବାବେଳେ ଅନ୍ୟ ଅଧିକାରୀଙ୍କ ପାଳି କୌଣସି ମୁହୂର୍ତ୍ତରେ ମଧ୍ୟ ଆସିପାରେ। ଏଣୁ ସେମାନେ ପରୀକ୍ଷାକୁ ତ୍ୱରାନ୍ୱିତ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ପରୀକ୍ଷା ତ୍ୱରାନ୍ୱିତ କରିବାକୁ ସରକାର ମଧ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରୁ ନାହାନ୍ତି। ଫଳରେ ଅଧିକାରୀମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଗତ ମାସରେ ଆଶାୟୀମାନେ ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତ୍ୱରିତ ପରୀକ୍ଷା କରିବାକୁ ଦାବି କରିଥିଲେ। ହେଲେ ମଧ୍ୟ ସରକାର ବା ଓପିଆର୍‌ବି କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଯୋଜନା କରୁଛନ୍ତି। ପୁଣି ସମସ୍ତ ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ସରକାର ଓଡ଼ିଶା ୟୁନିଫର୍ମ କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ଗଠନ କରିଥିବାରୁ ବିଜ୍ଞପ୍ତି ବାତିଲ୍ ହେଲେ ଓପିଆର୍‌ବି କିପରି ଏହି ପରୀକ୍ଷା ପରିଚାଳନା କରିବ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବସଷ୍ଟାଣ୍ଡ ପାଇଁ ଗଛ ବଳି

## ଏନ୍‌ଜିଟିରେ ଶୁଣାଣି ଆରମ୍ଭ

ବାରିପଦା, ୨୩।୧୨(ସମିସ): ପାଲବଣୀଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। କୋଲକତାସ୍ଥିତ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପୋର୍ଟ ମେମ୍ବର ଇଶ୍ୱର ସିଂ ଆଜି ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଆବେଦନକାରୀ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଓ ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସରକାରୀ ଆଇନଜୀବୀ ଓ ପ୍ରମୋଦଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି। ପ୍ରତିପକ୍ଷ ସେମାନଙ୍କର ସମସ୍ତ ତଥ୍ୟ ଉପସ୍ଥାପନ ସହ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୬ ତାରିଖରେ କରାଯିବ ବୋଲି କୋର୍ଟ ସିଦ୍ଧାନ୍ତ ନେଇଥିବା ନେଇ ଆଇନଜୀବୀ ଶ୍ରୀ ପାଣି କହିଛନ୍ତି।

# ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ୨୨ ମାଓବାଦୀ



ମାଲକାନଗିରି, ୨୩।୧୨ (ସମିସ): ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ମାଓବାଦୀ। ମାଲକାନଗିରି ଜିଲ୍ଲା ପୁଲିସ ନିକଟରେ ଆଜି ୨୨ଜଣ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ମେମ୍ବର (ଡିଭିସିଏମ୍) ରହିଥିବା ବେଳେ ୬ଜଣ ଏରିଆ କମିଟି ମେମ୍ବର (ଏସିଏମ୍) ଏବଂ ୧୫ଜଣ ପାର୍ଟି ମେମ୍ବର୍ ରହିଛନ୍ତି। ଆତ୍ମସମର୍ପଣ ବେଳେ ସେମାନେ ୧୪ଟି ଲ୍ୟାଣ୍ଡମାଇନ୍ ବୋମା ସହ ଗୋଟିଏ ଏକେ-୪୭, ଗୋଟିଏ ଏସ୍‌ଏଲ୍‌ଆର୍ ବନ୍ଧୁକ, ୨ଟି ଇନସାସ୍ ରାଇଫଲ୍, ୩ଟି ୩୦୩ ରାଇଫଲ୍, ଦୁଇଟି ସିଙ୍ଗଲ୍-ବୋର୍ ରାଇଫଲ୍, ୯ଟି ମାଗାଜିନ୍, ୧୫୦ଟି ଗୁଳି, ୨୦ କେଜି ବିସ୍ଫୋରକ, ୧୩ଟି ଉନ୍ନତ ବିସ୍ଫୋରକ, ଜିଲେଟିନ୍ ଷ୍ଟିକ୍, କୋଡେକ୍ସ ତାର ଏବଂ ମାଓବାଦୀ ପୁସ୍ତକ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିବା ଏହି ମାଓବାଦୀମାନେ ପୁଲିସ୍ ଡିଜି ୱାଇ.ବି ଖୁରାନିଆଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି।

ସେମାନେ ହେଲେ, ଡିଭିସିଏମ ସଦସ୍ୟ ମୁଯେ ମାଡକମ ଓରଫ ଲିଙ୍ଗେ(୪୫), ଏସିଏମ କମାଣ୍ଡର ବାମନ ମାଡକାମି (୨୭), ମୁକ୍କା ମୁଚାକି(୨୨), ଆଇତୁ ଆଭଲାମି(୨୬), କୋସା କାବାସି(୨୫), ବାଟି ମାଡକାମ(୨୨), ଯୋଗୀ ମୁଚାକି(୧୯), ପାର୍ଟି ମେମ୍ବର ରୀତା ପଡିଆମି (୨୨), ଯୋଗୀ ସୋଡି (୧୮), ଭୀମେ କାଲମୁ (୨୦), ମଙ୍ଗଳି ବାଞ୍ଜାମି (୨୪), ଜଗା ମୁଚାକି (୨୩), ଆଡମେ ମୁଚାକି (୧୮), ମାଡଲି କୋସା (୨୨), କୁଞ୍ଜାମ କର୍ରା (୨୫), ମାଡା ମାଡଲି (୩୦), ମୁଚାକି ଆଡମା (୧୯), ଦେବା ମାଡଲି (୩୫), ଅର୍ଜୁନ ମାଡଲି (୩୫), ସାନ୍ନା ପୁନେମ (୨୫), ସୋମେୟ ମିଡିଆମ (୧୯) ଏବଂ ବୁଦ୍ରି ମିଡିଆମ (୨୫)। ଏମାନଙ୍କ ମୁଣ୍ଡ ଉପରେ ୧କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହି ପୁରସ୍କାର ରାଶି ସେମାନଙ୍କୁ ହସ୍ତାନ୍ତର କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ତରଫରୁ ୨୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଅନ୍ୟ ନକ୍ସଲମାନଙ୍କୁ ମଧ୍ୟ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି ଏସ୍‌ଆଇଡବ୍ଲୁ ଅଖିଳେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ବି.କେ ସିଂ, ବିଏସଏଫ ଡିଆଇଜି ବିଜୟ ସିଂ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଏସପି ଆର.କେ ଦାସ ଓ ପ୍ରମୋଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁର ଶବ ଧରି ଡାକ୍ତରଖାନା ବାରଣ୍ଡାରେ ୧୭ ଘଣ୍ଟା

ଟିଟିଲାଗଡ଼,୨୩।୧୨(ସମିସ): ଅଭିଯୋଗ କରିବାରୁ ନିର୍ଯାତନା। ଶିଶୁର ବ୍ୟବଚ୍ଛେଦ ଆଳରେ ଜଣେ ମା'କୁ ହାଡ଼ଭଙ୍ଗା ଶୀତରେ ୧୭ ଘଣ୍ଟା ଧରି ଡାକ୍ତରଖାନା ବାରଣ୍ଡାରେ ଅପେକ୍ଷା କରିବାକୁ ବାଧ୍ୟ କରାଯିବା ଭଳି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଏଭଳି ଏକ ଘଟଣା ଘଟିଛି।

ସୂଚନାନୁଯାୟୀ, ସିନ୍ଧେକେଲା ଥାନା ଦେହେଲି ଗ୍ରାମର ପୂର୍ଣ୍ଣ ସାହୁ ଓ ତାଙ୍କ ସ୍ତ୍ରୀ ଜାହ୍ନବୀଙ୍କ ୨ବର୍ଷର ଶିଶୁପୁତ୍ର ଅବିନାଶ ଅସୁସ୍ଥ ହୋଇପଡ଼ିଥିଲା। ତାକୁ ଚିକିତ୍ସା ଲାଗି ପ୍ରଥମେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ରହିବାରୁ ଅଧିକ ଚିକିତ୍ସା ଲାଗି ଟିଟିଲାଗଡ଼ ମାତୃ ଓ ଶିଶୁ(ଏମ୍‌ସିଏଚ୍) ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶିଶୁଟିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ହୋଇଛି ବୋଲି ପରିବାରଲୋକ ଅଭିଯୋଗ କରିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ସେମାନଙ୍କ ଉପରେ ଦାଉ ସାଧିଥିଲେ ବୋଲି ଅଭିଯୋଗ ହୋଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ଘରକୁ ଯିବାକୁ ଅନୁମତି ଦେଇନଥିଲେ। ଶିଶୁର ବ୍ୟବଚ୍ଛେଦ ପରେ ଘରକୁ ଯିବାକୁ ଅନୁମତି ଦିଆଯିବ ବୋଲି କହି ଅହେତୁକ ବିଳମ୍ବ କରାଯାଇଥିଲା। ଏଥିଯୋଗୁଁ ଏହି ଦମ୍ପତି ସଂଧ୍ୟା ୭ଟାରୁ ମୃତ ଶିଶୁପୁତ୍ରକୁ ଧରି ଡାକ୍ତରଖାନା ବାରଣ୍ଡାରେ ଦୀର୍ଘ ୧୭ ଘଣ୍ଟା ପଡ଼ି ରହିଥିଲେ। ଖବର ପାଇ ପୁଲିସ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ଘଟଣା ପ୍ରଘଟ ହୋଇଥିଲା। ଶେଷରେ ମୃତ ଶିଶୁର ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।



# ମଣ୍ଡିରେ ଖରିଫ ଧାନକ୍ରୟ ଆରମ୍ଭ ପାଇଁ ବିଜେଡିର ଦାବି

## କାର୍ଯ୍ୟକାରୀ ନହେଲେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରାଉ ଚେତାବନୀ



ଜୟପୁର,୨୩।୧୨(ସମିସ): ଚଳିତ ବର୍ଷ ମଣ୍ଡିରେ ଚାଷୀଙ୍କ ଅମଳ ଖରିଫ ଧାନ କ୍ରୟ ନେଇ ସାରା ରାଜ୍ୟରେ ସରକାର ଓ ପ୍ରଶାସନ ଏକ ପ୍ରକାଶ ବିଫଳ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରେ ମଧ୍ୟ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ସୁଦ୍ଧା ଧାନ କ୍ରୟ ହୋଇପାରୁନାହିଁ। ଏହି ସମସ୍ୟା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଅବହେଳା କରିଥିବା ନେଇ ବିଜୁ ଜନତା ଦଳ ପକ୍ଷରୁ ଆଜି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହିପରି ଚାଷୀ ମାନେ ଟୋକେନ ନ ପାଇବା ସହିତ ମଣ୍ଡିକୁ ନିର୍ଦ୍ଧାରିତ ଦିବସରେ ଧାନ ଆଣି ଜମା କରିଥିଲେ ସୁଦ୍ଧା ଚାଷୀଙ୍କ ଧାନ କ୍ରୟ ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୭୨ ଘଣ୍ଟା ମଧ୍ୟରେ ମଣ୍ଡିରେ ଚାଷୀଙ୍କ ଧାନ କ୍ରୟ ନକଲେ ଆସନ୍ତା ୨୬ ତାରିଖରେ ବିଜେଡି ଦଳ ପକ୍ଷରୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ସହିତ ଧାରଣା ଦିଆଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀର ଆବାହକ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦ ଚେତାବନୀ ଦେଇଛନ୍ତି। ଏହିରରି ଗତ ୧୧ ତାରିଖରୁ ବୋରିଗୁମ୍ମା ଠାରେ ଧାନ ମଣି ଉଦଘାଟନ ହୋଇଥିଲେ ସୁଦ୍ଧା ଦୀର୍ଘ ୧୩ ଦିନରୁ ଊନର ହୋଇଗଲାଣି ଚାଷୀ ଏକ କିଲୋଗ୍ରାମ ମଧ୍ୟ ଧାନ କ୍ରୟ ହୋଇପାରିନାହିଁ। ଏହିପରି ଚାଷୀ ମାନେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନ କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହିପରି ଅତିଶିଘ୍ର ଧାନ କ୍ରୟ କରାଯିବ ବୋଲି ଏହିପରି କଷ୍ଟମ ମିଲର୍ସ ମାନଙ୍କ ସହିତ ଚୁକ୍ତିନାମା ମଧ୍ୟ ଚାଲିଥିବା ବେଳେ କୌଣସି ସମସ୍ୟା ନେଇ ନାହିଁ ବୋଲି ପ୍ରତିଶୃତି ଦେଇଥିଲେ। ଏହିପରି କୋରାପୁଟ ଠାରେ ଚାଷୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ ବେଳେ ମଣ୍ଡିରେ ଧାନ କ୍ରୟ କରିବା ନେଇ ଅନୁରୋଧ କରିଥିଲେ। ସେହିପରି କଷ୍ଟମ ମିଲ ମାଲିକ ମାନେ କଟନୀ ଛଟନୀ ନାମରେ ଚାଷୀ ମାନଙ୍କୁ ଶୋଷଣ କରୁଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହିପରି ଚାଷୀ ନିମ୍ନମାନର ଧାନ ଦେଉଛନ୍ତି। ତେବେ ମିଲ ମାଲିକ ମାନେ ପୁଣି ଏହାକୁ ମିଳିଂ କରିବା ପରେ ସରକାରଙ୍କ ଚାଉଳ ଫେରାଉଛନ୍ତି ଏହା କିପରି ଉନ୍ନତମାନର ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ପ୍ରଶ୍ନ କରିଥିଲେ। ଏହିପରି ମିଲର୍ସଙ୍କ ସହିତ ପ୍ରଶାସନ ସଲାସୁତରା ବନ୍ଦ କରିବା ସହିତ ମଣ୍ଡିର ଚାଷୀଙ୍କ ଧାନ ଖୁବଶିଘ୍ର କ୍ରୟକରନ୍ତୁ। ଏହିପରି ଆସନ୍ତା ୨୬ ତାରିଖରେ ଜିଲ୍ଲା ମୁଖ୍ୟ ଯୋଗାଣ କାର୍ଯ୍ୟାଳୟ ଘେରଉ ପରେ ପ୍ରଶାସନର ଚେତା ନ ପଶିଲେ ଆଗାମୀ ଦିନରେ ବିଜେଡି ଦଳ ଏବଂ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ବାଲାରାୟ, ବାଲଙ୍କି ରାଓ, ପୂର୍ବତନ କାଉନସିଲର ଏ. ଶ୍ରୀନିବାସ ରାଓ, ଟୁନା ରଥ ପ୍ରମୁଖ ଉପସ୍ଥିତ ଥିଲେ।

## 'ପରବ'ରେ ସେମିଳିଗୁଡ଼ା ବ୍ଲକ୍‌କୁ ପ୍ରଥମ ପୁରସ୍କାର



ସେମିଳିଗଡ଼ା,୨୩।୧୨(ସମିସ): ଆଦିବାସୀ କଳା ସଂସ୍କୃତି ବଜାୟ ରଖିବା ଉଦ୍ଦେଶ୍ୟରେ ଜିଲ୍ଲା ସାଂସ୍କୃତିକ ବିଭାଗ ପକ୍ଷରୁ ଆୟୋଜିତ କୋରାପୁଟ 'ପରବ -୨୦୨୫' ରେ ସେମିଳିଗୁଡା ବ୍ଲକ୍‌କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ରାତିରେ ଉଦ୍‌ଯାପିତ କାର୍ଯକ୍ରମରେ ବ୍ଲକ୍ ସ୍ତରୀୟ ପରବ ପାଳନ ନିମନ୍ତେ ପୁରସ୍କାର ଘୋଷଣା କରିଥିଲେ। ବିଭିନ୍ନ କାର୍ଯ୍ୟରେ ଶ୍ରେଷ୍ଠ ବିବେଚିତ ବ୍ଲକ ବନ୍ଧୁଗାଁ ବ୍ଲକ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଆୟୋଜନ ଓ ପାଳନ ପାଇଁ ସେମିଳିଗୁଡା ବ୍ଲକ୍ ପ୍ରଥମ ପୁରସ୍କାର ପାଇଥିବା ବେଳେ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟା ବିରିୟା ଓ କିଛି ଜନପ୍ରତିନିଧି ଉକ୍ତ ପୁରସ୍କାରକୁ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମ ଚାନ୍ଦ୍ର କାଡାମ , କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରଦାନ କରିଥିଲ। ଜୟପୁର ଏବଂ କୋରାପୁଟକୁ ଦ୍ୱିତୀୟ ଏବଂ କୋରାପୁଟ ପୌରପରିଷଦକୁ ଶ୍ରେଷ୍ଠ ପୌର ପରିଷଦ ଭାବେ ସମ୍ମାନିତ କରାଯାଇଥିଲା। ରାହାଗିରି ପାଇଁ ଜୟପୁର ପୌର ପରିଷଦ ସମ୍ମାନିତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କୁ ଉପଢୌକନ "ପରବ' ସ୍ମାରକୀ ପ୍ରଦାନ କରି ସମ୍ମାନିତ କରାଯାଇଥିବା ବେଳେ ସେମିଳିଗୁଡା ସମିତି ଅଧ୍ୟକ୍ଷା ଲିଲି ଅଣ୍ଟା ବିରିୟାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। 'ପରବ'ରେ ସେମିଳିଗୁଡା ବ୍ଲକକୁ ପ୍ରଥମ ପୁରସ୍କାର ପାଇଥିବାରୁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିଣ୍ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର୍ ବେହେରା, ଅଧ୍ୟକ୍ଷା ଲିଲି ଅଣ୍ଟା ବିରିୟା, ଉପାଧ୍ୟକ୍ଷ ଶିବା ବଙ୍ଗର ପ୍ରମୁଖ ବ୍ଲକ୍ ଜନପ୍ରତିନିଧି କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଧାନମଣ୍ଡିର ଶୁଭାରମ୍ଭ



କୋଷାଗୁମୁଡା,୨୩।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ସ୍ଥିତ ଆରଏମ୍‌ସି ମାର୍କେଟ ପରିସରରେ ଆଜି ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ କୋଷାଗୁମୁଡା ଲ୍ୟାମ୍ପସ ସଭାପତି ହରିହର ଭଣ୍ଡାରୀ, ଲ୍ୟାମ୍ପସ ଏମ୍‌ଡି ପ୍ରଣବ ମହାନ୍ତି, ଲୁଲୁ ଷଡ଼ଙ୍ଗୀ, କୋଷାଗୁମୁଡା ଏମ ପି ପ୍ରତିନିଧି ସୁରେଶ ପାତ୍ର, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, କୋଷାଗୁମୁଡା ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ମୋତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକଡ଼, ମଙ୍ଗଳ ସିଂ ହଲବା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟଙ୍କ ସମେତ ବ୍ଲକ ସଦର ମହକୁମାର ବୁଦ୍ଧିଜୀବୀ ଓ ଲୋକିମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ଓଜନ ଯନ୍ତ୍ରକୁ ନଡ଼ିଆ ଭାଙ୍ଗି ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋଷାଗୁମୁଡା ଲ୍ୟାମ୍ପସ କଲ୍ୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହାଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ଆରଏମ୍‌ସି ପରିସର ମଧ୍ୟରେ ଧାନମଣ୍ଡିର ଶୁଭ ଉଦ୍‌ଘାଟନ କରିଛନ୍ତି । ଧାନମଣ୍ଡି ଉଦ୍‌ଘାଟନ ହେବାପରେ ଚାଷୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳିଛି।

## ବିଦ୍ୟାଳୟସ୍ତରୀୟ କ୍ରିକେଟ୍‌ରେ ପ୍ରକାଶ ବିଦ୍ୟାଳୟ ଚାମ୍ପିଅନ୍

ଜୟପୁର,୨୩।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ପ୍ରକାଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ କିକ୍ରେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ଆୟୋଜକ ପ୍ରକାଶ ବିଦ୍ୟାଳୟ ଚାମ୍ପିଅନ୍ ହେବା ସହିତ ଟ୍ରଫି ହାସଲ କରିଛି। ପ୍ରକାଶ ବିଦ୍ୟାଳୟ ଖେଳପଡିଆ ଠାରେ ଆଜି ଅନୁଷ୍ଠିତ ପାଇନାଲ ମ୍ୟାଚରେ ପ୍ରକାଶ ବିଦ୍ୟାଳୟ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ଓଭରରେ ୧୫୬ରନ ସଂଗ୍ରହ କରିଥିଲେ ଏବଂ ବିଜୟ ଲକ୍ଷ୍ୟ ନେଇ ସ୍ଥାନୀୟ ଦିପ୍ତୀ କନଭେଣ୍ଟ ସ୍କୁଲ ମାତ୍ର ୪୧ ରନ ସଂଗ୍ରହ କରିବା ସହ ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଫଳରେ ଆୟୋଜକ ପ୍ରକାଶ ବିଦ୍ୟାଳୟ ୧୧୬ ବିଶାଳ ରନ ବ୍ୟବଧାନରେ ବିଜୟୀ ହୋଇଛି। ଆଜିର ମ୍ୟାଚରେ ବିଜୟୀ ପ୍ରକାଶ ବିଦ୍ୟାଳୟର ଖେଳାଳି ଓମ ଲାମା ମ୍ୟାନ୍ ଅଫ୍ ଦି ମ୍ୟାଚ, ଶ୍ରେଷ୍ଠ ବୋଲର ସହିତ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ବ୍ୟାଟ୍‌ସ ମ୍ୟାନ ଭାବେ ବିଜୟୀ ଦଳ ଅଧିନାୟକ ବର୍ଣରାଜ ବେହେରା, ଶ୍ରେଷ୍ଠ ଫିଲଡର ଭାବେ ଦିପ୍ତୀ କନଭେଣ୍ଟ ସ୍କୁଲର ଖେଳାଳି ଲିଖିତ ପାଣିଗ୍ରାହୀ ଏବଂ ଶ୍ରେଷ୍ଠ ଖେଳାଳି ଉକ୍ତ ବିଦ୍ୟାଳୟର ବିରାଟ ପଟ୍ଟନାୟକ ଏବଂ ମଡେର୍ଣ୍ଣ ସ୍କୁଲର ସୁଜିତ କୁମାର, ଶୃଙ୍ଖଳିତ ଦଳ ଭାବେ ବିଜ୍ଞାନ ଇଣ୍ଟର ନ୍ୟାସନାଲ ବିଦ୍ୟାଳୟ ପ୍ରଦାନ କରାଯାଇଥିଲା। ଆଜିର ଫାଇନାଲ ମ୍ୟାଚରେ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରସାଦ ପଟ୍ଟନାୟକ, ପ୍ରକାଶ ବିଦ୍ୟାଳୟ ପରିଚାଳନା କମିଟର ଅଧ୍ୟକ୍ଷ ଏ.ଅଞ୍ଜୁ ଏବଂ ବିଦ୍ୟାଳୟର ଭାଇସ ପ୍ରିନ୍ସପାଲ ସୁକୁମାର ପାଇକେଟି ମଞ୍ଚାସିନ ହୋଇ ପୁରସ୍କାର ପ୍ରଦାନ କରିଥିଲେ।

## ଜିଲ୍ଲା କଂଗ୍ରେସର ଦାବିପତ୍ର ପ୍ରଦାନ

ନବରଙ୍ଗପୁର,୨୩।୧୨(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ ସୋଭାନେତ୍ରି ଲିପିକା ମାଝୀ ମନରେଗାର ନାମ ପରିବର୍ତ୍ତନକୁ ବିରୋଧ କରିଥିଲେ। ଏ ନେଇ ଦଳୀୟ କର୍ମୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର" ପ୍ରଦାନ କରିଛନ୍ତି। ସ୍ଥାନୀୟ ମହାତ୍ମା ଗାନ୍ଧୀ ଛକ ନିକଟ ମୁଖ୍ୟରାସ୍ତା ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବୃନ୍ଦାବନ ତ୍ରିପାଠୀ, ପାଦମ୍ ସାଇ ମାଳି, ବନମାଳୀ ଭତରା, ଶିବରାମ ରାଜୁ, ପ୍ରଦୀପ ସାହୁ, ପ୍ରହଲ୍ଲାଦ ହୀଆଲ୍, ବାସୁଦେବ ପଟ୍ଟନାୟକ, ଗଣେଶ ପଟ୍ଟନାୟକ, ଦେବଦାସ ଭତରା, ଜଗତ ମାଝୀ, ଲଛମନ ଭତରା, ଜୟରାମ ଭତରା, ସଦନ ମାଝୀ, ବାବୃବାହାନ ନାୟକ, ଚକ୍ରଧର ଦିସାରି, ଦାଲେଶ୍ୱର୍ ସାନ୍ତା ପ୍ରମୁଖ ଉପସ୍ଥିତ ଥିବା ସ୍ଥଳେ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦୋକାନରୁ ଚୋରି, ୪ ନାବାଳକ ଅଟକ

କୋଷାଗୁମୁଡା,୨୩।୧୨(ସମିସ): ଗତ ୧୯ ତାରିଖ ରାତିରେ ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ଥାନା ଠାରୁ ମାତ୍ର ୨୦୦ମିଟର ଦୂରରେ ଥିବା ଏକ ତେଜରାତି ଦୋକାନ ଚୋରି ମାମଲାରେ କୋଡିଙ୍ଗା ପୋଲିସ ୪ଜଣ ନାବାଳକ ଅଭିଯୁକ୍ତଙ୍କୁ ଧରି ଆଜି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ଚାଲାଣ କରିଥିବା ସୂଚନା ମିଳିଛି। ୪ ଜଣ ଅଭିଯୁକ୍ତ କୋଡିଙ୍ଗା ଗ୍ରାମର ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ପୁଲିସ ୩ଟି ଶାବଳ, ଗୋଟିଏ କଟର ବ୍ଲେଡ ସହ ୭ଶହ ଟଙ୍କା ଜବତ କରିଛି।। ସୂଚନା ଥାଉକି ଗତ ଶୁକ୍ରବାର ରାତିରେ ଗ୍ରାମର ୱାକାର ଅହମ୍ମଦ ଦୋକାନ ବନ୍ଦ କରି ଯାଇଥିବା ବେଳେ ଶନିବାର ସକାଳେ ଦୋକାନର ସଟର କଟାଯାଇ ଭିତର ଜିନିଷ ପତ୍ର ବାହାରେ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ କୋଡ଼ିଙ୍ଗା ଥାନାରେ ଲିଖିତ ଭାବେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ୨୧୧/୨୫ରେ ଏକ ମାମଲା ରୁଜୁ କରି ଡଗ୍ ସ୍କ୍ୱାର୍ଡ ଏବଂ ସାଇଣ୍ଟିଫିକ୍ ଟିମ୍ ଆସି ଅନୁସନ୍ଧାନ କରିଥିଲେ।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର

ନବରଙ୍ଗପୁର,୨୩।୧୨(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ ଦାସପୁର ନିକଟ ରାସ୍ତା କଡ଼ରୁ ଜଣେ ଅଜଣା ମହିଳାଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର ହୋଇଛି। ନୀଳଗିରି ଗଛ ଛାଲିରେ ନିଆଁରେ ପଡିହୋଇ ସେ ମୃତ୍ୟୁବରଣ କରିଛନ୍ତି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଛି। ରାଇଘର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଜଣାପଡିଛି। କେହି ଏହି ଠାରେ ଯୁବତୀଙ୍କୁ ନିଆଁରେ ଜାଳି ହତ୍ୟା କରିବାକୁ ଉଦ୍ୟମ କରିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏହି ଅଞ୍ଚଳ ଛତିଶଗଡ ସୀମାନ୍ତକୁ ରହିଥିବା ଯୋଗୁଁ ହୁଏତ ଛତିଶଗଡ କିମ୍ବା ଓଡିଶାର କେହି ହୋଇଥବା ଅନୁମାନ କରାଯଉଛି।

## ମିଲ ମାଲିକ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଜୟପୁର,୨୩।୧୨(ସମିସ): କୋରାପୁଟ ଜିଲ୍ଲା ମିଲ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ମାଧ୍ୟମରେ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ଏସଓପି ତଥା ନିମୟ ଅନୁଯାୟୀ ଦୃଢଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ସରକାରଙ୍କ ଦ୍ୱାରା ନିଯୁକ୍ତ କ୍ରୟକାରୀ ସଂସ୍ଥା ପକ୍ଷରୁ ମଣ୍ଡିକୁ ଧାନ ବିକ୍ରି ପାଇଁ ଆସୁଥିବା ଏଫଏକ୍ୟୁ ମାନର ଧାନ କ୍ରୟ କରାଯିବା ସହିତ ଏହାକୁ କଷ୍ଟମ ମିଲର୍ସଙ୍କୁ ପ୍ରଦାନ ସମେତ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ଧାନରେ ଏଫଏକ୍ୟୁ ମାନର ଧାନ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରାଗଲେ ମଣ୍ଡିରେ ଧାନ କ୍ରୟ ଓ ବିକ୍ରୟ ସୁରୁଖୁରରେ ହୋଇପାରିବ ବୋଲି ଲିଖିତ ଭାବେ ଜଣାଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ମିଲ ମାଲିକ ସଂଘର ସଭାପତି ବି.ତିରୁପତି ରାଓ, ସମ୍ପାଦକ ଗୋପାଳ ପଣ୍ଡା, ବରିଷ୍ଠ କର୍ମକର୍ତ୍ତା ଗିରିଜା ପ୍ରସାଦ ଦାଶ, ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ, ରାଜା ସୁବଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଏମଭି-୨୬ ଓ ରାଖେଲଗୁଡା ଗାଁରେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



କୋରୁକୋଣ୍ଡା,୨୩।୧୨(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ଏମଭି-୨୬ ଏବଂ ରଖାଲ ଗୁଡା ହିଂସାକାଣ୍ଡର ଦୀର୍ଘ ୨୦ ଦିନ ପରେ ଆଜି ଗ୍ରାଉଣ୍ଡ ଜିରୋରେ କଂଗ୍ରେସର ଏକ ଫ୍ୟାକ୍ଟ ପାଇଣ୍ଡିଙ୍ଗ ଟିମ ପହଞ୍ଚିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଦନ୍ତେୱାଡା ପୂର୍ବତନ ବିଧାୟକା ତଥା ଓଡ଼ିଶା ମହିଳା କଂଗ୍ରେସ ଇନଚାର୍ଜ ତୁଲିକା କାରମା , ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଆନ୍ତା , ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ , ରାଜ୍ୟ କଂଗ୍ରେସ ମହିଳା ମୀନାକ୍ଷୀ ବାହିନୀପତି , କଂଗ୍ରେସ ମିଡ଼ିଆ ସେଲ୍ ଅଧ୍ୟକ୍ଷ ଅରିବିନ୍ଦ ଦାସଙ୍କ ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ପୂର୍ବତନ ବିଧାୟକ ନିମାଇଁ ସରକାର , ଭୂଜବଳ ମାଝି , ଅନାମ ଦିଆନ , ମାଲକାନଗିରି ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର , ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା ପ୍ରମୁଖ ଏହି ଟିମରେ ରହିଥିଲେ। କଂଗ୍ରେସର ଏହି ଟିମ ପ୍ରଥମେ ରାଖେଲଗୁଡା ଗାଁକୁ ଯାଇ ଆଦିବାସୀ ଲୋକଙ୍କ ସହ ଆଲୋଚନା କରିଥିଲେ। କେଉଁ ଭଳି ସ୍ଥିତିରେ ଆଦିବାସୀ ମହିଳାଙ୍କ ହତ୍ୟା ହୋଇଥିଲା ତାହାର ପୁଙ୍ଖାନୁପୁଙ୍ଖ ତଥ୍ୟ ଗାଁ ଲୋକଙ୍କ ଠାରୁ ସଂଗ୍ରହ କରିଥିଲେ। ଏହା ପରେ ଏମଭି-୨୬ ଗାଁକୁ ଯାଇ ଘରକୁ ଘର ବୁଲି କ୍ଷତିଗ୍ରସ୍ତ ବଙ୍ଗାଳି ଲୋକଙ୍କ ସହ ଆଲୋଚନା କରିଥିଲେ କଂଗ୍ରେର ଫ୍ୟାକ୍ଟ ଫାଇଡିଙ୍ଗ ଟିମ। ଉଭୟ ଆଦିବାସୀ ଓ ବଙ୍ଗାଳି ଲୋକେ ଆଗାମୀ ଦିନରେ କିପରି ଶାନ୍ତି ବଜାଇ ରଖିବେ ସେ ନେଇ କଂଗ୍ରେସ ଫ୍ୟାକ୍ଟ ଫାଇଡିଙ୍ଗ ଟିମ୍ ଚେଷ୍ଟା କରିଥିଲେ। ଉଭୟ ଗାଁର ଲୋକଙ୍କୁ ଶାନ୍ତିଶୃଙ୍ଖଳା ସହ ଜୀବନ ଯାପନ କରିବାକୁ ବୁଝାଇଥିଲେ। ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବାରେ ଜିଲ୍ଲା ଏବଂ ପୁଲିସ ପ୍ରଶାସନ ବିଫଳ ରହିଥିଲା ବୋଲି କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ କହିଥିବା ସୂତ୍ରରୁ ସୂଚନା ମିଳିଛି। ଏହି ହିଂସାକାଣ୍ଡର ମୁଖ୍ୟ ଦୋଷୀକୁ କଠୋରରୁ କଠୋର ଦଣ୍ଡ ମିଳିବା ଆବଶ୍ୟକ ରହିଛି ବୋଲି କଂଗ୍ରେସ ଦଳ କହିଛି। ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଯଥାଶୀଘ୍ର ଏହାର ସମାଧାନ କରାଯିବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇବା ଆବଶ୍ୟକ ରହିଛି।

## ମଣ୍ଡି ଅବ୍ୟବସ୍ଥା ନେଇ କଂଗ୍ରେସର ଧାରଣା



କୋରାପୁଟ,୨୩।୧୨(ସମିସ): ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଚାଷୀକୁଳ ହଇରାଣ ହେଉଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି। ପ୍ରତିବାଦରେ ଜିଲ୍ଲା କଂଗ୍ରେସର କମିଟି କୋରାପୁଟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଚିନ, ପୂର୍ବତନ କାଉନସିଲର ବିଜୟ କୁମାର ରାଓଙ୍କ ସହ ଅନ୍ୟାନ୍ୟ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ସଂପୂର୍ଣ୍ଣ ଭାବେ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀ ମାନେ ବାଧ ହୋଇ କମ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଆନ୍ଧ୍ର ସୀମାନ୍ତ ଆଲମୁଣ୍ଡାରେ ଚାଷୀ ମାନେ ଦଲାଲ ମାନଙ୍କୁ ଧାନ କମ ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି। ତେଣୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଦୁଇ ଦିନ ମଧ୍ୟରେ ମଣ୍ଡି ଖୋଲି ଚାଷୀ ମାନଙ୍କର ଧାନ କ୍ରୟ ନ କଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ବଡ଼ଦିନ ପାଇଁ ସଜେଇ ହେଉଛି ଚର୍ଚ୍ଚ



ଲକ୍ଷ୍ମୀପୁର,୨୩।୧୨(ସମିସ): ଆଗକୁ ଆସୁଛି ବଡ଼ଦିନ। ଏହି ଦିନ ମହା ଆଡ଼ମ୍ବର ସହିତ ପାଳନ ପାଇଁ ଲକ୍ଷ୍ମୀପୁରର ସବୁ ଚର୍ଚ୍ଚକୁ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗ ଆଲୋକରେ ସୁସଜ୍ଜିତ କରାଯାଇ ଥିବା ଦେଖିବକୁ ମିଳିଛି। ଲକ୍ଷ୍ମୀପୁର ବଡ଼ିଙ୍ଗର ପୁରାତନ ଚର୍ଚ୍ଚ ମଧ୍ୟ ଲିଟୁ ମାଳ ଓ ଖ୍ରୀଷ୍ଟମାସ ଟ୍ରି କୁ ଆଲୋକମାଳାରେ ସଜେଇ ଦିଆଯାଇଛି। ଦିନକ ପରେ ଆସିବ ଡିସେମ୍ବର ୨୫ ତାରିଖ। ଏହି ଦିନକୁ ସବୁ ଖ୍ରୀଷ୍ଟଧର୍ମ ଅବଲମ୍ବନକାରୀ ମାନେ ଅନେଇ ରହିଥାନ୍ତି। ବର୍ଷକରେ ଥରେ ଏହି ଦିନ ସେମାନଙ୍କ ପାଇଁ ଏକ ବହୁତ ମୂଲ୍ୟବାନ ଦିନ ଅଟେ। ଏହି ଦିନରେ ସବୁ ଏକତ୍ରିତ ହୋଇ ଭାଇଚାରାର ସହ ପାଳନ କରୁଥିବା ଦେଖିବାକୁ ମିଳିଥାଏ। ମଙ୍ଗଳବାର ସନ୍ଧ୍ୟାରେ ବଡ଼ିଙ୍ଗ ଚର୍ଚ୍ଚରୁ ଶାନ୍ତିପୂର୍ଣ୍ଣ ଭାବରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏଥିରେ ଅନେକ ଖ୍ରୀଷ୍ଟ ପ୍ରେମୀ ମହିଳା ପୁରୁଷ , ପରିଚାଳକ ସାମିଲ ଥିଲେ। ବଡ଼ ଦିନକୁ ମହା ଆଡ଼ମ୍ବର ସହିତ ପାଳନ କରାଯିବ ବୋଲି କୁହାଯାଇଛି।





## ଧାନର ଅଭାବୀ ବିକ୍ରି

# ରାଜରାସ୍ତାରେ ୪ ବ୍ଲକ୍‌ର ଚାଷୀ



ନବରଙ୍ଗପୁର/ଉମରକୋଟ,୨୩।୧୨(ସମିସ): ଦ୍ୱିତୀୟ ଦିନରେ ପହଞ୍ଚିଲା ଚାଷୀ ମହାସଂଘର ଆନ୍ଦୋଳନ ତଥାପି ଦୂର ହୋଇପାରିଲା ନାହିଁ ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ଦୁଃଖ। ଯେଉଁ ସମୟରେ ଚାଷୀ ଧାନ ଖଳା କିମ୍ବା ମଣ୍ଡିରେ ରହିବା କଥା ସେ ତାର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ପ୍ରବଳ ଥଣ୍ଡା କୁହୁଡିକୁ ଖାତିରି ନକରି ରାଜରାସ୍ତାରେ ୨୪ ଘଣ୍ଟା ବସି ରହିଛି। ଚାଷୀଙ୍କ ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଉମରକୋଟ ଝରିଗାଁ ଓ ରାଇଘର ବ୍ଲକ ଠାରେ। ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ଦିନସାରା ରାସ୍ତା ଅବରୋଧ କରିଛନ୍ତି ଚାଷୀ। ମଙ୍ଗଳବାର ଚାନ୍ଦା ହାଣ୍ଡି ବ୍ଲକ୍‌ର ଚାଷୀ ମଧ୍ୟ ରାଜରାସ୍ତାରେ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି। ଚାଷୀ ମାନେ ରାତିରେ ମଧ୍ୟ ରାସ୍ତା ଉପରେ ରୋଷେଇ କରି ଖାଇବା ସହ ରାସ୍ତାକୁ ଶୀତ କାକରରେ ରାସ୍ତା ଅବରୋଧ କରିଥିଲେ। ନିଆଁ ଲଗାଇ ରାତିସାରା ଜଗି ବସିଥିଲେ ଚାଷୀ। ଆନ୍ଦୋଳନକାରୀଙ୍କ ସହ ଜିଲ୍ଲା ପ୍ରଶାସନର ଆଲୋଚନା ହୋଇଥିଲା । କିନ୍ତୁ ଆଲୋଚନା ବିଫଳ ହୋଇଥିଲା। ୪୯ ନଂ ରାଜ୍ୟ ରାଜପଥର ଉଭୟ ପାଶ୍ୱର୍ରେ ଶତାଧିକ ଟ୍ରକ ରହିଥିବା ଦେଖିବାକୁ ମିଳିଛି। ଦୂରଦୂରାନ୍ତରରୁ ଆସୁଥିବା ଯାତ୍ରୀ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବଡଭରଣ୍ଡି, ଅଧିକାରୀ ଗୁଡା ,ସେମଳା, ଚିକଲପଦର ଉମରକୋଟ ବ୍ଲକର ଚାରିଗୋଟି ଛକରେ ଚାଷୀ ରାସ୍ତା ଅବରୋଧ ଜାରି ରଖିଛନ୍ତି। ଏହି ଆନ୍ଦୋଳନରେ ହଜାର ହଜାର ଚାଷୀ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନରେ ଚକଅଖ ବନ୍ଦ ହେବା ଫଳରେ ଯାତ୍ରୀ ମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସୁଛି। ଅସ୍ଥାୟୀ ବସଷ୍ଟାଣ୍ଡ ପାଲଟି ଯାଇଛି ବିଡ୍ରୀ ପୋଲ। ଉମରକୋଟ ଠାରୁ ୧୨ କିଲୋମିଟର ଦୂରରେ ଗାଡି ଗୁଡ଼ିକ ରହିଯିବା ଫଳରେ ଯାତ୍ରୀ ମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଚାଷୀ ମାନେ ଉମରକୋଟକୁ ଚାରିଆଡୁ ଘେରାବନ୍ଦୀ କରି ଆନ୍ଦୋଳନକୁ ଜୋରଦାର କରୁଛନ୍ତି।

## ଏନ୍‌ଏମ୍‌ଏସ୍‌ଏସ୍‌ରେ ଦର୍ଶାଯାଇଛି ନାବାଳକଙ୍କ ଫଟୋ

# ମନରେଗା କାମ କରୁଛନ୍ତି ନାବାଳକ !

କୋରୁକୋଣ୍ଡା,୨୩।୧୨(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ କାର୍ଯ୍ୟମାନ ସ୍ଥାନୀୟ ଜନସାଧାରାମଙ୍କ ନିମନ୍ତେ ଯୋଗାଇ ଦେଇଥାନ୍ତି। ଯାହା ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ଶ୍ରେଣୀର ପରିବାର ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ଅଞ୍ଚଳରେ କାମ କରି ନିଜ ପରିବାର ପ୍ରତି ପୋଷଣ କରି ପାରିବ। ହେଲେ ସରକାରଙ୍କ ଏତେ ସବୁ ପରେ ମଧ୍ୟ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ ହୋଇ ବଢିବାରେ ଲାଗିଛି। କାରଣ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସିଥିବା କାର୍ଯ୍ୟ ଅନେକ ସ୍ଥାନରେ ମେସିନ ସାହାଯ୍ୟରେ କରାଯାଉଛି। କେତେକ ସ୍ଥାନରେ ପୁରୁଣା କାମକୁ ଦେଖାଇ ଗରିବ ଜବ୍‌କାର୍ଡ ଧାରୀଙ୍କ ଖାତାକୁ ଟଙ୍କା ପଠାଇ କିଛି ଟଙ୍କା ଜବକାର୍ଡ ଧାରୀଙ୍କୁ ଦେଇ ବଳକା ଟଙ୍କା ଅଧିକାରୀମାନେ ଚଲୁ କରିଦେଉଥିବା ବହୁ ନଜିର ରହିଛି । ଏମିତିକି କିଛି କାମ ନ କରି ମଧ୍ୟ ବହୁ କାମର ଲକ୍ଷ ଲକ୍ଷ ଟଙ୍କା ଉଠା ଯାଇଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଏମିତି ଏକ କାମ ଦେଖିବାକୁ ମିଳିଛି ଯାହାକି ସରକାରଙ୍କ ନିୟମ ଅନୁଯାୟୀ ଯେଉଁ ଜବ୍‌କାର୍ଡ ଧାରୀ ଶ୍ରମିକ କାମ କରିବା ନିମନ୍ତେ ଇଚ୍ଛୁକ ଥିବେ, ସେମାନେ କାର୍ଯ୍ୟ ସ୍ଥଳୀରେ ପ୍ରତେକ ଦିନ ଉପସ୍ଥିତ ରହି ଏନ୍‌ଏମଏମଏସ ମାଧ୍ୟମରେ ଫୋଟ ଉଠାଇବା ପରେ କାର୍ଯ୍ୟ ଆରମ୍ଭ କରିଥାନ୍ତି। ହେଲେ ଏଠି ସେହି ସରକାରଙ୍କ ତଥ୍ୟରେ ଛୋଟ ଛୋଟ ନାବାଳକ ମାନଙ୍କ ଫଟୋ ଉଠାଯାଇଥିବା ଏନଏମଏମଏସରେ ଦେଖିବାକୁ ମିଳିଛି। ଏପରି ଏକ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ପୁରୁଣା ଚିମିଟାପଲ୍ଲୀ ଗ୍ରାମ ପଞ୍ଚାୟତରେ। ଉକ୍ତ ପଞ୍ଚାୟତ ଅଧୀନ ଏକ ଜଙ୍ଗଲ ନିକଟରେ ଜଳ ସଂରକ୍ଷଣ ନିମନ୍ତେ ସରକାରଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷାରେ ୪ଲକ୍ଷରୁ ଅଧିକ ଟଙ୍କାରେ ଗାତ ଖୋଳିବା ନିମନ୍ତେ ଅନୁମୋଦନ କରାଯାଇଥିଲା। ହେଲେ




ସେହି ସ୍ଥାନରେ ବହୁ ପୁରୁଣା ଗାତ ଗୁଡିକ ରହିଥିବା ବେଳେ ସେହି ଜଳ ସଂରକ୍ଷଣ ଗାତ ନିକଟରେ କିଛି ଛୋଟ ଛୋଟ ନାବଳକଙ୍କୁ ଠିଆ କରି ତାର ଫୋଟ ଏନଏମଏମଏସରେ ଫଟୋ ସରକାରି ପୋର୍ଟାଲରେ ଦର୍ଶାଯାଇଛି। ଯାହାକି କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ପ୍ରଥମ କଥା ସରକାରଙ୍କ ନିୟମ ଅନୁଯାୟୀ ନାବଳକା ମାନଙ୍କୁ କୌଣସି ମତେ କାର୍ଯ୍ୟରେ ନିଯୋଜିତ କରିବା ଆଇନ ବିରୋଧ। ହେଲେ କିପରି ଭାବେ ଅଧିକାରୀ ନାବାଳକଙ୍କୁ କାମରେ ଲଗାଇଲେ। ଯଦି ପିଲାମାନେ କାମ କରିନାହାନ୍ତି ତେବେ ଏନଏମଏମଏସରେ ପିଲାଙ୍କ ଫଟୋ ଦେଲେ କିପରି। ଏଥିରୁ ଜଣାପଡୁଛି ଉକ୍ତ କାର୍ଯ୍ୟରେ ବଡ଼ଧରଣର ଘୋଟାଲା ହୋଇଛି। ସରକାରଙ୍କ ତଥ୍ୟରେ ଏହି ଫୋଟ ଦିଆଯାଇଥିବା ବେଳେ କିପରି ଭାବେ କୌଣସି ଉପରସ୍ତ ଅଧିକାରୀମାନେ ଜାଣି ପାରୁନାହାନ୍ତି ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛ। ଜାଣିଶୁଣି ଏପରି କରିବାକୁ ଅଧିକାରୀମାନେ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଆମେ ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ନିରୀକ୍ଷକଙ୍କୁ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିଲୁ । କିନ୍ତୁ ସେ ଆମ କଲ ଗ୍ରହଣ କରିନଥିବା କାରଣରୁ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏହାକୁ ନେଇ ଆମେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ରବିଗୋଲପେଦାଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ କଲ ଗ୍ରହଣ କରି ନଥିବା କାରଣରୁ ପ୍ରତିକ୍ରିୟା ମିଳି ପାରିନଥିଲା। ପରେ ଆମେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୃତିବାସ ନାୟକଙ୍କୁ ଅବଗତ କରାଇବା ସହିତ ତଥ୍ୟ ନେଇ ଜାଣିବାକୁ ଚେଷ୍ଟା କରିଥିଲୁ । କିନ୍ତୁ ଦୁଃଖର ବିଷୟ ଦାୟୀତ୍ୱରେ ଥିବା ଅଧିକାରୀ ଏହାକୁ ନେଇ କୌଣସି ତଥ୍ୟ ନଥିବା ସହିତ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା କହିଥିଲେ। ଏଣୁ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। କିନ୍ତୁ ଏହାକୁ ନେଇ କୌଣସି ତଥ୍ୟ ନାହିଁ। ଅନୁଧ୍ୟାନ କରିବା ପରେ ଦୃଢ କାଯ୍ୟାନୁଷ୍ଠାନ ଗ୍ରହଣ କରିବି କହିଛନ୍ତି ଶ୍ରୀ ସାହୁ। ଆଗାମୀ ଦିନରେ ଦେଖିବାର ବାର ବାକି ରହିଲା ତୁମୁସାପଲି ଖେଳ ପଡିଆ କାର୍ଯ୍ୟକୁ ନେଇ ଗୋଷ୍ଠୀଉନ୍ନୟନ ଅଧିକାରୀ କି ପଦକ୍ଷେପ ଗ୍ରହଣ କରୁଛନ୍ତି। ସୂଚନା ଥାଉକି ବିଗତ ଦିନରେ କୋରୁକୋଣ୍ଡା ବ୍ଲକ ଅଧୀନ ତୁମୁସାପଲ୍ଲୀ ଗ୍ରାମ ପଞ୍ଚାୟତ ସଦର ଖେଳ ପଡିଆ କାର୍ଯ୍ୟର ଅନିୟମିତତାକୁ ନେଇ ବାରମ୍ବାର ଖବର ପ୍ରକାଶନ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଦନ୍ତ ନିମନ୍ତେ ପତ୍ର କରିଥିଲେ। ହେଲେ ପତ୍ର ବାଟରେ ପତ୍ର ରହିଗଲା, ତାପରେ ମଧ୍ୟ ବାଳକା ଅର୍ଥ ପଇଠ ହୋଇଯାଇଥିଲା।

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ମା’ ମାର୍କମା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଯୋଗଦାନ



ବିଷମ କଟକ, ୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର ମା’ ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ସ୍ଥାନ ପାଇଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଯୋଗ ଦେବାପାଇଁ ବାହାରିଛନ୍ତି। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ତୃପ୍ତିମୟୀ ଦଣ୍ଡସେନା ଗାଇଡ୍ ଭାବେ ପିଲାଙ୍କ ସହଯୋଗ ଦେଇଛନ୍ତି। ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ସାରଦା ପ୍ରିୟଦର୍ଶିନୀ ଗଳ୍ପ ଲିଖନ ଓ ଅନ୍ୟ ୫ ଜଣ ହେଲେ ଜାଜ୍ଜସିନୀ ସାହୁ , ଝରଣାଦେବୀ ପଟ୍ଟନାୟକ, ସୋମନାଥ ଉର୍ଲାକା, କାହ୍ନୁଚରଣ ନାୟକ ଓ ଦୀପିକା କାଉଁରିଆ ବିଜ୍ଞାନ ମେଳାରେ ଭାଗନେବେ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଯୋଗ ଦେଉଥିବା ଯୋଗୁଁ ମା’ ମାର୍କମା ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉତ୍କଣ୍ଠା ଓ ଉତ୍ସାହ ଦେଖିବାକୁ ମିଳିଛି। ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଛାତଛାତ୍ରୀ ଙ୍କୁ ଅନୁଷ୍ଠାନ ର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଉଦ୍‌ଘାଟନରେ ସୀମିତ ହେଲା ସରକାରଙ୍କ ଧାନମଣ୍ଡି



### ଧାନ କିଣିବାକୁ ଚୁକ୍ତିନାମା କରିନାହାନ୍ତି ମିଲ୍ ମାଲିକ

ବିଷମ କଟକ,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକରେ ଧାନ କ୍ରୟକାରୀ ସଂସ୍ଥା ଲ୍ୟାମ୍ପ୍‌ସ ଚାଷୀଙ୍କ ଠାରୁ ଧାନ କିଣିବା ନିମନ୍ତେ ଚଳିତ ମାସ ୧୭ ତାରିଖରେ ବ୍ଲକର ଗଜବାହାଲ ଠାରେ ଧାନ ମଣ୍ଡିର ଶୁଭାରମ୍ଭ କରିଥିଲା। ପର୍ଯ୍ୟାୟ କ୍ରମେ ଏହି ବ୍ଲକର ହାଟମୁନିଗୁଡା, ଭାଲେରି ଏବଂ ଚାଟିକୋଣା ଠାରେ ଧାନ ମଣ୍ଡି ଉଦ୍‌ଘାଟନ କରିଛି। ଚଳିତ ମାସ ୧୭ ତାରିଖରୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ଟୋକନ ମଧ୍ୟ ଆସି ସାରିଛି।। ହେଲେ ଏ ପର୍ଯ୍ୟନ୍ତ କୌଣସି ମଣ୍ଡିରେ ମୁଠାଏ ହେଲେ ଧାନ କ୍ରୟ କରାଯାଇନାହିଁ। କେବଳ ଲୋକ ଦେଖାଣିଆ କରିବା ପାଇଁ ନଡ଼ିଆ ଭାଙ୍ଗି ମଣ୍ଡି ଉଦ୍‌ଘାଟନ କରାଯାଇଛି। ଉଦ୍‌ଘାଟନରେ ସୀମିତ ରହିଛି ଧାନମଣ୍ଡି । ମଣ୍ଡି ଉଦ୍‌ଘାଟନି ପର୍ବମାନଙ୍କରେ ଉପସ୍ଥିତ ରହିଥିବା ଅଧିକାରୀମାନେ ଚାଷୀଙ୍କୁ ଭରସାଯୋଗ୍ୟ ପ୍ରତିଶୃତି ଦେଇପାରୁନାହାନ୍ତି କି କେବେ ଠାରୁ ମଣ୍ଡିରେ ଧାନ କିଣାଯିବ ତାହାର ମଧ୍ୟ ସଠିକ ଉତ୍ତର ଦେଇ ପାରୁନାହାନ୍ତି। ଗୋଟିଏ ପଟେ ମିଲର ମାନେ କଷ୍ଟମ ମିଲିଂ ପାଇଁ ଚୁକ୍ତିନାମା କରିନଥିବା ବେଳେ ଅନ୍ୟପଟେ ଧାନ କିଣିବା ପାଇଁ ଲ୍ୟାମ୍ପସ୍‌କୁ କୌଣସି ଟାର୍ଗେଟ ମଧ୍ୟ ଆସିନାହିଁ। ଯାହାଫଳରେ ମଣ୍ଡି ଖୋଲିଥିଲେ ମଧ୍ୟ ଚାଷୀ ନିଜ ଧାନ ବିକ୍ରି କରି ପାରିବ ନାହିଁ। ଯଦି ଧାନ କିଣା ନେଇ କୌଣସି ପକ୍ରିୟା ଆରମ୍ଭ ହୋଇନାହିଁ । ତେବେ ଚାଷୀଙ୍କୁ ଠକିବା ପାଇଁ ମଣ୍ଡି ଖୋଲାଯାଇଛି କି ବୋଲି ଚାଷୀ କୂଳ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି। ଧାନ ମଣ୍ଡି ଖୋଲିବା ବିଳମ୍ବ ସାଙ୍ଗକୁ ମଣ୍ଡିରେ ଧାନ କିଣା ନେଇ ଅନିଶ୍ଚିତ ରହିଥିବାରୁ କ୍ଷୁଦ୍ର ଚାଷୀ ମାନେ ଖୋଲା ବଜାରରେ ଶାଗ ମାଛ ଦରରେ ଧାନ ବିକ୍ରି କରିଦେଉଛନ୍ତି। ବେପାରୀ ମାନେ କମ୍ ଦରରେ ଚାଷୀଙ୍କ ଠାରୁ ଧାନ କିଣି ପଡୋଶି ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ଚାଲାଣ କରୁଛନ୍ତି। ଫଳରେ ଚାଷୀ କୂଳର ଭବିଷ୍ୟତ ଅନ୍ଧାର ଦିଗକୁ ଗତି କରୁଛି। ସୂଚନା ଯୋଗ୍ୟ ଯେ ଚଳିତ ଖରିଫ ଋତୁରେ ବ୍ଲକର ୨୮୦୨ ଚାଷି ଧାନ ବିକ୍ରି କରିବା ନିମନ୍ତେ ପଞ୍ଜୀକୃତ କରିଛନ୍ତି। ବର୍ତମାନ ସୁଦ୍ଧା ଏହି ଚାଷୀ ମାନଙ୍କ ଜମିର ଡ୍ରୋନ ସର୍ଭେ ପ୍ରକ୍ରିୟା ମଧ୍ୟ ସରିନାହିଁ। ଏହି ସର୍ଭେ ସରିବ କେବେ, ଟୋକନ୍ ପାଇବ କେବେ ଏବଂ ଆଉ ଧାନ କେବେ ବିକିବ ଚାଷୀ ସେ ନେଇ ଚାଷୀକୁଳ ଚିନ୍ତାରେ ପଡିଯାଇଛି। ମଣ୍ଡିରେ ଧାନ କିଣାରେ ଅହେତୁକ ବିଳମ୍ବ ସାଙ୍ଗକୁ ଅନିଶ୍ଚିତତା ଯୋଗୁଁ ବର୍ତମାନ ପର୍ଯ୍ୟନ୍ତ ବହୁ ଚାଷୀ ଖୋଲା ଆକାଶ ତଳେ ଧାନ ରଖି ଜଗିବସିଛନ୍ତି। ଜିଲ୍ଲା ପ୍ରଶାସନ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ମଣ୍ଡି ମାନଙ୍କରେ ଧାନ କିଣା ଆରମ୍ଭ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

## ଗୁଡାରୀ ପରିଷଦରେ ଧାନମଣ୍ଡି ଉଦ୍‌ଘାଟିତ



ଗୁଡାରି,୨୩।୧୨(ସମିସ): ଗତ ୧୭ ତାରିଖରୁ ଗୁଡାରୀ ବ୍ଲକ୍ ପେଣ୍ଡିଲି ପଞ୍ଚାୟତ ଡେପାଗୁଡା ଗ୍ରାମରୁ ଆରମ୍ଭ ହୋଇଥିବା ଧାନ ମଣ୍ଡି ପରେ ଏମ.କେ.ରାଇ ଶିରିଗୁଡା ମଣ୍ଡିକୁ ଉଦ୍‌ଘାଟନ କରାଯାଇଛି। ମଙ୍ଗଳବାର ଦିନ ଗୁଡ଼ାରୀ ପରିଷଦରେ ଥିବା ମଣ୍ଡି ଉଦ୍‌ଘାଟନ କରିବା ପାଇଁ ତାରିଖ ସ୍ଥିର କରାଯାଇଥିଲା। ଏହି ମଣ୍ଡି ଉଦ୍‌ଘାଟନ ସମୟର ଲ୍ୟାମ୍ପ୍ସ ଏମ୍‌ଡି ଦିପକ କୁମାର ପୂଜାରୀ, ସଭାପତି ରାମ ଗମାଙ୍ଗ, ଯୋଗାଣ ବିଭାଗର ସୁପ୍ରିୟ କୁମାର ବିଜେପି କର୍ମୀ ରଞ୍ଜନ ରଥ, ଉଦଘାଟନୀ ଅବସରରେ ଉପସ୍ଥିତ ଥିଲେ। ବହୁ ସମୟ ଧରି ଲ୍ୟାମ୍ପ୍‌ସ କର୍ମଚାରୀ, ଯୋଗାଣ ଅଧୀକାରୀ ଏବଂ ଚାଷୀଙ୍କ ମଧ୍ୟରେ ଟୋକନ୍‌କୁ ନେଇ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା। ଏହି ବର୍ଷ ପଞ୍ଜୀକରଣ କରିଥିବା ପ୍ରାୟ ୧୪୦୦ ଚାଷୀଙ୍କୁ ଟୋକନ୍ ମିଳିବା କଥା । କିନ୍ତୁ ବର୍ତମାନ ଗୁଡାରୀ ବ୍ଲକ୍‌କୁ ବହୁତ କମ୍ ଟୋକନ ଆସିଥିବା ଯୋଗୁଁ ଚାଷୀ ହୋ ହାଲା କରିବା ସହ ମଣ୍ଡି ନ ଖୋଲିବାକୁ କହିଥିଲେ। କିନ୍ତୁ ଲ୍ୟାମ୍ପ୍‌ସ ଏମ୍‌ଡି ଶ୍ରୀ ପୂଜାରୀ ଯଦି ମଣ୍ଡି ବନ୍ଦ ରହିବ , ତେବେ ଚାଷୀମାନେ ଲିଖିତ ଆକାରରେ ଦେବାକୁ କହିଥିଲେ । ଶେଷରେ ଚାଷୀମାନଙ୍କର ମୁଖ୍ୟ ବାବୁ ରାଓ ସମସ୍ତ ଲ୍ୟାମ୍ପ୍‌ସ କର୍ମଚାରୀ ଏବଂ ସଭାପତିଙ୍କ ଏବଂ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ନଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ଆଜି ପର୍ଯ୍ୟନ୍ତ ସରକାରଙ୍କ ଧାନମଣ୍ଡିରେ ଚାଷୀର ସମସ୍ୟା ସମାଧାନ ହୋଇପାରୁ ନାହିଁ। କାରଣ ସରକାରଙ୍କ ପଞ୍ଜୀକରଣ ବ୍ୟବସ୍ଥା ଲାଗୁ ହେବା ଫଳରେ ଏଥିରେ ଯେଉଁ ଚାଷୀର ଟୋକନ୍ ମିଳିଲା ତାର ମଣ୍ଡିରେ ଧାନ ଉଠିଲା, ନଚେତ ଅପେକ୍ଷା କରିବାକୁ ପଡୁଛି। ସପ୍ତାହକ ମଧ୍ୟରେ ତୁରନ୍ତ ଏହାର ସମାଧାନ କରିବା ପାଇଁ ମଣ୍ଡିରେ ଉପସ୍ଥିତ ଚାଷୀମାନେ କହିଛନ୍ତି । ନଚେତ ଧନମଣ୍ଡି ତାଲା ପକାଇବାକୁ ଧମକ ଦେଇଛନ୍ତି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଖ୍ରୀଷ୍ଟମାସ ପାଳନ

ରାୟଗଡା,୨୩।୧୨ (ସମିସ): ରାୟଗଡା ସହରର ସ୍ଥାନୀୟ ନ୍ୟୁ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଖ୍ରୀଷ୍ଟମାସ ପର୍ବ ଆଡ଼ମ୍ବର ସହ ପାଳନ ହୋଇଯାଇଛି। ଏଥିରେ ଫାଦର୍ ବାଚେଲି ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ବିଦ୍ୟାଳୟର କୁନି ଛାତ୍ରଛାତ୍ରୀ ମାନେ ସାନ୍ତାକ୍ଲସ୍ ବେଶରେ ସଜ୍ଜିତ ହୋଇଥିଲେ।



ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ପଟ୍ଟନାୟ ଙ୍କ ଅଧକ୍ଷତାରେ ଶକ୍ତି ଅନୁଷ୍ଠାନ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମ ଓ କସ୍ତୁରୀ ନଗର ସ୍ଥିତ ଅନାଥାଶ୍ରମର ଅନ୍ତେବାସୀ ମାନଙ୍କୁ ବିଦ୍ୟାଳୟ ତରଫରୁ ଖାଦ୍ୟ ଓ ବିଦ୍ୟାଳୟରେ ଜୟଅଫ୍ ଗିଭିଂ କାର୍ଯ୍ୟକ୍ରମ ମାଧ୍ୟମରେ ଦାନ କରାଯାଇଥିବା ଉପଯୋଗୀ ବସ୍ତୁ ବଣ୍ଟନ କରାଗଲା। ବୃଦ୍ଧାଶ୍ରମର ଅନ୍ତେବାସୀ ମାନେ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷା ସଂଯୋଜିକା ସୁନୀତା ଖାଡାଙ୍ଗାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାୟଗଡା,୨୩।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ରାୟଗଡାରେ ଏହାର ୩୩ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ରୂପେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ,



ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀମାନେ ସ୍ୱାଗତ ସଂଗୀତ ବୋଲିଥିଲେ। ଏହା ପରେ ବିଦ୍ୟାଳୟର ସମ୍ପାଦକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ନିଜ ବକ୍ତବ୍ୟ ମାଧ୍ୟମରେ ଆଜିର ସମାଜ ଗଠନରେ ଶିଶୁ ମନ୍ଦିରର ଭୂମିକା ବିଷୟରେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ସଭାପତି ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ବିଭିନ୍ନ ନୃତ୍ୟ ମାଧ୍ୟମରେ ନିଜ କଳାକୃତି ପ୍ରଦର୍ଶନ କରିଥିଲେ। ପରିଚାଳନା ସମିତିର ସମସ୍ତ ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ଓ ଶିଶୁ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ବିଦ୍ୟୁତ୍ ତାର ଲାଗି ଟିପର ଚାଳକ ମୃତ

ଚନ୍ଦ୍ରପୁର, ୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଆଜି ବିଦ୍ୟୁତ୍ ତାର ଆଘାତରେ ଜଣେ ଟିପର ଚାଳକ ଘଟଣା ସ୍ଥଳରେ ମୃତ୍ୟୁବରଣ କିରିଛି। ଏଭଳି ଘଟଣା ନେଇ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି। ପରିବାର ଲୋକ ବିଳମ୍ବରେ ଆସିପହଞ୍ଚି ଥିଲେ। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ବନ୍ଧିରିରୁ ଚନ୍ଦ୍ରପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପିଚୁ ରାସ୍ତା କାର୍ଯ୍ୟ ଚାଲୁଥିଲା । ପ୍ରଶାନ୍ତ ଜେନା ଟିପର ଓଡି ୧୮ଏମ ୨୨୭୭ନମ୍ବର ଗାଡ଼ିର ଡ୍ରାଇଭର ଥିଲେ। ସେ ପିଚୁମିଶ୍ରିତ ବଜୁରୀ ଆଣିଥିଲା। ଏହାକୁ ଖାଲି କର ଟିପରକୁ ସଫା କରୁଥିଲେ। ଟିପର ଡ଼ାଲା ଉପରକୁ ଉଠିଲା ସମୟରେ କରେଣ୍ଟ ତାରରେ ଲାଗି ଯାଇଥିଲା। ଫଳରେ ଚାଳକ ପ୍ରଶାନ୍ତଙ୍କର ମୃତ୍ୟୁ ହୋଇଥିଲା। ମୃତ ପ୍ରଶାନ୍ତର ଘର ଗୁଣୁପୁର ଜଳତାରରେ। ସେ ଗୁଣୁପୁର ଟାଉନ ହଲ୍ ନିକଟ ମଶାଣି ସାହିରେ ପରିବାର ସହ ରହୁଥିଲେ।

# ବିଏସ୍‌ପିର ମିଶ୍ରଣ ପର୍ବ

ବିଷମ କଟକ,୨୩।୧୨(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳିରେ ବହୁଜନ ସମାଜ ପାର୍ଟୀ ତାର ସଂଗଠନକୁ ଦିନ ଦିନ ସୁଦୃଢ କରିବା ପାଇଁ ବଳ ଗୋଟାଉଛି। ଆଜି ବିଷମ କଟକ ସଦର ବ୍ଲକର କଲ୍ୟାଣ ମଣ୍ଡପ ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ଏହି ମିଶ୍ରଣ ପର୍ବରେ ବହୁଜନ ସମାଜ ପାର୍ଟୀ ରାଜ୍ୟ ସଭାପତି ଶରତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବାଗତଙ୍କୁ ସ୍ୱାଗତ କରିଛନ୍ତି। ବିଷମ କଟକ ସଦର ଯୁବ ସଂଗଠକ ଗୌରୀ ପ୍ରସାଦ ପାତ୍ର ଆଜି ବିଦ୍ଧିବଦ୍ଧ ଭାବେ ବହୁଜନ ସମାଜ ପାର୍ଟୀ ରେ ଯୋଗ ଦେବା ସହ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଶ୍ରୀ ପାତ୍ର ଙ୍କୁ ଦଳ ତରଫରୁ ସ୍ୱାଗତ କରାଯାଇଛି। ଏଥି ସହିତ ବିଷମ କଟକ ବ୍ଲକ ତଥା ମୁନିଗୁଡା ,କଲ୍ୟାଣସିଂଗ ପୁର କୋଲନରା ବ୍ଲକର ବିଭିନ୍ନ ରାଜନୈତିକ ଦଳର ସକ୍ରିୟ କର୍ମୀ ମାନେ ଦଳ ଛାଡି ବିଏସ୍‌ପିରେ ଯୋଗ ଦାନ କରିଛନ୍ତି। ବିଷମ କଟକ ବ୍ଲକ ଚଞ୍ଚଡା ଗୁଡା ପଞ୍ଚାୟତର ସମିତି ସଭ୍ୟ ସୁମନ୍ତ କରକରିଆ ବିଧିବଦ୍ଧ ଭାବେ ବହୁଜନ ସମାଜ ପାର୍ଟି ରେ ଯୋଗ ଦେଇଛନ୍ତି। ଆଜିର ଆୟୋଜନ ମିଶ୍ରଣ ପର୍ବ ଅବସରରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ଜାକକା, ରାଜ୍ୟ ସମ୍ପାଦିକା ସୁନିତା ବିଡିକା, ଜିଲ୍ଲା ସଭାପତି ପୂର୍ଣ୍ଣ



ଚନ୍ଦ୍ର ଟାକ୍ରି, ଏସ୍‌ଟି ସେଲ୍ ର ଜିଲ୍ଲା ସଭାପତି ଶ୍ରୀପତି ଉର୍ଲାକା, ଜିଲ୍ଲା ପ୍ରଭାରୀ ରାମଦାଶ ଟାକ୍ରି, ଉପଦେଷ୍ଟା ବିଶିକେଶନ ଟାକ୍ରି, ଗଙ୍ଗାଧର ପୁଆଲା, ଜିଲ୍ଲା ସାଧାରଣ ସମ୍ପାଦକ ରବିନ୍ଦ୍ର ଗରଡିଆ, ଶିବ ପ୍ରାସ୍କା, ଏସ.ସି ସେଲର ଜିଲ୍ଲା ସଭାପତି ଖିର ବାଘ ମଞ୍ଚାସୀନ ହୋଇଥିଲେ। ଆସନ୍ତା ଜାନୁୟାରୀ ୪ ତାରିଖରେ ବିଷମ କଟକ ଠାରେ ପୁଣି ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜନ ହେବ ବୋଲି ଜିଲ୍ଲା ସଭାପତି ପୁର୍ଣ୍ଣ ଟାକ୍ରୀ ସୂଚନା ଦେଇଛନ୍ତି।

## ବନାଗ୍ନି ନିୟନ୍ତ୍ରଣ ପ୍ରସ୍ତୁତିକାଳୀନ ବୈଠକ

ରାୟଗଡ଼ା,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲାରେ ବନାଗ୍ନି ଦ୍ୱାରା ଜଙ୍ଗଲର କ୍ଷୟକ୍ଷତି ରୋକିବା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହଲେ ପିପିଟି ମାଧ୍ୟମରେ ବନାଗ୍ନି ଦ୍ୱାରା ଜଙ୍ଗଲର କ୍ଷୟକ୍ଷତି ହେଉଥିବା ବିଷୟରେ ଅବଗତ କରିଥିଲେ। ବିଶେଷ କରି ଜିଲ୍ଲାର ମୁନିଗୁଡା ରାୟଗଡା ଏବଂ କଲ୍ୟାଣସିଂହପୁର ବ୍ଲକରେ ବନାଗ୍ନି ଦ୍ୱାରା କ୍ଷୟକ୍ଷତି ହେଉଥିବା ଦେଖାଯାଇଥିଲା । ଏହାକୁ ରୋକିବା ନିମନ୍ତେ ପ୍ରୟାସ କରିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ମହୋଦୟ ବନ ବିଭାଗ, ପୁଲିସ ପ୍ରଶାସନ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବନାଗ୍ନି ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ବନାଗ୍ନିର କାରଣ ଓ ପ୍ରତିରୋଧ ବିଷୟରେ ଲୋକଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଜଙ୍ଗଲ ପୋଡି ରୋକିବା ନିମନ୍ତେ ବନ ଉନ୍ନୟନ କମିଟି ଦ୍ୱାରା ସମସ୍ତେ ବନାଗ୍ନୀକୁ ନିରାକରଣ କରାଯାଇ ପାରିବ ବୋଲି କହିଥିଲେ।

# ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲର ‘ସେନ୍‌ଫେଷ୍ଟ ୧୫.୦’ ବାର୍ଷିକ ଉତ୍ସବ


ରାୟଗଡ଼ା,୨୩।୧୨(ସମିସ): ରାୟଗଡ଼ା ସହର ଉପକଣ୍ଠ ପିତାମହଲ ସ୍ଥିତ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ ଉତ୍ସବ “ସେନଫେଷ୍ଟ୧୫. ୦’ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟାଉନ୍ କ୍ୟାମ୍ପସର ପ୍ରଶାସିକା ସସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପଠନ କରି ବିଦ୍ୟାଳୟର ଶିକ୍ଷା, ସାଂସ୍କୃତିକ ଓ କ୍ରୀଡ଼ା ସଫଳତା ଉପସ୍ଥାପନ କରିଥିଲେ। ସେହିପରି ପିତଓମହଲ କ୍ୟାମ୍ପସ ପକ୍ଷରୁ ଆର.କେ. ମହାପାତ୍ର ମଧ୍ୟ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସମଗ୍ର ଉନ୍ନତି ଯାତ୍ରାକୁ ଆଲୋକିତ କରିଥିଲେ। ରିଜିଓନାଲ୍ ଡାଇରେକ୍ଟର ଡା. ରାଜେଶ କୁମାର ପାଢ଼ୀ






ଶିକ୍ଷାବର୍ଷ ୨୦୨୪୨୫ ମଧ୍ୟରେ ବିଦ୍ୟାଳୟର ଉଲ୍ଲେଖନୀୟ ସାଧନା ଉପରେ ଆଲୋକପାତ କରି ଭବିଷ୍ୟତରେ ବିଦ୍ୟାଳୟକୁ ଆହୁରି ଉଚ୍ଚ ଶିଖରକୁ ନେଇଯିବା ପାଇଁ ସମସ୍ତଙ୍କୁ ଶ୍ରେଷ୍ଠ ପ୍ରୟାସ କରିବାର ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ଉଦବୋଧନରେ କହିଥିଲେ ଯେ, ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ କେବଳ ଶିକ୍ଷା ପ୍ରଦାନ କରୁଥିବା ଏକ ସଂସ୍ଥା ନୁହେଁ, ବରଂ ଶିଷ୍ଟାଚାର, ମୂଲ୍ୟବୋଧ ଓ ସମଗ୍ର ବ୍ୟକ୍ତିତ୍ୱ ଗଢ଼ିବାରେ ଏହାର ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ ସାମାଜିକ ଦାୟିତ୍ୱକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଶ୍ରୀ ମାଝି ତାଙ୍କ ସଂକ୍ଷିପ୍ତ ଭାଷଣରେ ବିଦ୍ୟାଳୟର ଶିକ୍ଷା ପରିବେଶ, ଶୃଙ୍ଖଳା ଓ ସାଂସ୍କୃତିକ ଚେତନାକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ନେତୃତ୍ୱ ଗୁଣ ଉନ୍ମେଷ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ। ଏହି ଉତ୍ସବରେ ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଶ୍ୱେତା ନନ୍ଦ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଝରଣା ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଉଲ୍ଲେଖନୀୟ ସଫଳତା ନିମନ୍ତେ ତପସ୍ୱିନୀ ମାଝୀଙ୍କୁ ଶିକ୍ଷାବର୍ଷର ଗୌରବ ଶ୍ରେଷ୍ଠ ଛାତ୍ରୀ ରୂପେ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ରଙ୍ଗୀନ ପ୍ରଦର୍ଶନୀ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। ଏହି ଉତ୍ସବରେ ରାୟଗଡ଼ା ଜିଲ୍ଲାର ଅନେକ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ, ଅଭିଭାବକ, ଶିକ୍ଷକ ଓ ଶିକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ସମସ୍ତେ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଡାଇରେକ୍ଟର ଡ଼. ରାଜେଶ କୁମାର ପାଢ଼ୀ ଅନୁଷ୍ଠାନର ସମସ୍ତଙ୍କୁ ସାଧୁବାଦ ଜଣେଇଥିଲେ। ଏହି କାର୍ଯ୍ୟକ୍ରମରେ ‘ସକାଳ’ ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ସମ୍ପାଦକୀୟ



ମା' ପରି ମାତୃଭୂମି ମଧ୍ୟ ତୁମକୁ ଜନ୍ମ ଦେଇଛି । ତେଣୁ ମାତୃଭୂମି ପାଇଁ ତୁମେ ଗର୍ବ ଅନୁଭବ କରିବା ଆବଶ୍ୟକ ।

-ସତ୍ୟ ସାଇବାବା

ସକାଳ THE SAKALA

## ଆରାବଳି ପରେ ମହେନ୍ଦ୍ରଗିରି!

ଉତ୍ତର-ପଶ୍ଚିମ ଭାରତର ଦିଲ୍ଲୀଠାରୁ ଗୁଜରାଟ୍ ପର୍ଯ୍ୟନ୍ତ ୬୭୦ କିମି ବ୍ୟାପ୍ତ ଆରାବଳୀ ପର୍ବତମାଳାର ସଂଜ୍ଞା ପରିବର୍ତ୍ତନ ହୋଇଥିବା ଅଭିଯୋଗ ସହିତ ବିରୋଧାଭାସ ତୀବ୍ର ହେବାରେ ଲାଗିଛି । ଜୈବବିବିଧତା ଓ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପାର୍ବତ୍ୟାଞ୍ଚଳରେ ଖଣି ଖନନ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିବାରୁ ପରିବେଶବିତ୍‌ମାନେ ବିରୋଧ କରିଆସୁଛନ୍ତି । ଏପରିକି ଗତ ପ୍ରାୟ ୭ ବର୍ଷ ମଧ୍ୟରେ ଅଦାଲତ ୧୦ ଥର କେନ୍ଦ୍ର ସମେତ ବିଭିନ୍ନ ରାଜ୍ୟ ସରକାରମାନଙ୍କୁ ତାଗିଦ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଏହି ନିର୍ମାଣ କାର୍ଯ୍ୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଇନଗତ ପ୍ରତିବନ୍ଧକ ହଟାଇବାକୁ ଚତୁରତାର ସହିତ ଆରାବଳୀର ସଂଜ୍ଞାରେ ପରିବର୍ତ୍ତନ କରିଦିଆଯାଇଥିବା ଅଭିଯୋଗ ହୋଇଛି । ଏପରିକି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ପରିବର୍ତ୍ତିତ ସଂଜ୍ଞାକୁ ଗ୍ରହଣ କରିନେଇଥିବାରୁ ଆଗାମୀ ଦିନରେ ସେଠାରେ ଖଣି ଖନନ ଓ ଅନ୍ୟାନ୍ୟ ପରିବେଶ ପ୍ରତିକୂଳ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ଯାହାଫଳରେ ରାଜଧାନୀ ଦିଲ୍ଲୀର ପରିବେଶ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅପରପକ୍ଷରେ ସଂଜ୍ଞାକୁ ଭୁଲ୍ ତର୍ଜମା କରାଯାଇଥିବା ଏବଂ ଆରାବଳୀର ୧.୪୪ ଲକ୍ଷ ବର୍ଗକିମି ଅଞ୍ଚଳରୁ ମାତ୍ର ୦.୧୯% ଖଣିଜ କାର୍ଯ୍ୟକଳାପ ପାଇଁ ଅନୁମତି ଦିଆଯାଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି । କିନ୍ତୁ ହଠାତ୍ ସଂଜ୍ଞା ପରିବର୍ତ୍ତନର ଆବଶ୍ୟକତା କାହିଁକି ସୃଷ୍ଟି ହେଲା ତାହାକୁ ନେଇ ଆଉ ଏକ ଗୁରୁତର ପ୍ରଶ୍ନ ଉଠିଛି ।

ପରିବେଶ-ସମ୍ବେଦନଶୀଳ ଅଞ୍ଚଳରେ ବିକାଶ ଆଧାରିତ ନିର୍ମାଣ ମାର୍ଗଦର୍ଶିକା ଏବଂ ବିଭିନ୍ନ ବିଶେଷଜ୍ଞ କମିଟିର ପରାମର୍ଶ ଓ ସୁପାରିସକୁ ଉପେକ୍ଷା କରିବାର ପରିଣତି ଆମେ ପଶ୍ଚିମଘାଟ ପର୍ବତମାଳା ଅଧୀନ କେରଳର ୱାଇନାଡ଼ ଓ ହିମାଳୟ ପାର୍ବତ୍ୟାଞ୍ଚଳର ଉତ୍ତରାଖଣ୍ଡରେ ଘଟିଥିବା ବିଭୀଷିକା ଅଙ୍ଗେ ନିଭାଇଛେ । ତଥାପି ଅର୍ଥନୀତିକୁ ଅଗ୍ରାଧିକାର ଦେଇ ପରିବେଶକୁ ଉପେକ୍ଷା କରିବାର ବେପରୁଆ ମନୋବୃତ୍ତିକୁ ପରିହାର କରିପାରୁନେ । ତେଣୁ ଏବେ ଏହି ଧାରାରେ ଆରାବଳୀ ସାମିଲ୍ ହେବା ଆଶ୍ଚର୍ଯ୍ୟଜନକ ନୁହେଁ । ଏହି ପାର୍ବତ୍ୟାଞ୍ଚଳରେ ଅନେକ ଅଭୟାରଣ୍ୟ, ସଂରକ୍ଷିତ ଜୈବମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆଦି ରହିଛି । ଖଣିଜ କାର୍ଯ୍ୟକଳାପ ଦ୍ୱାରା ସେଗୁଡ଼ିକ ପ୍ରଭାବିତ ହେବା ନିଶ୍ଚିତ । କିନ୍ତୁ ଯାହାକୁ ନେଇ ସବୁଠାରୁ ବିବାଦ ଉଠିଛି ତାହା ହେଲା ଆରାବଳୀର ଉଚ୍ଚତାକୁ ଯେପରି ୧୦୦ ମିଟର ପର୍ଯ୍ୟନ୍ତ ଅବାଧରେ ହ୍ରାସ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ନୀତି ନିୟମକୁ ମୋଡ଼ିମକଚି ଦିଆଯାଇଛି । ସଂଜ୍ଞାର ବ୍ୟୁତ୍ପତ୍ତି କରିବାର ଅଧିକାର ଆମର ନାହିଁ । କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସବୁଜସଙ୍କେତ ଦେଇସାରିଥିବାରୁ ଏବେ କେବଳ ଆଞ୍ଚଳିକ ବିରୋଧ ହିଁ ଆରାବଳୀକୁ ସୁରକ୍ଷା ଦେଇପାରିବ ବୋଲି ମତ ପ୍ରକାଶ ପାଇଛି ।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ଆଭ୍ୟନ୍ତରୀଣ ସର୍ବେକ୍ଷଣ ରିପୋର୍ଟକୁ ଉଦ୍ଧାର କରି ପରିବେଶବତ୍ ଓ ଭୂବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ନୂତନ ସଂଜ୍ଞା ବଳରେ ଆରାବଳୀ ପାର୍ବତ୍ୟାଞ୍ଚଳର ପ୍ରାୟ ୯୦% ଅଞ୍ଚଳ 'ନିଷିଦ୍ଧାଞ୍ଚଳ' ମାନ୍ୟତା ହରାଇବ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ କଟକଣାମୁକ୍ତ ହୋଇଯିବ । ଏହି ରିପୋର୍ଟ ଅନୁଯାୟୀ ଆରାବଳୀ ପାର୍ବତ୍ୟାଞ୍ଚଳରେ ଥିବା ୧୨, ୦୮୧ ପର୍ବତ ଓ ମାଳଭୂମି ମଧ୍ୟରୁ ମାତ୍ର ୧, ୪୦୮ ଟି ୧୦୦ ମିଟର ଉଚ୍ଚତାର ସଂଜ୍ଞା ପୂରଣ କରୁଛି । ଏହାଛଡ଼ା କେନ୍ଦ୍ର ସରକାରଙ୍କ ସଂଶୋଧନ ପରେ ଆରାବଳୀର ନିଷିଦ୍ଧ ଅଞ୍ଚଳ ତାଲିକାରେ ରାଜସ୍ଥାନର ସାୱାଇ ମାଧୋପୁର ଜିଲ୍ଲାର ରାନ୍ଥମଭୋର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଚିତ୍ତୋରଗଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସ୍ଥାନ ପାଇନାହିଁ । ଅର୍ଥାତ୍ ସେଠାରେ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିବ ଏବଂ ସେହିସବୁ ଐତିହ୍ୟ ଓ ସ୍ମାରକୀ ପ୍ରତି ବିପଦ ଅବଶ୍ୟାମ୍ଭାବୀ ।

ଏହି ପୃଷ୍ଠଭୂମିରେ ଓଡ଼ିଶାର ମହେନ୍ଦ୍ରଗିରି ବିଷୟରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ । ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ-ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି । ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି । ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇସାରିଛି । ସେଠାରେ 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ପାଇଁ ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିର କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ତେଣୁ ଆରାବଳୀ ଧାରାରେ ମହେନ୍ଦ୍ରଗିରି ଜୈବମଣ୍ଡଳର ସଂଜ୍ଞା ମଧ୍ୟ ବଳି ପଡ଼ିବା ଅସମ୍ଭବ ନୁହେଁ । ଏଠାରେ ସୂଚାଇ ଦେବା ଉଚିତ ହେବ ଯେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଖନନ କାର୍ଯ୍ୟ ଯୋଗୁଁ ନିକଟରେ ମହେନ୍ଦ୍ରଗିରି ପର୍ବତ ଅଞ୍ଚଳରେ ଭୂସ୍ଖଳନ ଘଟି ଜୀବନହାନି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ଦିଲ୍ଲୀର ପରିବେଶକୁ ଆରାବଳୀ ସୁରକ୍ଷା ଦେବା ଭଳି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ । ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଆଳରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି । ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବପୁରାତନ । ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରିବା ପରେ ତାହାର ଦୁର୍ଲ୍ଲଭ ଜୈବବିବିଧତା ଧୀରେଧୀରେ ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଚାଲିଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରୁଛନ୍ତି । ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ଆରାବଳୀ ବଞ୍ଚାଅ ଆନ୍ଦୋଳନ' କିମ୍ବା 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ହୁଏତ ଜନ୍ମ ନେଇପାରେ । କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

# ସନ୍ତ୍ରାନ୍ତ ସନ୍ତ୍ରାସବାଦ ଓ ଆମ ବିଶ୍ୱବିଦ୍ୟାଳୟ

**ନାଥ କପିଳେନ୍ଦ୍ର ଦେବ**



ହରିୟାଣା ସ୍ଥିତ ଅଲ ଫଲହା ବିଶ୍ୱବିଦ୍ୟାଳୟର ଡାକ୍ତରୀ ଶିକ୍ଷା ପ୍ରଧ୍ୟାପକମାନଙ୍କର ଲାଲକିଲ୍ଲା ବିସ୍ଫୋରଣ ସହ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ପ୍ରମାଣ ହସ୍ତଗତ ହେବା ପରେ ସାରା ଦେଶରେ ଏବେ ବିଶ୍ୱବିଦ୍ୟାଳୟମାନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନଚିହ୍ନ ଲାଗିଛି । ଏହା ପୂର୍ବରୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ବିଚ୍ଛିନ୍ନତାବାଦୀ ସ୍ୱର, ଦେଶର ପ୍ରସିଦ୍ଧ ଶିକ୍ଷାୟତନର ଗରିମା ନଷ୍ଟ କରିଥିଲା । ୨୦୦୮ ମସିହାରେ ମୁମ୍ବାଇ ଆକ୍ରମଣ ସହ ସମ୍ପୃକ୍ତ ହାଫିଜ ମହମ୍ମଦ ସୟିଦ ଜଣେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ସହିତ ପାକିସ୍ତାନର ଆତଙ୍କବାଦୀ ସଂଗଠନ 'ଲସ୍କର-ଇ-ତୋଇବା' ର ଜଣେ ସେନାପତି ମଧ୍ୟ ଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆରବ ଭାଷା ଅଧ୍ୟାପକ ସୟିଦ ଅବଦୁଲ ଗିଲାନୀ ୨୦୦୧ ମସିହା ସଂସଦ ଆକ୍ରମଣ ସହ ଜଡ଼ିତ ଥିବାର ଅଭିଯୋଗ ହୁଏ, ଯଦିଓ ସେ ସମୟରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସେ ଦୋଷମୁକ୍ତ ହୋଇଥିଲେ । କାଶ୍ମୀର ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ରୀ ମହମ୍ମଦ ରଫି ଭଟ୍ଟ ହିଜ୍‌ବୁଲ ମୁଜାହିଦିନ ଓ ରସାୟନ ବିଭାଗ ପ୍ରାଧ୍ୟାପକ ଅଲତାଫ ହୁସେନ ଜାମ୍ମୁ କାଶ୍ମୀର ମୁକ୍ତି ସାମ୍ମୁଖ୍ୟ ସହ ରହି ଦେଶବିରୋଧୀ କାର୍ଯ୍ୟରେ ଜଡ଼ିତ ଥିଲେ । ଭାରତରେ କିଛି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନକ୍ସଲମାନଙ୍କୁ ପ୍ରୋତ୍ସାହିତ କରୁଥିବାର ଖବର ଆଗରୁ ଗଣମାଧ୍ୟମର ଶିରୋନାମା ହୋଇଥିଲା । ଏ ସବୁ ଅନୁଧ୍ୟାନ କଲେ ମନରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷାପଦ୍ଧତି, ଶୈକ୍ଷିକ ବାତାବରଣ, ପରିଚାଳନାଗତ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଦାନ ସାରା ବିଶ୍ୱର ସମୃଦ୍ଧି ପାଇଁ ଉଦ୍ଦିଷ୍ଟ । ପଞ୍ଚମରୁ ସପ୍ତମ ଶତାବ୍ଦୀ ବେଳର ପ୍ରାଚୀନ ଭାରତରେ ଗଢ଼ି ଉଠିଥିବା ନାଳନ୍ଦା, ତକ୍ଷଶୀଳା, ବିକ୍ରମଶିଳା ବିଶ୍ୱବିଦ୍ୟାଳୟଗୁଡ଼ିକରେ ହଜାର ହଜାର ଛାତ୍ର ଶିକ୍ଷା ଗ୍ରହଣ କରି ମାନବ ସଭ୍ୟତାକୁ ଆଲୋକ ଦେଖାଇଛନ୍ତି । ହିନ୍ଦୁ ସଂସ୍କୃତିରେ ଏଗୁଡ଼ିକ କେବଳ ଶିକ୍ଷାୟତନ ନୁହନ୍ତି, ବରଂ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ମନ୍ଦିର । ସେଠାରେ ସେତେବେଳେ ବେଦ, ଉପନିଷଦ, ଭାଷା, ସଂସ୍କୃତି ସହ ସାମାଜିକ ବିଜ୍ଞାନ, ଭେଷଜ ବିଜ୍ଞାନ, ଶରୀର ବିଜ୍ଞାନ, କୃଷି ବିଜ୍ଞାନ ଆଦି ଉପରେ ଶିକ୍ଷାଦାନ କରାଯାଉଥିଲା । ବିଦେଶୀ ପରିବ୍ରାଜକମାନେ ଏ ବିଷୟରେ ସେମାନଙ୍କ ବିବରଣୀରେ ଯଥେଷ୍ଟ ଆଲୋଚନା କରିଛନ୍ତି ।

ଏବେ ମଧ୍ୟ ପୃଥିବୀର ଅନେକ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ଗବେଷଣା ଦ୍ୱାରା ସୃଷ୍ଟିକୁ ବହୁ ଚମତ୍କାର ଉପହାର ଦେଇ ଚାଲିଛନ୍ତି । ସର୍ବପୁରାତନ ୟୁରୋପୀୟ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ମାସାଚୁସେଟସ ବୈଷୟିକ ଅନୁଷ୍ଠାନ, ବୈଷୟିକ ଶିକ୍ଷା ଓ ନବଉନ୍ମେଷରେ, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଆଇନ ଓ ନାଟକରେ, ଷ୍ଟାନ୍‌ଫୋର୍ଡ ବ୍ୟବସାୟ ଓ ଉଦ୍ୟୋଗ କ୍ଷେତ୍ରରେ, କେମ୍ବ୍ରିଜ କଳା ଓ ଗଣିତ ଶାସ୍ତ୍ରରେ ଉଚ୍ଚକୋଟୀର ଗବେଷଣା କରି ବିଶ୍ୱର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେଉଛନ୍ତି । ବିଶ୍ୱର ସମୁଦାୟ ନୋବେଲ ବିଜେତାମାନଙ୍କ ମଧ୍ୟରୁ କେବଳ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ରୁ ୧୬୦ ଜଣ ଅଛନ୍ତି । ଅତଏବ ବିଶ୍ୱବିଦ୍ୟାଳୟ ହିଁ ସୃଜନଶୀଳତା, ଆତ୍ମମନ୍ଥନ, ନୂତନ ଆଲୋକ ସନ୍ଧାନକାରୀଙ୍କ ବାସସ୍ଥଳୀ । ଏହାର ଶିକ୍ଷାନବିସମାନେ ନୂତନ ବିଶ୍ୱର ପଥପ୍ରଦର୍ଶକ, ଏଥିରେ ଅନ୍ୟଥା ନାହିଁ ।

ନିକଟ ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆମିଟି ବିଶ୍ୱବିଦ୍ୟାଳୟର ଜନୈକ ଛାତ୍ରୀ ଆୟେଶା ଜୈନଙ୍କର ମାମଲା ଗ୍ରହଣ କରି ଦେଶର ବେସରକାରୀ ବିଶ୍ୱବିଦ୍ୟାଳୟମାନଙ୍କର ସ୍ଥିତି, ପରିଚାଳନା ଓ ନିୟନ୍ତ୍ରଣବିଧି ଉପରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସବିଶେଷ ତଥ୍ୟ ମାଗିଥିଲେ । ସ୍ୱାଧୀନ ହେଲା ବେଳକୁ ଦେଶରେ ୧୭ ଟି ବିଶ୍ୱବିଦ୍ୟାଳୟ ଥିବା ସମୟରେ ଏହାର ସଂଖ୍ୟା ୨୦୨୫ ମଇ ମାସ ସୁଦ୍ଧା ୧୩୩୮ ହେଲାଣି । ଏଥିରେ କୃଷି ବିଶ୍ୱବିଦ୍ୟାଳୟ ପରି ବୃତ୍ତି ଉପରେ ନିବେଶିତ ବିଶ୍ୱବିଦ୍ୟାଳୟ ସାମିଲ ନୁହନ୍ତି । ଏବେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୩.୨୫ କୋଟି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ୧୯୪୮-୪୯ ମସିହାର ରାଧାକୃଷ୍ଣନ କମିଟିଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଓ ଗବେଷଣା ପାଇଁ ପଦକ୍ଷେପ ନିଆଯାଇଛି । କିନ୍ତୁ ବିଶ୍ୱବିଦ୍ୟାଳୟଗୁଡ଼ିକର ମୌଳିକ କର୍ତ୍ତବ୍ୟକୁ କିଏ କିପରି ନିୟନ୍ତ୍ରଣ କରୁଛି, ତାହା ହିଁ ପ୍ରଶ୍ନ । ରାଜ୍ୟସରକାରମାନଙ୍କର ଖାମଖିଆଲି ମନୋଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ଲଗାମଛଡ଼ା ପରି ବଢ଼ି ଚାଲିଛି । ପୁଞ୍ଜିପତିମାନେ ଏହାର ଫାଇଦା ନେଇ ନିଜସ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି । ସରକାରୀ ତଥ୍ୟ ଅନୁସାରେ ୨୦୧୧-୧୨ ରୁ ୨୦୨୧-୨୨ ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୨୬ ପ୍ରତିଶତ, ରାଜ୍ୟ ବିଶ୍ୱବିଦ୍ୟାଳୟରେ ୨୨ ପ୍ରତିଶତ ବଢ଼ିଥିଲା ବେଳେ ଘରୋଇ ବିଶ୍ୱବିଦ୍ୟାଳୟରେ ୪୯୭ ପ୍ରତିଶତ ବଢ଼ିଛି । ସରକାରୀ ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା, ଅଧ୍ୟାପକ ଅଭାବ, ଅଧ୍ୟାପନାର ପକ୍ଷପାତିତା, ଶୈକ୍ଷିକ ବାତାବରଣର ଅଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟମାନେ ନିଜର ପ୍ରଭୁତ୍ୱ ବିସ୍ତାର କରିଚାଲିଛନ୍ତି ଏବଂ ଶିକ୍ଷାକୁ ବ୍ୟବସାୟ କରିସାରିଛନ୍ତି । ସେହି ଅନୁଷ୍ଠାନମାନଙ୍କର ଆର୍ଥିକ ପରିଚାଳନା, ନିୟନ୍ତ୍ରଣ ଆଦି ବ୍ୟକ୍ତିଗତ ମାଲିକାନାରେ ଥିବାରୁ ଏବଂ ସରକାରୀ ନିୟନ୍ତ୍ରଣ ବାହାରେ ଥିବାରୁ ବହୁ କ୍ଷେତ୍ରରେ ଅନିୟମିତତା ପରିଲକ୍ଷିତ ହୁଏ । ଅଲ ଫଲହା ବିଶ୍ୱବିଦ୍ୟାଳୟ ଏହାର ଏକ ଉଦାହରଣ ।

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଆହୁରି ଦୁର୍ଦ୍ଦିନ ଦେଇ ଗତି କରୁଛି । ରାଜ୍ୟର ସର୍ବପୁରାତନ, ସର୍ବୋତ୍ତମ ତଥା ବହୁ ଜ୍ଞାନୀ, ଗୁଣୀ ବ୍ୟକ୍ତିବିଶେଷ, ପ୍ରଶାସକ, ବୈଜ୍ଞାନିକଙ୍କ ଏନ୍ତୁଡ଼ିଶାଳ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ଏବେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ । ଅଣଛାତ୍ର, ମାଦକଦ୍ରବ୍ୟ ଓ ମାରଣାସ୍ତ୍ରରେ ଛାତ୍ରାବାସ ଭରପୂର, ଏ ସବୁ ଗଣମାଧ୍ୟମର ସମ୍ବାଦ । 'ଯା ବିଦ୍ୟା ସେ ବିମୁକ୍ତୟେ', ଆପ୍ତ ବାକ୍ୟରେ ପ୍ରତିଷ୍ଠିତ ଏ ଅନୁଷ୍ଠାନର ସ୍ଥାନ ଏବେ କେଉଁଠି? ରାଜ୍ୟର ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମୁରବିଶୂନ୍ୟ । ସବୁଠି ଏବେ ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା, ଅରାଜକତା ।

ଯଦି ଶିକ୍ଷା ପୁଞ୍ଜିପତିଙ୍କର ରୋଜଗାରପନ୍ଥା ହୁଏ, ଛାତ୍ରଛାତ୍ରୀମାନେ ପଥ ଭ୍ରଷ୍ଟ ହୁଅନ୍ତି, ଅଧ୍ୟାପକମାନେ ବି ଗିଲାନୀ, ଭଟ, ଡ ସାହିନଙ୍କ ପରି ଅସାମାଜିକ କାମ କରନ୍ତି । ସନ୍ତ୍ରାସବାଦ, ନକ୍ସଲବାଦ ଆଦି ଦେଶ ବିରୋଧୀ ଶକ୍ତି ସହ ଯୋଡ଼ି ହୁଅନ୍ତି ଏବଂ ସାରା ମାନବ ସମାଜ ପ୍ରତି ଶତ୍ରୁ ହୁଅନ୍ତି । ଶିକ୍ଷାର ମନ୍ଦିର ଯେତେବେଳେ ସମାଜ ଗଠନ ବଦଳରେ ସମାଜକୁ ଧ୍ୱଂସ ଆଡ଼କୁ ନେବାକୁ ପ୍ରସ୍ତୁତ, ମାକ୍‌ଲେଙ୍କ ଭୁଲ ଶିକ୍ଷାଦାନ ପଦ୍ଧତି ଯୋଗୁଁ ଭାରତର ନିଜସ୍ୱ ଶିକ୍ଷା ପ୍ରଣାଳୀ ପାଶ୍ଚାତ୍ୟ ଶିକ୍ଷାପ୍ରଣାଳୀ ଦ୍ୱାରା ଅପହୃତ, ସେତେବେଳେ ଏ ବ୍ୟବସାୟିକ ଶିକ୍ଷା ଭାରତକୁ ଆହୁରି ଅନ୍ଧାର ଗହ୍ୱରକୁ ଯେ ଠେଲି ନ ଦେବ, କିଏ କହିବ? ସନ୍ତ୍ରାନ୍ତ ସନ୍ତ୍ରାସବାଦକୁ ରୋକିବାକୁ ଏବେଠୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବିଶ୍ୱବିଦ୍ୟାଳୟମାନେ ପୁଣି ଜ୍ଞାନର ପ୍ରଦୀପ ଜଳାନ୍ତୁ, ମାନବ ସଭ୍ୟତାକୁ ସମୃଦ୍ଧ କରନ୍ତୁ, ଏହା ହିଁ କାମନା ।

ଭୁବନେଶ୍ୱର, ମୋ: ୮୨୮୦୮୧୩୮୪୨

# ନକଲି ଦକ୍ଷତା ଓ ଶୈକ୍ଷିକ-ଦିବ୍ୟାଙ୍ଗ

**ଚିନ୍ତାମଣି ପଣ୍ଡା**

ଅଳ୍ପରେ ସନ୍ତୁଷ୍ଟ ହୋଇଯିବା ଯେହେତୁ ଆମର ସହଜାତ ପ୍ରବୃତ୍ତି, ତେଣୁ ଉଚ୍ଚାକାଂକ୍ଷୀ ହୋଇ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖିବା କ୍ୱଚିତ ଲୋକଙ୍କ ମାନସିକତାରେ ପ୍ରତିଫଳିତ ହୁଏ । ଯଦି କୌଣସି ବର୍ଷ ଓଡ଼ିଶାରୁ କେହି ଜଣେ ଶିକ୍ଷାନବିସ ଭାରତୀୟ ପ୍ରଶାସନିକ ସେବା କିମ୍ବା ସମତୁଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ, ସେ ମେଧା ତାଲିକାର ନିମ୍ନଆଡ଼କୁ ରହିଲେ ବି ଆମେ ବାଜା ବଜାଇ, ନାଚି କୁଦି, ଘରେ ଘରେ ପିଠା ପଣା କରି ପ୍ରବଳ ଖୁସି ପାଳନ କରୁ । ତେଣିକି ସେ ଓଡ଼ିଆ ହୁଅନ୍ତୁ କି ଅଣଓଡ଼ିଆ ବାସିନ୍ଦା । ଏହା ନିଶ୍ଚିତ ଭାବରେ ଆମ ଅସ୍ମିତାର ପ୍ରତୀକ । କିନ୍ତୁ ନିଜ ଦୋଷଦୁର୍ବଳତାକୁ ସମୀକ୍ଷା କରି ପରବର୍ତ୍ତୀ ବର୍ଷମାନଙ୍କରେ ଶୀର୍ଷସ୍ଥାନ ଅଧିକାର କରିବାକୁ ଉଦ୍ୟମ କରିବା ଆମ ଜାତକରେ ନଥାଏ ।

ଯେତିକି ମିଳିଲା, ତାହା ଆମ ଭାଗ୍ୟ ବୋଲି ଭାବି ସନ୍ତୋଷ ବ୍ୟକ୍ତ କରୁ । କାଁ ଭାଁ ଯଦି କେହି ଆନ୍ତର୍ଜାତିକ କ୍ଷେତ୍ରରେ ଅନ୍ତରୀକ୍ଷ ଗବେଷଣା, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ପ୍ରତିରକ୍ଷା, ଗବେଷଣା କିମ୍ବା ବ୍ୟବସାୟର ଉଚ୍ଚତମ ସୋପାନରେ ପହଞ୍ଚିଗଲେ ତେବେ ତାଙ୍କର ପ୍ରଦର୍ଶନ ଏ ଜାତି ପାଇଁ ଯେତିକି ଗର୍ବ ଓ ଗୌରବର ବିଷୟ, ପରବର୍ତ୍ତୀ ପିଢ଼ି ପାଇଁ ସେତିକି ପ୍ରେରଣାର ଉତ୍ସ ପାଲଟିଥାଏ । ଏ ଦିଗରେ ଉତ୍ତରଦାୟାଦମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଉଦ୍ୟମ କରିବା କଥା । ମାତ୍ର ନିଜର ଶିକ୍ଷା ବ୍ୟବସ୍ଥାର ବିକାଶ ଘଟାଇ ଆମେ ବିଦ୍ୟାର୍ଥୀ ଜୀବନରୁ ଏ ଦିଗରେ ଆଗେଇ ପାରୁନା ।

ଅନେକ ବର୍ଷ ତଳେ ଓଡ଼ିଶା ଶିକ୍ଷାର୍ଥୀମାନଙ୍କର ସର୍ବଭାରତୀୟ ପରୀକ୍ଷାରେ ନୈରାଶ୍ୟଜନକ ପ୍ରଦର୍ଶନ ଉପରେ ତର୍ଜମା କରି ପ୍ରାଥମିକ ସ୍ତରରୁ ଶିକ୍ଷାଦାନ ବ୍ୟବସ୍ଥାକୁ ଉନ୍ନତ ତଥା ଅତ୍ୟାଧୁନିକ କରାଯିବାର ମନ୍ତବ୍ୟ ଦିଆଯାଇଥିଲା । ତଦନୁଯାୟୀ ଏକ ଶୃଙ୍ଖଳିତ ତଥା ସୁବ୍ୟବସ୍ଥିତ ଢଙ୍ଗରେ ଶିକ୍ଷାଦାନ ପ୍ରଣାଳୀର ଉନ୍ନତି କଳ୍ପେ ଦୀର୍ଘମିଆଦୀ କାର୍ଯ୍ୟକ୍ରମମାନ ସଂରଚନା କରାଗଲା, ଯହିଁରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଓ ନିଯୁକ୍ତ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଗଲା । ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚୟନରେ 'ଓଡ଼ିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା'କୁ ସର୍ବନିମ୍ନ ଯୋଗ୍ୟତା ମାପଦଣ୍ଡ ହିସାବରେ ଧରାଗଲା । ତତ୍‌ସହିତ ପୂର୍ବ ନିଯୁକ୍ତ ଶିକ୍ଷକମାନଙ୍କୁ ମଧ୍ୟ ପଦୋନ୍ନତି ନିମନ୍ତେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ନିୟମ ନିର୍ଦ୍ଧାରଣ କରାଗଲା । ମହାବିଦ୍ୟାଳୟ ସ୍ତରରେ ଅଧ୍ୟାପକ ନିଯୁକ୍ତି ସମୟରେ ମଧ୍ୟ ଜାତୀୟ ସାମର୍ଥ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ସର୍ବନିମ୍ନ ଯୋଗ୍ୟତାର ମାପକାଠି ହେଲା । ତେବେ ପୁରାତନ ଶିକ୍ଷକମାନଙ୍କ ପାଇଁ ଏହି ପରୀକ୍ଷାର ପ୍ରଶ୍ନପତ୍ରଗୁଡ଼ିକ ଅତି ସରଳ, ସହଜ ଓ ସୁଗମ, ଯାହାକି ଜଣେ ସାଧାରଣ ଶିକ୍ଷକ ଅନାୟାସରେ ଉତ୍ତର କରିପାରିବେ । ଶିକ୍ଷକମାନଙ୍କ ସୁପ୍ତଜ୍ଞାନକୁ ଜାଗ୍ରତ କରାଇବା ତଥା ପରିବର୍ତ୍ତିତ ପରିସ୍ଥିତି ସହିତ ନିଜର ମେଧାଶକ୍ତିକୁ ଖାପ ଖୁଆଇବା ପାଇଁ ଏହା ଏକ ପ୍ରକୃଷ୍ଟ ସୁଯୋଗ । କିନ୍ତୁ ଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ନିଶ୍ଚିତ ଭାବରେ ଆମର ବୁଦ୍ଧିମତ୍ତା ତଥା ପ୍ରତ୍ୟୁତ୍ତମ ନିଷ୍ପତ୍ତିର ସ୍ତରକୁ ନିର୍ଦ୍ଧାରଣ କରେ ।

ଘଟଣାଟି ଏତିକିରେ ନରହି ଯଦି ଆମେ ଅସାଧୁ ଉପାୟ ଅବଲମ୍ବନରେ ସାମର୍ଥ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଚେଷ୍ଟା କରୁ ତାହା ନିଶ୍ଚିତ ଭାବରେ ଏକ ଶୈକ୍ଷିକ ଅଧୋଗତିର ଆଭାସ ଦିଏ । ଉଦ୍‌ବେଗର ବିଷୟ ଯେ, ମଣିଷ ତିଆରି କାରଖାନାର କୁଶଳୀ କାରିଗରଗଣ ଯଦି କଳାବଜାରରୁ ପରୀକ୍ଷା ଆଗରୁ ଉତ୍ତରପତ୍ର କିଣି ସଫଳତା ପାଇବେ, ତେବେ ଶୈକ୍ଷିକ-ଦିବ୍ୟାଙ୍ଗଗୁଡ଼ିଏ ହିଁ ସୃଷ୍ଟି ହେବା ଅବଶ୍ୟମ୍ଭାବୀ ହେବ । ଏମାନେ ଦେଶର ବେକାରି ସମସ୍ୟାକୁ ବହୁଗୁଣିତ କରିବା ସହିତ ଦାଦନ ଖଟିବାକୁ ଯାଇ ବିଦେଶରେ ନିର୍ଯାତିତ ହେବେ । ଆଉ ଥୋକାଏ ହତାଶ ହୋଇ ପେଟପାଟଣା ପାଇଁ ଅପରାଧ ଜଗତରେ ପ୍ରବେଶ କରିଯିବେ । ତେଣୁ ଶିକ୍ଷାର କର୍ଣ୍ଣଧାର ବୋଲାଉଥିବା ବ୍ୟକ୍ତିତ୍ୱମାନଙ୍କ ସାମାନ୍ୟତମ ତ୍ରୁଟିବିଚ୍ୟୁତି ପାଇଁ ଦେଶର ଭବିଷ୍ୟତ ଗଠନରେ କେତେବଡ଼ ଅଧୋପତନ ଯେ ନ ଘଟିବ, ତାହା ଜଳଜଳ ଦିଶେ ।

ବିଡ଼ମ୍ବନାର ବିଷୟ, ପ୍ରଶ୍ନପତ୍ରକୁ ପ୍ରଘଟ କରି ତହିଁରୁ ଆର୍ଥିକ ଫାଇଦା ହାସଲ କରିବାରେ ଯଦି ସଂଗ୍ରାମୀ ଶିକ୍ଷକ ନେତାଗଣ ଲିପ୍ତ ରୁହନ୍ତି, ତା'ହେଲେ ନିଜ ଜାତିଭାଇଙ୍କୁ ଉଦ୍ଧାର କରିବାକୁ ଯାଇ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରୁନାହାନ୍ତି କି? ମନେରଖନ୍ତୁ, ଏହାଦ୍ୱାରା କତିପୟ ମେଧାହୀନ ଶିକ୍ଷକଙ୍କର ତ୍ରାଣକର୍ତ୍ତା ସାଜି ଆପଣ ନିଜର ଆର୍ଥିକ ତଥା ରାଜନୈତିକ ଅଭୀପ୍ସା ପୂରଣ କରିପାରନ୍ତି, କିନ୍ତୁ ଅନେକ ବର୍ଷ ପର୍ଯ୍ୟନ୍ତ ଏହାର କୁପ୍ରଭାବ ଶୈକ୍ଷିକ ବାତାବରଣରେ ପରିଲକ୍ଷିତ ହେବ ।

ନକଲି କଳା-କୁଶଳତାର ପ୍ରମାଣପତ୍ର କେବଳ କ୍ଷଣିକ ଆତ୍ମସନ୍ତୁଷ୍ଟି ଦେଇପାରେ । କିନ୍ତୁ ଆପଣଙ୍କ କାରଖାନାର ଉତ୍ପାଦ ଏତେ ନିମ୍ନମାନର ହେବ ଯେ ତାହା ମୋଟ ଗଛକୁ ଘାସସମ ଛୋଟ ତୁଲ୍ୟ । ନା ଏମାନେ ନିଜ ମେଧାବଳରେ ନିଯୁକ୍ତି ପାଇପାରିବେ ନା ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ । ଏମାନଙ୍କୁ ନେଇ ଆତ୍ମନିର୍ଭର ଭାରତର ସ୍ୱପ୍ନ ଦେଖିହେବ ତ? ନୋବେଲ ବିଜେତା ନେଲସନ୍ ମାଣ୍ଡେଲାଙ୍କ ଉକ୍ତିର ଅନୁବାଦରେ - 'ଯଦି ତୁମେ କୌଣସି ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ହେଲେ ତା'ର ଶିକ୍ଷା ବ୍ୟବସ୍ଥାକୁ ନିମ୍ନମାନର କରିଦିଅ ।' ତେଣୁ ଖାଲି ଆଦର୍ଶ ବିଦ୍ୟାଳୟ ଖୋଲିଦେଲେ ଶିକ୍ଷାବ୍ୟବସ୍ଥା ଯେ ସୁଧୁରିଯିବ ତା' ନୁହେଁ, ବରଂ ଶୈକ୍ଷିକ ଢାଞ୍ଚାରେ ଆଦର୍ଶଗତ ପରିବର୍ତ୍ତନ କରା ନ ଗଲେ ଆଉ ଏହିପରି ଶୈକ୍ଷିକ-ଦିବ୍ୟାଙ୍ଗମାନଙ୍କ ହାତରେ ଶିକ୍ଷାର ବିକାଶକୁ ଟେକିଦେଲେ ଓଡ଼ିଆ ଜାତିର ଉଚ୍ଚାକାଂକ୍ଷା ପୂର୍ତ୍ତି ସୁଦୂର ପରାହତ ହେବ ।

(ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ)
ଭବାନୀପାଟଣା, ମୋ: ୮୧୪୪୦୬୬୦୧୬

# ଜଟିଆ ବାବା ମଠ

## ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଜଟିଆ ବାବା ମଠର ପ୍ରତିଷ୍ଠାତା ଜଟିଆ ବାବାଙ୍କର ପ୍ରକୃତ ନାମ ଥିଲା ବିଜୟକୃଷ୍ଣ ଗୋସ୍ୱାମୀ । ସେ ବଙ୍ଗପ୍ରଦେଶର ନଦିଆ ଜିଲ୍ଲାର ଶାନ୍ତିପୁରର ମୂଳ ବାସିନ୍ଦା ଥିଲେ । ତାଙ୍କର ବାପା ଆନନ୍ଦ ଚନ୍ଦ୍ର ଗୋସ୍ୱାମୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରମୁଖ ଶିଷ୍ୟ ଅଦ୍ୱୈତଙ୍କ ବଂଶଧର ଥିଲେ । ବିଜୟକୃଷ୍ଣଙ୍କ ଜନ୍ମ ବିଷୟରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ । କୁହାଯାଏ ଯେ ବିବାହର ଅନେକ ବର୍ଷ ପର୍ଯ୍ୟନ୍ତ ଆନନ୍ଦ ଚନ୍ଦ୍ର ଅପୁତ୍ରିକ ଥିଲେ । ଗୋଟିଏ ପୁତ୍ର କାମନା କରି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହେଲେ । ମହାପ୍ରଭୁଙ୍କ ଦର୍ଶନ ପାଇଁ ସେ ଗାଆଁରୁ ଦଣ୍ଡ ମାରି ମାରି ଶ୍ରୀକ୍ଷେତ୍ର ଆଗମନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ତାଙ୍କ ଭକ୍ତି ଓ ନିଷ୍ଠାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ବରଦାନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ୧୨୪୮ ମସିହା ଝୁଲଣ ପୂର୍ଣ୍ଣିମା ଦିନ ବିଜୟକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ ।

ବିଜୟକୃଷ୍ଣ ଜୀବନର ପ୍ରଥମ ଭାଗରେ ଗୃହୀ ଥିଲେ ଏବଂ ଶିଷ୍ୟମାନଙ୍କୁ ବୈଷ୍ଣବ ଦୀକ୍ଷା ଦେଇ ସେମାନଙ୍କଠାରୁ ପାଉଥିବା ଦାନଦକ୍ଷିଣାରେ ପରିବାର ପ୍ରତିପୋଷଣ କରୁଥିଲେ । ଥରେ ତାଙ୍କର ଜଣେ ଶିଷ୍ୟ ଭବସାଗରରୁ ପାର ହେବା ପାଇଁ ଉପାୟ ନିର୍ଦ୍ଦେଶ କରିବାକୁ ଅନୁରୋଧ କଲେ । କିନ୍ତୁ ଶିଷ୍ୟଙ୍କର ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଗୁରୁଙ୍କ ପାଖରେ ନ ଥିଲା । ଉତ୍ତର ଅନ୍ୱେଷଣରେ ବିଜୟକୃଷ୍ଣ ଆଚାର୍ଯ୍ୟ ବେଦାନ୍ତ ଦର୍ଶନ ଅଧ୍ୟୟନ କଲେ । ବେଦାନ୍ତ ଦର୍ଶନର 'ଅହଂ ବ୍ରହ୍ମୋସ୍ମି' ବାକ୍ୟଖଣ୍ଡ ତାଙ୍କ ମନକୁ ଆନ୍ଦୋଳିତ କରିବାରୁ ସେ ବ୍ରାହ୍ମ ସମାଜରେ ଯୋଗ ଦେଲେ । କିଛିବର୍ଷ ପରେ ବ୍ରାହ୍ମ ସମାଜର ନୀତି ତାଙ୍କୁ ଭଲ ନ ଲାଗିବାରୁ ପୁଣି ସନ୍ନ୍ୟାସ ଗ୍ରହଣ କଲେ । ଏହାପରେ ସଦ୍‌ଗୁରୁ ସନ୍ଧାନରେ ବିଜୟକୃଷ୍ଣ ସାରା ଭାରତ ଭ୍ରମଣ କଲେ । ଶେଷରେ ଗୟା ତୀର୍ଥବାସ ସମୟରେ ସିଦ୍ଧ ସାଧକ ବ୍ରହ୍ମାନନ୍ଦ ପରମହଂସଙ୍କୁ ଗୁରୁ ପଦରେ ବରଣ କରି ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ । ସମୟକ୍ରମେ ଗୁରୁଙ୍କ ନିର୍ଦ୍ଦେଶକ୍ରମେ ବିଜୟକୃଷ୍ଣ ବୈଷ୍ଣବ ଦୀକ୍ଷା ଦେବା ଆରମ୍ଭ କରିବାରୁ ଅଳ୍ପଦିନ ଭିତରେ ହଜାର ହଜାର ଶିଷ୍ୟ ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ବିଜୟକୃଷ୍ଣଙ୍କୁ ପୁତ୍ର ରୂପେ ପାଇ ଥିବାରୁ ମାଆ ତାଙ୍କୁ ଶ୍ରୀକ୍ଷେତ୍ର ଯିବା ପାଇଁ ବାରଣ କରିଥିଲେ । କାରଣ ସେ ବୋଧହୁଏ ବିଶ୍ୱାସ କରୁଥିଲେ ଯେ ପୁଅ ଥରେ ଜଗନ୍ନାଥ ଧାମକୁ ଗଲେ ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟରେ ପ୍ରଭାବିତ ହୋଇ ଆଉ ଘରକୁ ଫେରିବ ନାହିଁ । କିନ୍ତୁ ସନ୍ନ୍ୟାସୀ ବିଜୟକୃଷ୍ଣ ମାଆଙ୍କ ବାରଣ ସତ୍ତ୍ୱେ ମହାପ୍ରଭୁଙ୍କ ଆକର୍ଷଣରେ ଟାଣି ହୋଇ ନୀଳାଚଳରେ ଆସି ପହଞ୍ଚିଲେ । ସେ ପରିଣତ ବୟସରେ ଶ୍ରୀକ୍ଷେତ୍ର ଆସିଥିବାରୁ ମାଆଙ୍କ ଦେହାନ୍ତ ପରେ ସେ ନୀଳାଚଳ ଆସିଥିବା ପରି ମନେହୁଏ । ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ବାକି ଜୀବନ ମହାପ୍ରଭୁଙ୍କ ସେବାରେ ଅତିବାହିତ କରିବା ପାଇଁ ନିଷ୍ପତ୍ତି ନେଇ ପ୍ରଥମେ ବଡ଼ଦାଣ୍ଡରେ ଏକ ଘର ଭଡ଼ାନେଇ ରହିଲେ । କ୍ଷେତ୍ରରେ ଅନେକ ଜନହିତକର ଓ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସେ ପ୍ରଭୂତ ଲୋକପ୍ରିୟତା ଅର୍ଜନ କଲେ । ତାଙ୍କ ମୁଣ୍ଡରେ ଅନେକ ଲମ୍ବା ଜଟ ଥିଲା । ତେଣୁ ଶିଷ୍ୟ, ସେବକ ଓ କ୍ଷେତ୍ରବାସୀମାନେ ତାଙ୍କୁ ଶ୍ରଦ୍ଧାରେ 'ଜଟିଆ ବାବା' ବୋଲି ସମ୍ବୋଧନ କରିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ତାଙ୍କର ମୂଳ ନାଆଁ ଜନ ସାଧାରଣଙ୍କ ମନରୁ ହଜିଗଲା ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ପୁରୀରେ ତାଙ୍କର ଲୋକପ୍ରିୟତା ଏତେ ବଢ଼ିଗଲା ଯେ ଅନେକ ଲୋକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ । କ୍ରମଶଃ ଏହି ଈର୍ଷା ଘୃଣାରେ ପରିଣତ ହେଲା ଏବଂ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଗଲା । ଥରେ ବାବା ସେବା କରିବାକୁ ଥିବା ମହାପ୍ରସାଦରେ ଷଡ଼ଯନ୍ତ୍ରକାରୀମାନେ ବିଷ ମିଶେଇ ଦେଲେ । ବାବା ସେ କଥା ଜାଣି ପାରିଥିଲେ ମଧ୍ୟ ମହାପ୍ରସାଦର ପବିତ୍ରତାରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ତେଣୁ ସେ ବିଷମିଶା ମହାପ୍ରସାଦ ଆନନ୍ଦରେ ସେବନ କଲେ । ମହାପ୍ରଭୁଙ୍କ କରୁଣାରୁ ବିଷ ତାଙ୍କ ଶରୀରରେ କୌଣସି ପ୍ରଭାବ ପକେଇ ପାରି ନ ଥିଲା ।

ସେତେବେଳେ ନରେନ୍ଦ୍ର ସରୋବରର ଉତ୍ତର ଦିଗରେ ଥିବା ନିଘଞ୍ଚ ଅରଣ୍ୟରେ ବାବା ଆଶ୍ରମ ନିର୍ମାଣ କରି ବାସ କରିବାକୁ ଲାଗିଲେ । ଶିଷ୍ୟମାନେ ଏହି ସୂଚନା ପାଇବା ପରେ ବହୁ ଅର୍ଥ ଦାନ ଓ ଦକ୍ଷିଣା ସ୍ୱରୂପ ପଠାଇଲେ । ସେ ଅର୍ଥର ବିନିଯୋଗ କରି ବାବାଙ୍କ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା ଏବଂ ଭକ୍ତମହଲରେ 'ଜଟିଆ ବାବା ମଠ' ରୂପେ ଖ୍ୟାତିଲାଭ କଲା ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ଟ୍ରେନ ଶୌଚାଳୟ ନିକଟରେ ବସି କୁସ୍ତି ଖେଳାଳିଙ୍କ ଯାତ୍ରା ପ୍ରସଙ୍ଗ**

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୨ (ସମିସ): ଜାତୀୟ ସ୍କୁଲ କୁସ୍ତିର ୬୯ତମ ସଂସ୍କରଣରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୧୮ ଜଣ ଖେଳାଳିଙ୍କୁ ନିକଟରେ ଟ୍ରେନରେ ଶୌଚାଳୟ ନିକଟରେ ବସି ଯାତ୍ରା କରିବାକୁ ବାଧ କରାଯାଇଥିଲା। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯୁବ ଖେଳାଳିଙ୍କୁ ଏଭଳି ଚରମ ଅବହେଳା ଲାଗି ଓଡ଼ିଶା ଏବେ ଜାତୀୟସ୍ତରରେ ଲଜ୍ଜିତ ହୋଇଛି। ଏହି ପ୍ରସଙ୍ଗ ମଧ୍ୟ ଜାତୀୟ ଗଣମାଧ୍ୟମରେ ଖବରର ଶିରୋନାମାରେ ରହିଛି। ଗଣଶିକ୍ଷା ବିଭାଗର ଏହି ଚରମ ଅବହେଳାକୁ ନେଇ କ୍ରୀଡ଼ା ମହଲ ସମେତ ଚାରିଆଡ଼ୁ ଏହାକୁ କଡ଼ା ନିନ୍ଦା କରାଯାଇଥିଲା। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। 'ଆମେ ଏହି ଘଟଣାର ତଦନ୍ତ କରୁଛୁ। ଆମକୁ ଜାଣିବାକୁ ପଡ଼ିବ ଯେ କେଉଁଠି ଭୁଲ ରହିଲା ଏବଂ କିଏ ଏଥିଲାଗି ଦାୟୀ। ତଦନ୍ତ ପରେ ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ' ବୋଲି ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ ଗଣମାଧ୍ୟମକୁ କହିଛନ୍ତି। ଅପରପକ୍ଷେ ଏହି ଘଟଣାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି।

ପ୍ରକାଶଯୋଗ୍ୟ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୧୦ଜଣ ପୁଅ ଓ ୮ଜଣ ଝିଅଙ୍କ ସମେତ ୧୮ଜଣଙ୍କ କ୍ରୀଡ଼ାବିତଙ୍କୁ ଏହି ଜାତୀୟସ୍ତରୀୟ ସ୍କୁଲ କୁସ୍ତି ଲାଗି ଉତ୍ତରପ୍ରଦେଶକୁ ପଠାଯାଇଥିଲା। ତେବେ ସେମାନଙ୍କର ଟ୍ରେନ ଟିକଟ୍ ସଂରକ୍ଷିତ ନ କରି ଗଣଶିକ୍ଷା ବିଭାଗ ଏହି ଯୁବ କ୍ରୀଡ଼ାବିତ୍‌ଙ୍କୁ ଅସହ୍ୟ ଥଣ୍ଡାରେ ସାଧାରଣ ବଗିରେ ଟ୍ରେନ୍ ଶୌଚାଳୟ ପାଖରେ ବସି ଯାତ୍ରା କରିବାକୁ ବାଧ କରିଥିଲା। ସବୁଠୁ ବିଡ଼ମ୍ବନାର ବିଷୟ ଯେ ଖେଳାଳିମାନେ ଫେରିଲାବେଳେ ମଧ୍ୟ ସମାନ ଭାବେ ଟ୍ରେନ ଶୌଚାଳୟ ନିକଟ କବାଟ ପାଖରେ ବସି ଘରକୁ ଫେରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାପରେ ଘଟଣାକୁ ଚାରିଆଡ଼ୁ ନିନ୍ଦା କରାଯାଇଥିଲା। ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରି ଓଡ଼ିଶା ଯେଉଁ ସୁନାମ ଅର୍ଜନ କରିଥିଲା ଏହି ଘଟଣା ପରେ ତାହା ରାଜ୍ୟକୁ ଲଜ୍ଜିତ କରିଛି ବୋଲି ମତ ପ୍ରକାଶ ପାଇଛି।

**ବିସ୍ଫୋରକ ଖାଇ କ୍ଷତାକ୍ତ ହାତୀ ମୃତ**

# ଲୁଚେଇ ପୋତିଦେଲେ

ବାରିପଦା, ୨୩।୧୨(ସମିସ): ବିସ୍ଫୋରକ ମିଶା ଖାଦ୍ୟ ଖାଇ ଗୁରୁତର ୭/୮ ବର୍ଷର ଚିକିତ୍ସାଧୀନ ମାଇ ହାତୀ ଶେଷରେ ଆଖି ବୁଝୁଛି। ୯ଦିନ ଧରି ଡାକ୍ତରୀ ଦଳ ଅକ୍ଲାନ୍ତ ପରିଶ୍ରମ କରିବା ପରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ହାତୀଟି ୪ଦିନ ପୂର୍ବରୁ ଅର୍ଥାତ୍ ୨୦ତାରିଖରେ ଆଖି ବୁଜିଛି। ଅତ୍ୟଧିକ ସଂକ୍ରମଣ ଓ ହାତୀର ଜିଭ ୮୦ପ୍ରତିଶତ ଛିଡ଼ିଯାଇଥିବାରୁ ଖାଦ୍ୟ ଖାଇ ନପାରି ତା'ର ଜୀବନ ଯାଇଛି। ତେବେ ମୃତ୍ୟୁ ପରେ ବନ ବିଭାଗ ଗଣମାଧ୍ୟମକୁ ନ ଜଣାଇ ଲୁଚାଛପାରେ ଅନ୍ତିମ ସଂସ୍କାର କରିଦିଆଯାଇଛି। ହାତୀର ଏଭଳି ଅବସ୍ଥା କିପରି ହେଲା ବା କିଏ ଦାୟୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ପରିବେଶବିତଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। କୌଣସି ସୂଚନା ନଦେଇ ତରବରିଆ ଭାବେ ବ୍ୟବଚ୍ଛେଦ କରି ଫାଇଲ ବନ୍ଦ କରିବା ତଦନ୍ତସାପେକ୍ଷ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ ଝାଡଖଣ୍ଡରୁ ପଶ୍ଚିମବଙ୍ଗ ହୋଇ ଆସିଥିବା ହାତୀପଲ ଚଳପ୍ରଚଳ କରୁଥିବା ସମୟରେ ଏହି ମାଇହାତୀ ଗୁରୁତର ଅବସ୍ଥାରେ ଘୂରି ବୁଲୁଥିବା ଦେଖାଯାଇଥିଲା। ଖାଦ୍ୟ ପାନୀୟ ଗ୍ରହଣ କରି ନପାରି ଏଣେତେଣେ ଦୌଡୁଥିବାରୁ ବନବିଭାଗ ଗତ ୧୧ତାରିଖ ହାତୀଟିକୁ ଉଦ୍ଧାର କରିଥିଲା। ହାତୀକୁ ଟ୍ରାଙ୍କୁଲାଇଜ୍ କରି ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ଚିକିତ୍ସାଳୟରେ ରଖାଯାଇ ଚିକିତ୍ସା କରାଯାଉଥିଲା। ହାତୀର ଏକ-ତୃତୀୟାଂଶ ଜିଭ ଛିଡି ଯାଇଥିବା ବେଳେ ପାଟିରେ ଅତ୍ୟଧିକ ସଂକ୍ରମଣ ହୋଇଯାଇଥିଲା। ଦୁଇ ଜଣ ଡାକ୍ତର ହାତୀଟିର ଚିକିତ୍ସାର ୯ଦିନ ପରେ ହାତୀଟି ଆଖି ବୁଜିଥିଲା।

■ ୧୯ ବର୍ଷ ପରେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ହାଇକୋର୍ଟଙ୍କ ରାୟ

# ଅଭିଯୁକ୍ତକୁ ଆଜୀବନ ଜେଲ

କଟକ,୨୩।୧୨(ସମିସ): ଜନୈକା ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ଦୁଇ ଅଭିଯୁକ୍ତଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଦୀର୍ଘ ୧୯ ବର୍ଷ ପରେ ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। କାଠୁ କାରୁଆ ଓ ରମେଶ ଆପଟଙ୍କ ତରଫରୁ ଗତ ୨୦୦୫ରେ ରୁଜୁ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି । ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଗତ ୨୦୦୫ ଅକ୍ଟୋବର୬ରେ ଅଭିଯୁକ୍ତ କାଠୁ କାରୁଆକୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଅନ୍ୟପଟରେ ଅଭିଯୁକ୍ତ ରମେଶଙ୍କୁ ପ୍ରଦାନ କରାଯାଇଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସାକ୍ଷୀ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୨୦୦୨ ଅଗଷ୍ଟ୨୩ରେ ଯୋଡା ଥାନା ଅନ୍ତର୍ଗତ କମରଯୋଡା ପୋଖରୀ ନିକଟରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଯୋଡା ଥାନାରେ ମୃତକଙ୍କ ଭିଣୋଇ ପବିତ୍ର ନାୟକ ଏକ ଏତଲା ଦେଇଥିଲେ । ୨୦୦୨ ଅଗଷ୍ଟ୨୨ରେ ମୃତକ ମହିଳା ଜଣଙ୍କ ଦୁଇ ପିଲାଙ୍କୁ ଘରେ ଛାଡି ତାଙ୍କର ଜନୈକ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ କମାରଜୋଡା ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନଥିଲେ। ପର ଦିନ କମାରଜୋଡା ଜଳାଶୟ ଧାର ତଳେ ତାଙ୍କର କ୍ଷତାକ୍ତ ମୃତଦେହ ମିଳିଥିଲା। ପୁଲିସ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଗତ ୨୦୦୫ ଅକ୍ଟୋବର୬ରେ ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତରେ 'ବାଂଲା'...

ଶାନ୍ତି ଓ ସହିଷ୍ଣୁତା ହେଉଛି ଦ୍ୱିପାକ୍ଷିକ ସଂପର୍କର ମୂଳଦୁଆ। ଏହା ବଜାୟ ରହିବା ଉଚିତ। ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ବିଗୁଡ଼ିଥିବାରୁ ରୁଷିଆ ଉଦବେଗ ପ୍ରକାଶ କରିଛି। ଭାରତ ସହିତ ସଂପର୍କ ସୁଧାରିବା ଲାଗି ବାଂଲାଦେଶ ପଦକ୍ଷେପ ନେଉ ବୋଲି ରୁଷ ପରାମର୍ଶ ଦେଇଛି। ଢାକାରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଖୋଜିନ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସଂପର୍କ ଯେତେଶୀଘ୍ର ଶାନ୍ତ ପଡ଼ିବ, ସଂପୃକ୍ତ ଅଞ୍ଚଳ ପାଇଁ ସେତିକି ଭଲ। ୧୯୭୧ କଥା ମନେ ପକାଇ ସେ କହିଛନ୍ତି ଯେ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମରେ ଭାରତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଭାରତ ଯୋଗୁଁ ଆଜି ବାଂଲାଦେଶ ସ୍ୱାଧୀନ ହୋଇପାରିଛି। ତେଣୁ ଭାରତ ସହିତ ବାଂଲାଦେଶ ମିତ୍ରତା ପ୍ରତିଷ୍ଠା କରୁ ବୋଲି ସେ କହିଛନ୍ତି। ବାଂଲାଦେଶରେ ହିଂସା ବୃଦ୍ଧି ପାଉଥିବାରୁ ଜାତିସଂଘ ମଧ୍ୟ ଉଦବେଗ ପ୍ରକାଶ କରିଛି। ଜାତିସଂଘ ମହାସଚିବଙ୍କ ମୁଖପାତ୍ର କହିଛନ୍ତି ଯେ ସେଠାରେ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା ମଧ୍ୟ ନିନ୍ଦନୀୟ। ଦେଶରେ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବାଂଲାଦେଶ କସରକାର। ଇତିମଧ୍ୟରେ ପାକିସ୍ତାନାରେ ଶାସକ ଦଳର ଜଣେ ନେତା ଧମକ ଦେଇଛନ୍ତି ଯେ ବାଂଲାଦେଶ ପ୍ରତି ଭାରତ ବିପଦ ସୃଷ୍ଟି କଲେ ତାଙ୍କ ଦେଶର ସେନା ଏବଂ ଲୋକେ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ସେହବାଜ ସରିଫଙ୍କ ଦଳର ଜଣେ ନେତା କହିଛନ୍ତି ଯେ ବାଂଲାଦେଶ ଉପରେ ଭାରତ ଆକ୍ରମଣ କଲେ ଭାରତ ଉପରେ ପାକିସ୍ତାନ ଆକ୍ରମଣ କରିବାକୁ ପଛାଇବ ନାହିଁ।

### ୭ ରାଜ୍ୟରୁ...

୧୯, ୧୩, ୫୪୦ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇସାରିଛନ୍ତି। ସେହିପରି ୧,୭୯, ୦୪୩ ଜଣ ଏକରୁ ଅଧିକ ସ୍ଥାନରେ ପଞ୍ଜିକରଣ କରିଛନ୍ତି। ଏବେ ଏହି ସବୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ଆରମ୍ଭ ହେବ। ଭୋଟର ନିଜ ଦାବି ଉପସ୍ଥାପନ କରି ତାଲିକାରେ ସାମିଲ ହୋଇପାରିବେ। ଏହା ପୂର୍ବରୁ ଇସି ୭ ରାଜ୍ୟ ପଶ୍ଚିମବଙ୍ଗ, ରାଜସ୍ଥାନ, ତାମିଲନାଡୁ, ଗୁଜରାଟ, ଗୋଆ, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀର ଚିଠା ଭୋଟର ତାଲିକା ଜାରି କରିସାରିଛନ୍ତି। ବିଭିନ୍ନ କାରଣରୁ ଏହି ରାଜ୍ୟଗୁଡ଼ିକରୁ ୨ କୋଟି ୭୦ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ତାମିଲନାଡୁରୁ ସର୍ବାଧିକ ୯୭ ଲକ୍ଷ, ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗର ୫୮ ଲକ୍ଷ ନାମ ବାଦ ଦିଆଯାଇଛି। ୨୦୨୫ର ସ୍ଥାନୀୟ ନିର୍ବାଚନ ପାଇଁ ପ୍ରସ୍ତୁତ ଭୋଟର ତାଲିକା ଅନୁଯାୟୀ, କେରଳରେ ୨.୮୬ କୋଟିରୁ ଅଧିକ ପଞ୍ଜିକୃତ ଭୋଟର ଅଛନ୍ତି। କେରଳରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତାଲିକା ଇସିଙ୍କ ୱେବସାଇଟରେ ଉପଲବ୍ଧ ରହିଛି। ଏହାକୁ ରାଜନୈତିକ ଦଳଙ୍କୁ ପ୍ରଦାନ କରାଯିବ। ଇଆରଓ ନିଷ୍ପତ୍ତି ବିରୋଧରେ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ସିଇଓଙ୍କ ପାଖରେ ଆବେଦନ କରିବାର ନିୟମ ରହିଛି। ତେବେ ତାମିଲନାଡୁରେ ସର୍ବାଧିକ ୯୫ ଲକ୍ଷ ଭୋଟରଙ୍କ ନାମ କଟିଛି।

### ରାଜ୍ୟ ସ୍ୱାର୍ଥ ସହ...

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଆନ୍ତଃରାଜ୍ୟ ନଦୀ ଜଳ ବିବାଦକୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଆପୋଷ ସମାଧାନ ହୋଇ ନାହିଁ। ଯାହା ସମାଧାନ ହୋଇଛି ତାହା କୋର୍ଟରେ ଆଇନଗତ ଲଢ଼େଇ ଦ୍ୱାରା ସମ୍ଭବପର ହୋଇପାରିଛି। ସେଥିପାଇଁ ଗତ ସରକାରରେ ମାମଲା ଟ୍ରିବ୍ୟୁନାଲକୁ ନେବା ସହ ଆମେ ଏନେଇ ଲଢ଼େଇ କରିଥିଲୁ। ତେବେ ବର୍ତ୍ତମାନ ଛତିଶଗଡ ସହ ଚାଲିଥିବା ଆଲୋଚନାର ବିଷୟ ବସ୍ତୁ ରାଜ୍ୟବାସୀଙ୍କୁ ଜଣାଯାଉ। ରାଜ୍ୟ ସରକାର ସର୍ବଦଳୀୟ ବୈଠକ ଡାକନ୍ତୁ। ଏହାସହ ବିଶେଷଜ୍ଞମାନଙ୍କ ପରାମର୍ଶ ମଧ୍ୟ ନିଆଯାଉ ବୋଲି ଶ୍ରୀ ପୂଜାରୀ ପ୍ରସ୍ତାବ ଦେଇଛନ୍ତି । କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି ଯେ ମହାନଦୀର ସ୍ୱାର୍ଥ ଓ ସୁରକ୍ଷା ପାଇଁ ସମସ୍ତେ ମିଳି ମିଶି ଲଢ଼ିବା । ଦୁଇରାଜ୍ୟର ସ୍ୱାର୍ଥ ପୂରଣ ନହେଲେ ଏହାର ସମାଧାନ କରିବା ବହୁ କଷ୍ଟକର ହୋଇପଡ଼ିବ। ତେଣୁ ଏହି ମାମଲାକୁ ଅଧିକ ଲମ୍ବିତ ନ କରି ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଜରୁରୀ ଅଟେ। ମହାନଦୀ କୁ ନେଇ ଲଢେଇ କରୁଥିବା ସମସ୍ତ ସଂଗଠନକୁ ଏଥିରେ ସାମିଲ କରାଯାଉ। ଆଲୋଚନାର ସମସ୍ତ ପ୍ରସଙ୍ଗ ରାଜ୍ୟବାସୀଙ୍କୁ ଅବଗତ କରାଯାଉ ବୋଲି ସେ ଦାବି କରିଛନ୍ତି। ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳ ବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟ ବର୍ତ୍ତମାନର ସ୍ଥିତି, ମହାନଦୀ-ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍ଦ୍ଦୋସ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସହିତ ବିଭାଗୀୟ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ମଧ୍ୟ କମିଟିକୁ ଆବଶ୍ୟକୀୟ ସୂଚନା ଦେବା ପାଇଁ ବୈଠକରେ ଉପସ୍ଥିତ ଥିଲେ।

**ଅଦାଲତ ନିର୍ଦ୍ଦେଶ ଅନୁପାଳନରେ ପ୍ରଶାସନିକ ଅବହେଳା ନେଇ କଠୋର ଆଭିମୁଖ୍ୟ**

# ପ୍ରତିସ୍ତରରେ ସରକାରୀ କଳର ଜବାବଦେହୀ ରହୁ: ହାଇକୋର୍ଟ

କଟକ,୨୩।୧୨(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ସରକାରୀ ବିଭାଗର କାର୍ଯ୍ୟଶୈଳୀ ଏବଂ ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ହେଉଥିବା ବିଳମ୍ବକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଚାରପତି ଜଷ୍ଟିସ ଭି. ନରସିଂହ ଏହି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କ ଛାପା, ଷ୍ଟେସନାରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପକ୍ଷରୁ ଦାୟର ରିଟ୍ ପିଟିସନକୁ ଖାରଜ କରିବା ସହ ପ୍ରଶାସନିକ ସ୍ଥାଣୁତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ କଳ ମଧ୍ୟରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଅଦାଲତ କହିଛନ୍ତି ଯେ ଯଦି ପ୍ରତିସ୍ତରରେ ଜବାବଦେହୀ ସୃଷ୍ଟି କରାନଯାଏ, ତେବେ ପ୍ରଶାସନିକ ଅବହେଳା ଯୋଗୁଁ ରାଜ୍ୟ ସରକାରଙ୍କୁ କ୍ଷତି ସହିବାକୁ ପଡ଼ିବ।

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ବାବଦରେ ଧାର୍ଯ୍ୟ ହୋଇଥିବା ପାଖାପାଖି ୩୯.୧୦ ଲକ୍ଷ ଟଙ୍କାର ବକେୟା ଏବଂ ପ୍ରାୟ ୪୫.୯୨ ଲକ୍ଷ ଟଙ୍କାର ସୁଧ ପୈଠ କରିବାକୁ ନେଇ ଆସିଷ୍ଟାଣ୍ଟ ପ୍ରୋଭିଡେଣ୍ଟ

■ ଛାପା ଓ ପ୍ରକାଶନ ନିର୍ଦ୍ଦେଶାଳୟର ଆବେଦନ ଖାରଜ
■ ରାୟର ୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଫଣ୍ଡ କମିସନରଙ୍କ ନିର୍ଦ୍ଦେଶ ବିରୋଧରେ ନିର୍ଦ୍ଦେଶାଳୟ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଉଚ୍ଚ ନ୍ୟାୟାଳୟ ପୂର୍ବରୁ ନିର୍ଦ୍ଦେଶାଳୟକୁ ୧୫ଦିନ ମଧ୍ୟରେ ଟ୍ରିବ୍ୟୁନାଲରେ ଅପିଲ୍ କରିବାକୁ ସୁଯୋଗ ଦେଇଥିଲେ ମଧ୍ୟ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଏପରିକି, ସମୟସୀମା ବୃଦ୍ଧି ପାଇଁ ମଧ୍ୟ କୌଣସି ଆବେଦନ କରିନଥିଲେ।

ନ୍ୟାୟାଳୟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି ଯେ କର୍ମଚାରୀ ଭବିଷ୍ୟନିଧି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ, ୧୯୫୨ ଏକ ଜନମଙ୍ଗଳକାରୀ ଆଇନ ହୋଇଥିବାରୁ ଏହାର ନିୟମାବଳୀକୁ କଠୋର୍ ଭାବେ ଅନୁପାଳନ କରାଯିବା ଆବଶ୍ୟକ। ସରକାରୀ ବିଭାଗ ପକ୍ଷରୁ ହୋଇଥିବା ୨୮୯ଦିନର ଅହେତୁକ ବିଳମ୍ବକୁ କ୍ଷମା କରାଯାଇପାରିବ ନାହିଁ ବୋଲି ଦର୍ଶାଇ ଅଦାଲତ ଟ୍ରିବ୍ୟୁନାଲଙ୍କ ପୂର୍ବ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ, ୧୭.୦୯.୨୦୧୫ର ମୂଳ ନିର୍ଦ୍ଦେଶକୁ ଆସନ୍ତା ୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

■ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡ଼ିବା ପ୍ରସଙ୍ଗ

# କେତେ ଶିକ୍ଷକଙ୍କୁ ସିଆରସିସି ନିଯୁକ୍ତ କରାଯାଇଛି ଜଣାଅ: ହାଇକୋର୍ଟ

କଟକ,୨୩।୧୨(ସମିସ): ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂକଟ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଆଜି ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁସାରେ ସ୍କୁଲରେ ଶିକ୍ଷକ ଛାତ୍ର ଅନୁପାତ ରହୁ ନଥିବା ଓ ଶିକ୍ଷକମାନଙ୍କୁ ସିଆରସିସି ନିଯୁକ୍ତ କରାଯାଉଥିବା ଯୋଗୁଁ ଶିକ୍ଷାଦାନ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ରାଜ୍ୟରେ କେତେ ପ୍ରାଥମିକ ଶିକ୍ଷକଙ୍କୁ ସିଆରସିସି ଭାବେ ନିୟୋଜିତ କରାଯାଇଛି ଓ ସେମାନେ ଶିକ୍ଷାଦାନ କରୁନାହାନ୍ତି; ସେ ସମ୍ପର୍କରେ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାନମଣ୍ଡଳ ଗ୍ରାମଦ୍ୟୋଗ ସଂଗଠନ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ଧାନମଣ୍ଡଳ ନୋଡାଲ ୟୁପି ସ୍କୁଲରେ ବାଲ୍ ବାଟିକା ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଏଭଳି ସ୍ଥିତିରେ ଶିକ୍ଷାଦାନ ଗଭୀର ପ୍ରଭାବିତ ହେଉଛି। ନିର୍ଦ୍ଦିଷ୍ଟ ବିଷୟ ପାଇଁ ଶିକ୍ଷକ ନାହାନ୍ତି। ଏଥିସହ ଶିକ୍ଷକଙ୍କୁ ସିଆରସିସି ଦାୟିତ୍ୱ ଦିଆଯାଉଛି ଓ ସେମାନେ ପାଠ ପଢ଼ାଉନଥିବାରୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ଏହା ଉଚିତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଜ୍ୟରେ ଏଭଳି ୧ହଜାର ଶିକ୍ଷକ ସିଆରସିସି ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି, ଯାହାଦ୍ୱାରା ଶିକ୍ଷାଦାନ ପ୍ରଭାବିତ ହେଉଛି ବୋଲି ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ଚାଷୀଙ୍କୁ ନ୍ୟାୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର, ୨୩।୧୨ (ସମିସ): ଧାନକିଣାକୁ ନେଇ ରାଜ୍ୟର ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଦେଉଛୁ କହି ବାହାଦୂରୀ ମାରୁଥିବା ଡବଲ ଇଞ୍ଜିନ ସରକାର ବାସ୍ତବରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତେବେ କୃଷକଙ୍କୁ ନ୍ୟାୟ ନଦେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ବିଜେଡି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପ୍ରମୁଖ ଧାନକିଣା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର କୃଷକ ଦିବସ ଉପଲକ୍ଷେ ରାଜ୍ୟର କୃଷକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ଦଳ ସବୁବେଳେ ଆଗରେ ରହିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଦେଉଛୁ କହି ନିଜ ପିଠି ଥାପୁଡ଼ାଉଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାରେ ଫେଲ ମାରିଛନ୍ତି। ୨୦୨୪-୨୫ ବର୍ଷରେ ୨୦ ପ୍ରତିଶତ ଧାନ ସଂଗ୍ରହ ହୋଇପାରି ନଥିଲା। ଏବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମୟ ଉପନୀତ ହୋଇସାରିଥିଲେ ମଧ୍ୟ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟର ୧୧ଟି ଜିଲ୍ଲାରେ ଧାନ ମଣ୍ଡି ଖୋଲା ହେଲା ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କୌଣସି ଜାଗାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୧୧ଟି ଜିଲ୍ଲାର ଚାଷୀ ଆଜି ରାସ୍ତାରେ। ଟୋକନ୍ ପିଛା କେତେ ଧାନ ସରକାର କିଣିବେ ବୋଲି ସନ୍ଦେହ ସୃଷ୍ଟି ହେଲାଣି। କୁହାଯାଉଛି, ଟୋକନ୍ ପିଛା ୧୦୦ କୁଇଣ୍ଟାଲ ଧାନ କିଣା ହେବ। ଧାନକିଣାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ମନ୍ତବ୍ୟ ଚିନ୍ତାଜନକ ଥିବା ବେଳେ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ତାଳ ମେଳ ରହୁନାହିଁ। ଯୋଗାଣ ମନ୍ତ୍ରୀ ଚଳିତ ବର୍ଷ ସ୍ଥିରୀକୃତ ହୋଇଥିବା ପରିମାଣରୁ ଅଧିକ ଧାନ କିଣାଯିବ ନାହିଁ ବୋଲି




■ ୧୧ଟି ଜିଲ୍ଲାରେ ମଣ୍ଡି ଖୋଲିଥିଲେ ମଧ୍ୟ ଧାନ ଉଠିନାହିଁ
■ ଅଧାରୁ ଅଧିକ ଚାଷୀଙ୍କୁ ଟୋକନ୍ ମିଳୁନାହିଁ
■ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ରହୁନାହିଁ ସମନ୍ୱୟ
■ ଏଫଏକ୍ୟୁ ନାମରେ କଟନୀ ଛଟନୀ ଜାରି ରହିଛି

କହିଥିଲା ବେଳେ ସମବାୟ ମନ୍ତ୍ରୀ ଟୋକନ୍ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ସମସ୍ତ ବଳକା ଧାନକୁ କିଣାଯିବ ବୋଲି ସୂଚନା ଦେଇଥିଲେ। ଏଥିରୁ କେଉଁଟା ଠିକ୍ ବୋଲି ଆମେ ବୁଝିବା ବୋଲି ସେ ପ୍ରଶ୍ନ କରିଥିଲେ।

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ମିଲ୍ ମାଲିକ ଓ ରାଜ୍ୟ ସରକାରଙ୍କ ଭିତରେ ମଧୁଚନ୍ଦ୍ରିକା ଚାଲିଥିବାରୁ ରାଜ୍ୟର ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଏଫଏକ୍ୟୁ ନାମରେ କଟନୀଛଟନୀ ଚାଲିଛି। ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଚାଷୀମାନେ ଟୋକନ୍‌କୁ ଚାହିଁ ବସିଛନ୍ତି। ଟୋକନ୍ ବିତରଣ ନେଇ କୌଣସି ସ୍ୱଚ୍ଛତା ନାହିଁ। ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମିଳୁନାହିଁ। ସରକାର ଧାନକିଣା ନେଇ ବଡ଼ବଡ଼ କଥା କହୁଛନ୍ତି, କିନ୍ତୁ ବାସ୍ତବ ଚିତ୍ର ଅଲଗା। ୨୦୨୪-୨୫ ବର୍ଷରେ ୧୯ ଡିସେମ୍ବର ସୁଦ୍ଧା ୯୮,୬୭୦ ଜଣ ଚାଷୀଙ୍କଠାରୁ ୪,୬୨,୬୭୫ ମେଟ୍ରିକ୍ ଟନ୍ ଧାନ କିଣା ହୋଇସାରିଥିଲା ବେଳେ ଚଳିତ ବର୍ଷ ୧୯ ଡିସେମ୍ବର ସୁଦ୍ଧା ୫୮,୨୦୬ ଜଣ ଚାଷୀଙ୍କଠାରୁ ୨,୬୫,୯୦୬ ମେଟ୍ରିକ ଟନ ଧାନ କିଣାଯାଇଛି। ଏହି ତଥ୍ୟରୁ ରାଜ୍ୟରେ ଧାନ କିଣା ସ୍ଥିତି କିପରି ମାନ୍ଦା ରହିଛି, ତାହା ସ୍ପଷ୍ଟ ହେଉଛି। ଏହାଛଡ଼ା ଧାନକିଣା ପ୍ରକ୍ରିୟା ଶେଷ ହେବାର ୨୪ଘଣ୍ଟା ଭିତରେ ଧାନର ମୂଲ୍ୟ କୃଷକମାନଙ୍କୁ ମିଳିବା ନିୟମ ରହିଥିଲେ ମଧ୍ୟ ଏହା ୨୪ ଦିନ ପର୍ଯ୍ୟନ୍ତ ମିଳୁନାହିଁ। ବିଲରୁ ମଣ୍ଡିକୁ ପହଞ୍ଚାଇବା ପାଇଁ ଲାଗୁଥିବା ପରିବହନ ଖର୍ଚ୍ଚ ସହିତ ଏବେ ମଣ୍ଡିରୁ ମିଲରଙ୍କ ଗୋଦାମ ପର୍ଯ୍ୟନ୍ତ ଖର୍ଚ୍ଚ ମଧ୍ୟ ଚାଷୀଙ୍କୁ ବହନ କରିବାକୁ ପଡୁଛି ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।

# ମହୁମାଛି ଦଂଶନରେ ଜଣେ ମୃତ

କାମାକ୍ଷାନଗର,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମର ସର୍ବେଶ୍ୱର ସାହୁ (୯୦)ଙ୍କର ମଙ୍ଗଳବାର ମହୁମାଛି ଆକ୍ରମଣରେରେ ମୃତ୍ୟୁ ହୋଇଛି। ସୋମବାର ଗ୍ରାମର ଜଟାଧାରୀ ସାହୁ ଓ ସର୍ବେଶ୍ୱର ସାହୁ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସର୍ବେଶ୍ୱରଙ୍କର ମୃତ୍ୟୁ ହୋଇଥିବା ବେଳେ ଜଟାଧାରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

**AFFIDAVIT**

By virtue of an Affidavit before Notary Public, Malkangiri, **I, Bhimsen Sondhi,** aged about 31 Years, S/o: Singa Sondhi, resident of village: Lugel, P.O.: Lachipeta, P.S.: M.V-79, Dist.: Malkangiri, Odisha, declare by this Affidavit No.:2086/2025, Dated:23/12/2025 that I have changed my name from Sondhi Bhimsen to Bhimsen Sondhi . Henceforth I shall be known as **Bhimsen Sondhi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Kausalya Kabasi,** aged about 22 Years, D/o: Sambaru Kabasi, resident of village: Telimeta, PO.: Jharapalli, P.S./Dist.: Malkangiri, Odisha, declare by this Affidavit No.:2087/2025, Dated:23/12/2025 that I have changed my name from Koushalya Kabasi to Kausalya Kabasi. Henceforth I shall be known as **Kausalya Kabasi** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Dhenkanal dated 10.10.2025, I MAMATAMANJARI ROUT, At KENDUDHIPA, P.O. – DIGI, P.S.- KAMAKHYANAGAR, Dist.- DHENKANAL- 759023 declare that I have changed my name from MAMATA MANJARI JENA to MAMATAMANJARI ROUT. Henceforth I shall be known as **MAMATAMANJARI ROUT** for all purposes.

**AFFIDAVIT**

I, **Faruque Razvi Shaikh,** S/o: Abdul Quddus Shaikh, resident of Mojahitnagar, Dhamnagar, Bhadrak, Odisha, Pin-756117, declare by this affidavit No.: 1693, dated: 22.12.2025, that now onwards I shall be known as **Sk Faruque Razvi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha, dtd-10/07/2025. Affidavit No-2109, I **Upendra Prusty,** resident of At/Post- Tirimal, Ps- Jatni, Dist- Khordha, Pin-752050, Odisha declare that my Minor daughter name from **Priya Prusty to Priyanka Prusty.** Henceforth, she shall be known as **Priyanka Prusty** for all purposes.

**AFFIDAVIT**

By virtue of an affidavit before the Notary Public, Sonepur, dtd.23.12.2025, I, Priyabrata Padhan, S/o Sanatan Padhan, Vill/Po- Lupursingha, Lachhipur, Subarnapur (Odisha), declare that my correct name is Priyabrata Padhan but in my Aadhaar its wrongly mentioned as Priyabat Padhan. That both the names belong to the same person i.e. myself.

**Sd/- Priyabrata Padhan**

**AFFIDAVIT**

By virtue of an affidavit no- 4501, dated-15/12/2025 sworn before the Executive Magistrate, Banpur, declare that I, **Saraswati Sahoo,** DOB: 01/01/1978, W/o- Satrughna Sahoo of Address: At- Ranipada, Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Chanchala Sahoo to Saraswati Sahoo.** Henceforth, now onwards I shall be known as **Saraswati Sahoo** for all future purposes.

**Saraswati Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.3 dtd. 12/12/2025, I Jarasingh Suna, S/o- Minketan Suna, R/o- Vill.- Arjunda, Po.- Pandakipali, Ps.- Sohela, Dist.- Bargarh state that, my actual name is **Jarasingh Suna**, S/o- Minketan Suna but in my Aadhaar card bearing no. 590446626491 my name has been wrongly mentioned as Darasingh Suna, S/o- Minketan Suna. Hence **Jarasingh Suna** & **Darasingh Suna** is one and same person.

**AFFIDAVIT**

I, Rokiya Bibi, W/o: Sk Faruque Razvi, resident of Jayanagar, Dhamnagar, Bhadrak, Odisha, Pin-756117, declare by this Affidavit No.: 1694, dated: 22.12.2025, that now onwards I shall be known as Rokiya Tabashom Bibi for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 22.12.2025, I **Reshmi Parbin,** permanent Qtr No.-S/I9, NAC Colony, Unit-3, Kharvel Nagar, BBSR-751001, Odisha declare that I have changed my name from **Reshmi Begum to Reshmi Parbin.** Heneceforth, I shall be known as **Reshmi Parbin** for all purpose.

**Reshmi Parbin**

**LOST**

I **Mr. Diwakar Kumar Chaurasia,** aged about 69 years, S/o.: Late Kishorilal Chaurasia, Caste: Barai, Occupation: Business, R/o: village 215/c, Ashok Nagar, P.O: Basharatpur, P.S/District: Gorakhpur, State: Uttarapradesh. That I have purchased the lands situated at Mouza: Arjunpur, P.S: Sonepur, P.S. No.: 17, Tahasil: Sonepur, Dist.: Subarnapur, Khata No.: 55, Plot No.: 561/768, Kissam: Berna A.J., Area: Ac.0.220 Dec. Full, Bounded by North: Diwakar kumar Chourasia, South: Uddhaba Jal & Others, Plot No.: 566, Kissam: Atta, Area: Ac.0.140 Dec. Full, North: Anabadi, South: Diwakar Kumar Chourasia, Plot No.: 562, Kissam: Atta, Area: Ac.0.470 Dec. Full, Bounded by North/South: Diwakar Kumar Chourasia, Plot No.: 565, Kissam: Patita, Area: Ac.0.150 Dec. Full, Bounded by Road, Khata No.: 136/57, Plot No.: 596/802, Kissam: Atta Sadharana, Area: Ac.0.850 Dec. Full, Bounded by North: Road, South: Diwakar Kumar Chourasia, from Debji Bhai Patel, S/o.: Late Dhanji Bhai Patel, Caste-Chasa, Occupation-Business, R/o.: Gandhinagarpada, Bolangir, PO./P.S./District: Bolangir, at present R/o.: Village Arjunpur, PO./P.S.: Sonepur, District: Subarnapur, vide Regd. Sale Deed No.: 1010/2009, Dt.20.05.2009 and Regd. Sale Deed No.: 11661202096, Dt.12.09.2012, Registered at DSRO: Sonepur. That, unfortunately the link Regd. Sale Deeds has been lost while I am traveling from Arjunpur to Sonepur on Dt.08.12.2025. If anyone find this deed please **Contact : 9838022380.**

**AFFIDAVIT**

By virtue of an affidavit sworn before Executive Magistrate Bonth, Bhadrak on Dated 22nd December 2025, I LAXMIPRIYA PUHAN wife of SANJAY KUMAR PUHAN, Address: AT-APTIRASADANGI, PO-B.T.PUR ,PS-AGARAPADA, DIST-BHADRAK, ODISHA-756115, have changed my minor Daughter's name from "SANTUSINE PUHAN" to "SANTOSINI PUHAN". Henceforth, she shall be known as **"SANTOSINI PUHAN"** for all purposes.

**AFFIDAVIT**

By virtue of an affidavit no- 2473, dated- 19/6/2025 sworn before the Executive Magistrate, Banpur, declare that I, **Akshay Kumar Parida,** DOB: 15/ 04/1990, S/o- Jagannath Parida of Address At/Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Akhaya Jena,** S/o- Joginder Jena to **Akshay Kumar Parida,** S/o- Jagannath Parida. Henceforth, I **Akhaya Jena** and **Akshay Kumar Parida** both are one and same person. But now onwards I shall be known as **Akshay Kumar Parida** for all future purposes.

**Akshay Kumar Parida**

# ଶେଷହେଲା ୨୮ ତମ 'ପରବ' ଉଦ୍‌ଯାପନୀ ସନ୍ଧ୍ୟାରେ ଜନସମୁଦ୍ର







କୋରାପୁଟ,୨୩।୧୨(ସମିସ): ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୨୫' ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ହାଡ଼ଭଙ୍ଗା ଶୀତ ସତ୍ତ୍ୱେ ପ୍ରବଳ ଜନ ସମାଗମ ଦେଖିବାକୁ ମଳିଥିଲା। 'ପରବ ପଡ଼ିଆ' ଏକ ପ୍ରକାର ଜନ ସମୁଦ୍ର ପାଲଟି ଥିବା ଭଳି ଦୃଶ୍ୟମାନ ହୋଇଥିଲା। ଶେଷ ରାତିରେ ୫ ଲକ୍ଷରୁ ଅଧିକ ଜନ ସମାବେଶ ହୋଇଥିଲା। ଜିଲ୍ଲାପାଳ ତଥା ପରବ କମିଟି ଅଧକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ,

## 'ସଚେତ-ପରମ୍ପରା'ଙ୍କ ଗୀତରେ ଝୁମିଲେ ଦର୍ଶକ

ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପୁଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସ୍ୱାଗତ ଭାଷଣ ପରେ 'ପରବ୨୦୨୫'ଆୟୋଜନରେ ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବ୍ଲକ, ପୌର ପରିଷଦ, ସମସ୍ତ ବିଭାଗ ଓ ଗଣ ମଧ୍ୟମକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁରର ଢେମସା, ପରଜା ନୃତ୍ୟ , ଜଗତ୍‌ସିଂହପୁରର ଘୋଡ଼ା ନାଚ, ରାଜସ୍ଥାନର ଘୁମୋର ଦର୍ଶକଙ୍କ ମନ କିଣି ନେଇଥିଲା ବେଳେ ସଚେତ ଓ ପରମ୍ପରାଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ। ପରମ୍ପରାଙ୍କ ରଙ୍ଗବତୀ ଗୀତ ଦର୍ଶକ ଖୁବ ଉପଭୋଗ କରିଥିଲେ। ଏହା ବ୍ୟତୀତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ନାକେଦମ୍

'ପରବ ୨୦୨୫' ଉଦ୍‌ଯାପନୀ ସନ୍ଧ୍ୟାରେ ୫ ଲକ୍ଷରୁ ଅଧିକ ଜନ ସମାଗମ ହୋଇଥିବା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ନାକେଦମ ହୋଇଥିଲେ। ଗତବର୍ଷର ଅନୁଭୂତି ଅନୁଯାୟୀ ପୁଲିସ ଟ୍ରାଫିକ ନିୟନ୍ତ୍ରଣ ଓ ପରିଚାଳନା ଅତି ସୁନ୍ଦର ଭାବରେ ତୁଲାଇ ଥିଲେ। କିନ୍ତୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଶେଷ କରି 'ସଚେତ ଓ ପରମ୍ପରା'ଙ୍କ ଅର୍କେଷ୍ଟ୍ରାର ମଜା ନେବାକୁ 'ପରବ' ପଡ଼ିଆରେ ଯେଉଁ ଜନ ସମୁଦ୍ର ହୋଇଥିଲା ସେହି ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏସ୍‌ପି ରୋହିତ ବର୍ମା ନିଜେ ୩ ଜଣ ଅତିରିକ୍ତ ଏସପି, ଏକାଧିକ ଡିଏସପି, ଇନ୍ସପେକ୍ଟରଙ୍କ ସହ ୩୭ ପ୍ଲାଟୁନ ଫୋର୍ସ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ପାଇଁ ପଡ଼ିଆରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶକ ହେବା ପରେ ଦଳା ଚକଟା ଭଳି ଅଘଟଣକୁ ଏଡ଼ାଇବା ପାଇଁ ପୁଲିସ ବାଧ୍ୟ ହୋଇ ସବୁ ପ୍ରବେଶ ପଥ ବନ୍ଦ କରିଥିଲା। ତିନି ଘଣ୍ଟାରୁ ଅଧିକ ସମୟ ଦର୍ଶକ ମାନେ ବ୍ୟାରିକେଟ ଭିତରେ ରହିବାକୁ ବାଧ୍ୟ ହୋଇଥିଲା ବେଳେ ଲକ୍ଷାଧିକ ଦର୍ଶକ ଭିତରକୁ ଯାଇ ନପାରି ପଡ଼ିଆ ସମ୍ମୁଖରେ ଥିବା ପାହାଡ଼ ଉପରେ ଚଢ଼ି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

ଅନ୍ୟ ପକ୍ଷରେ ପରବ ମୁଖ୍ୟ ସମାରୋହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବାରେ ପୁଲିସ ପ୍ରଶାସନର ଭୂମିକାକୁ ସାଧାରଣରେ ପ୍ରଶଂସା କରାଯାଇଛି। ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ସତ୍ତ୍ୱେ ସବୁ କିଛି ଶୃଙ୍ଖଳାର ସହ ହୋଇଥିବାରୁ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷ କୋରାପୁଟ ପୁଲିସକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଅନାବଶ୍ୟକ କଲଭର୍ଟ ନିର୍ମାଣ ନେଇ ଅସନ୍ତୋଷ

ମାଥିଲି,୨୨।୧୨ (ସମିସ): ଗାଁ ଠାରୁ ସହରକୁ ଗମନାଗମନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରାମ ଉନ୍ନୟନ ବିଭାଗ ଓ ପୂର୍ତ୍ତବିଭାଗ ପକ୍ଷରୁ ନୂତନ ରାସ୍ତା ନିର୍ମାଣ ସହିତ ନଦୀ ନାଳ ଉପରେ ପୋଲ ଓ କଲଭଟ ନିର୍ମାଣ କାର୍ଯ୍ୟ କରୁଛନ୍ତି। କିନ୍ତୁ ବିଗତ ସରକାର ପକ୍ଷରୁ ଏହି ସବୁ କାର୍ଯ୍ୟ ସରିଛି। ତାହା ସହିତ ରାସ୍ତା ନିର୍ମାଣ ସହିତ ମାଓ ଅଞ୍ଚଳରେ ମାଓ ସମ୍ପୂର୍ଣ୍ଣ ଦମନ ସହିତ ଗାଁରୁ ସହରକୁ ଯୋଡିବା ପରେ ଗାଁର ଲୋକ ମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ ହୋଇଛି। କିନ୍ତୁ ପରିତାପର ବିଷୟ ପୂର୍ବ ସରକାର ସମୟରେ ପୂର୍ତ୍ତବିଭାଗ ବିଭାଗ ତରଫରୁ ନିର୍ମାଣ ହୋଇଥିବା ସ୍ଥାନରେ ଏବେ ଅନେକ ରାସ୍ତାରେ ନୂତନ କଲଭର୍ଟ ନିର୍ମାଣ କାର୍ଯ୍ୟ କରୁଛି ପୂର୍ତ୍ତବିଭାଗ। ଯାହାକୁ ନେଇ ଅନେକ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ପୁରୁଣା ପୋଷ୍ଟ ଅଫିସ ସାମ୍ନାରେ। ଗତ କିଛି କିଛି ଦିନ ତରେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ଉପରେ ଥିବା ଏକ ପୁରୁଣା କଲଭଟ ନିର୍ମାଣ ପାଇଁ ରାସ୍ତା ଖୋଲି ରାସ୍ତା ଅବରୋଧ କରିବା ସହିତ ଅନେକ ଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ ଲାଇନ ଗୁଡିକ କାଟି ଦେଇଛି। ଲୋକଙ୍କ ଅଭିଯୋଗ ଯେ ଅନାବଶ୍ୟକ ସ୍ଥାନରେ କଲଭର୍ଟ ନିର୍ମାଣ କରି ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ସହିତ ଠିକାଦାର ଅର୍ଥ ହଡ଼ପ କରିଛନ୍ତି। ଅନାବଶ୍ୟକ ସ୍ଥାନରେ କଲଭଟ ନିର୍ମାଣ ପାଇଁ ପୂର୍ତ୍ତବିଭାଗ ରାସ୍ତା ଖୋଳିବା କାରଣରୁ ଅନେକ ଲୋକଙ୍କ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାସ କୁମାର ମଲ୍ଲିକଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆମର ଫୋନ ଗ୍ରହଣ କରିନାହାନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ସହ ଅନାବଶ୍ୟକ ସ୍ଥାନରେ କଲଭଟ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ସମ୍ପୃକ୍ତ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଜନ ସାଧାରଣଙ୍କୁ ପାନୀୟ ଜଳ ଯୋଗାଣ କରିବା ପାଇଁ ଦାବି ହୋଇଛି।

## ସ୍କୁଟର-ବାଇକ୍ ଧକ୍କା, ଜଣେ ମୃତ

ସୁନାବେଡ଼ା,୨୩।୧୨(ସମିସ); ସୋମବାର ରାତିରେ ୨୬ ନଂ ଜାତୀୟ ରାଜପଥରେ ସୁନାବେଡ଼ା ଏଚଏଏଲ୍ ଗେଷ୍ଟ ହାଉସ ନିକଟରେ ସ୍କୁଟର-ବାଇକ୍ ଧକ୍କାରେ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ ସୋମବାର ରାତି ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ସୁନାବେଡ଼ା ଏଚଏଏଲ୍ ଗେଷ୍ଟ ହାଉସ ନିକଟରେ ସ୍କୁଟର (ନଂ. ଓଡ଼ି ୧୦ଏସ୍ ୯୫୧୩) ଏବଂ ବାଇକ୍ (ନଂ. ଓଡି ୧୦ଏକ୍ସ ୩୩୫୦୪) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ସ୍ଥାନୀୟ ଲୋକ ପହଞ୍ଚି ଆମ୍ବୁଲାନ୍ସ ଡକାଇ ଆହତଙ୍କୁ ଚିକିତ୍ସା ନିମନ୍ତେ କୋରାପୁଟ ବଡ ମେଡିକାଲକୁ ପଠାଇଥିଲେ। ଜଣକର ସେଠାରେ ମୃତ ଘଟିଛି ଏବଂ ଦୁଇ ଜଣ ଚିକିତ୍ସା ପରେ ଭଲ ଅଛନ୍ତି। ମୃତ ବ୍ୟକ୍ତି ଜଣକ ସେମିଳିଗୁଡା ଶାସ୍ତ୍ରୀ ନଗର ବାସିନ୍ଦା ଅନିଲ ଡଙ୍ଗରିଆ ବୋଲି ସୁନାବେଡ଼ା ଥାନା ଏସଆଇ ନିର୍ମଳା ଲିମା ସୂଚନା ଦେଇଛନ୍ତି।

## ସରୁନାହିଁ ପୂର୍ତ୍ତ ବଙ୍ଗଳା ମରାମତି କାମ

### ପଦାଧିକାରୀଙ୍କୁ ମିଳୁନି ବିଶ୍ରାମ ସ୍ଥଳୀ

ଲକ୍ଷ୍ମୀପୁର,୨୩।୧୨(ସମିସ):




କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଥିବା ପୂର୍ତ୍ତ ବଙ୍ଗଳା କାର୍ଯ୍ୟ ଆରମ୍ଭ ହୋଇ ଆଜକୁ ୫ମାସ ହୋଇ ଗଲାଣି ଶେଷ ହୋଇପାରୁ ନାହିଁ। ମରାମତି ପାଇଁ ୩୫ ଲକ୍ଷ ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇ ଥିବା ସହ ସେପ୍ଟେମ୍ବର ମାସରେ କାର୍ଯ୍ୟାଦେଶ ଦିଆଯାଇ ଥିବା ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସୁରେନ୍ଦ୍ର ସାହୁ କହନ୍ତି। ଏହି ବଙ୍ଗଳାଙ୍କୁ ଚାରି ଆଡେ ଖୋଲାଖୋଲି କରି ଛାଡ଼ି ଦିଆଯାଇଛି। ଦରଖଣ୍ଡିଆ ହୋଇ ପଡ଼ିରହିଛି । କାମ ସରିପାରୁ ନାହିଁ। ଏହି ପୂର୍ତ୍ତ ବଙ୍ଗଳାରେ କିଛି ଉଚ୍ଚ ପଦସ୍ଥ ଅଧିକାରୀ ହୁଅନ୍ତୁ କିମ୍ବା ନେତା ମନ୍ତ୍ରୀ ଅଟକି ବିଶ୍ରାମ ନିଅନ୍ତି। ଏହି ସମୟରେ ନିଜ ଗହଣରେ ସ୍ଥାନୀୟ ଲୋକେ ଏମାନଙ୍କୁ ପାଇ ସ୍ଥାନୀୟ ଲୋକ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରି ସମାଧାନ ମଧ ହୁଏ। ଏବେ କିନ୍ତୁ ମରାମତି କାମ ପାଖାପାଖି ୫ ମାସ ହେଲାଣି ଚାଲି ଥିବା ହେତୁ ଏହି ସୁଯୋଗ ଅଞ୍ଚଳବାସୀଙ୍କ ହାତଛଡା ହେଉଛି ବୋଲି ଅଭିଯୋଗ ହେଉଛି। ଏହା ଛଡା ୩୫ଲକ୍ଷ ଟଙ୍କାର କାମ ଭଳି ଲାଗୁ ନ ଥିବା ମଧ୍ୟ ଆଲୋଚନା ହେଉଛି। ଏନେଇ ଯନ୍ତ୍ରୀଙ୍କ କହିବା ହେଲା ଧୀରେ ଧୀରେ କାମ ଚାଲିଛି । ଲକ୍ଷ୍ମୀପୁର ସଦର ମହକୁମାରେ ଏଭଳି କାମ ଚାଲିବା ଦୁଃଖଦାୟକ ବୋଲି ଲୋକେ କହୁଛନ୍ତି। ଲକ୍ଷ୍ମୀପୁର ଦେଇ ଯାଇ ଥିବା ୩୨୬ ତମ ଜାତୀୟ ରାଜପଥ ଦେଇ ଅନେକ ନେତା ମନ୍ତ୍ରୀ ଯିବା ଆସିବା କରୁଛନ୍ତି। ସୋମବାର ଦିନ ବିଜେପିର ସାଂଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି ଲକ୍ଷ୍ମୀପୁର ଆସି ଏକ ଘରୋଇ ଲଜ୍‌ରେ ରହି ନିଜ ଦଳୀୟ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଆଇବି ବଙ୍ଗଳା ମରାମତି ଚାଲିଥିବା ହେତୁ ଆଉ ନେତା ମନ୍ତ୍ରୀ ଅଟକୁ ନାହାଁନ୍ତି । ଯାହାଫଳରେ କି ଦଳୀୟ କର୍ମୀ ହୁଅନ୍ତୁ କିମ୍ବା ସାଧାରଣ ଲୋକ ସାକ୍ଷାତ କରି ସମସ୍ୟା ଉପସ୍ଥାପନ କରିବା ସୁଯୋଗ ହାତ ଛଡ଼ା ହେଉଛି ବୋଲି ଅଭିଯୋଗ କରୁଛନ୍ତି। ୩୫ ଲକ୍ଷ ଟଙ୍କା ର କାମ କିଛି ସେଭଳି ଆଖିକୁ ଦେଖା ମଧ ଯାଉ ନ ଥିବା ହେତୁ ଏହା ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି । ତେଣୁ ଦାୟିତ୍ୱ ତୁଲାଉ ଥିବା ଯନ୍ତ୍ରୀ ଏହା ଉପରେ ଠିକ୍ ରୂପେ ନିଜ ଦାୟିତ୍ୱ ନିର୍ବାହ କରିବା କରିବାକୁ ଦାବି ହେଉଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ତୁଳସୀ ପାହାଡ଼ରେ ପାଳିତ ହେଲା ସୁଶାସନ ସପ୍ତାହ




ମାଥିଲି,୨୩।୧୨(ସମିସ): ପୂର୍ବରୁ ମାଲକାନଗିରି ଜିଲ୍ଲାର ଅନେକ ଅଞ୍ଚଳ ମାଓଗଡ଼ ଭାବେ ପରିଚିତ ଥିଲା। କିନ୍ତୁ ପୂର୍ବ ସରକାର ମାଓବାଦୀ ଙ୍କ ନିପାତ ସହିତ ମାଓଗଡ଼କୁ ଧ୍ୱଂସ କରି ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିଥିଲେ। ଯେଉଁ ଅଞ୍ଚଳକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାନେ ପାଦ ପକାଇବା ପାଇଁ ଡରୁଥିଲେ, ସେହି ଅଞ୍ଚଳରେ ମାଓ ଦମନ ପାଇଁ ପୂର୍ବ ସରକାରଙ୍କ ଅନେକ ଭୂମିକା ରହିଥିବା ବେଳେ ଆଜି ରାଜ୍ୟ ସରକାରଙ୍କ କର୍ମଚାରୀ ମାନେ ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳ ତୁଳସୀ ପାହାଡରେ ପ୍ରଥମ ଥର ପାଇଁ ସୁସାଶାନ ସପ୍ତାହ ପାଳିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଶବର, ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍,ପ୍ରମୋଦ କୁମାର ବେହେରା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାଏ, ନିର୍ବାହୀ ଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ତୁମ୍ବେଶ୍ୱଏ ସମରଥ ଯୋଗ ଦେଇ ସ୍ଥାନୀୟ ଜନ ସାଧରଣଙ୍କୁ ନିଜର ଅଧିକାର ଓ ସରକାରୀ ସହାୟତା ଉପରେ ସଚେତନତା କରିବା ସହିତ ନିଜର ଚାଲିଚଳଣି ଓ ଆଧୁନିକ ଯୁଗର ଶିକ୍ଷା ଉପରେ ଆଲୋକପାତ କରିଥିଲେ।

## କେବଳ କାଗଜକଲମରେ ଅଭିଯୋଗ ଶୁଣାଣି ଶିବିର!

କୁନ୍ଦୁରା, ୨୩।୧୨(ସମିସ): ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କେବଳ ନାମକୁ ମାତ୍ର । ଅଭିଯୋଗ ହେଉଛି କିନ୍ତୁ ଗୋଟିଏ ହେଲେ ସମାଧାନ ହୋଇନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତବାସୀ । ଆସନା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ପଞ୍ଚାୟତ ସ୍ତରୀୟ ସଚେତନତା ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିପିଡିଓ ଜଗତ ସିଂ ମାଝୀ ଏଥିରେ ଅଧକ୍ଷତା କରି ୮ ଅଭିଯୋଗ ଶୁଣାଣି କରିଛନ୍ତି । ଗତ ଚାରି ବର୍ଷ ଭିତରେ ଆସନା ପଞ୍ଚାୟତରେ ୨ ଜଣ ପିଇଓ, ୫ଜଣ ଜେଇ,୪ ଜଣ ଜିଆର୍‌ଏସଙ୍କ ବଦଳି ହେଲାଣି ଓ ବାରମ୍ବାର ବଦଳି ଏବଂ ପଞ୍ଚାୟତ ପ୍ରତିନିଧି, ଅଧିକାରୀ କର୍ମଚାରୀଙ୍କ ଅବହେଳା ଓ ବିକାଶ ମୂଳକ କାମ ପାଇଁ ଆନ୍ତରିକତା ଅଭାବରୁ ଅନ୍ୟ ପଞ୍ଚାୟତ ତୁଳନାରେ ଏହି ପଞ୍ଚାୟତର ବିକାଶମୂଳକ କାମ ବହୁ ତଳ ସ୍ତରରେ ରହିଛି । ଏହା ଏକ ସରକାରୀ ବ୍ୟବସ୍ଥା ରହିଛି ବୋଲି ନାମକୁ ମାତ୍ର କରାଯାଉଛି। ସର୍ବସାଧାରଣଙ୍କ ପାଇଁ କିଛି ସୁଫଳ ମିଳୁନ ଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତକୁ ଉପେକ୍ଷା କରୁଛି ପ୍ରଶାସନ, ପ୍ରତି ଚାରି ମାସକୁ ଥରେ ହେଉଛି ଅଭିଯୋଗ ଶୁଣାଣି। କ୍ରମାଗତ ତିନି ଥର ହେଲାଣି ଅଭିଯୋଗ ଶୁଣାଣିରେ ଆସୁ ନାହାନ୍ତି ବିଡିଓ। ବ୍ଲକ ପ୍ରଶାସନିକ ମୁଖ୍ୟଙ୍କ ଅନୁପସ୍ଥିତିରେ ବିଭାଗୀୟ ମୁଖ୍ୟଙ୍କ ଦେଖା ମିଳୁନାହିଁ । ପଞ୍ଚାୟତର ସାମୂହିକ ବିକାଶ ପାଇଁ ଦିଆଯାଇଥିବା ସମସ୍ୟା ଗୁଡ଼ିକ ମଧ୍ୟରୁ କିଛି ବି ସମାଧାନ ନହୁଏ ତେବେ ଆଗାମୀ ଜନ ଶୁଣାଣିକୁ ପଞ୍ଚାୟତବାସୀ ଦୃଢ଼ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ୨୧ ଖଣ୍ଡ ଗାଁ ଲୋକେ। ଏହି କାର୍ଯ୍ୟକ୍ରମକୁ ପିଇଓ ଗୌରାଙ୍ଗ ଚରଣ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଆରଏସ୍ ସୁଶାନ୍ତ ମାଣ୍ଡିଙ୍ଗା, ଯୋଗାଣ ସହାୟକ ରାମଚନ୍ଦ୍ର ସାନ୍ତା ଏବଂ ଏମବିକେ ବାସନ୍ତୀ ଗଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

## ଓଏଭି ଶିକ୍ଷକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବୈପାରୀଗୁଡା,୨୩।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପଡା ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓଏଭି ଶିକ୍ଷକ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୫ଟି ଦଳ ଭାଗ ନେଇଥିବା ବେଳେ ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ଓଏଭି ଅଧକ୍ଷ ଶଶୀ ଭୂଷଣ ମହାପାତ୍ର ଯୋଗ ଦେଇ ଅନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ୫ଟି ଦଳ ମଧ୍ୟରୁ କୋରାପୁଟ ମାଛରା ଓଏଭି ଶିକ୍ଷକ କ୍ରିକେଟ ଦଳ ବିଜେତା ହୋଇଥିଲେ। ଓଏଭି ଗୁଣ୍ଡାଲ(କୁନ୍ଦୁରା), ଓଏଭି ମେମିଙ୍ଗ୍ ଫୁଟ (ଲମତାପୁଟ), ଓଏଭି ଜୟନ୍ତୀଗିରି (ଜୟପୁର) , ଓଏଭି ମାତ୍ରା (କୋରାପୁଟ) ଏବଂ



ଓଏଭି ଚନ୍ଦ୍ରପଡା (ବୈପାରିଗୁଡା) ଦଳ ପ୍ରମୁଖ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମେମିଙ୍ଗ୍ ଫୁଟ ଓ ମାଛରା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମାଛରା ବିଜେତା ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସମାଜସେବୀ ଏମ ତେଜେଶ୍ୱର ରାଓ ଓ କ୍ରୀଡା ପ୍ରେମୀକ୍ଷୀରୋଦ କୁମାର ପାଇକ ଯୋଗ ଦେଇ ବିଜେତା ଉପବିଜେତା ଓ ସମସ୍ତ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଏଭି ଚନ୍ଦ୍ରପଡାର ବିଦ୍ୟାଳୟର ସମସ୍ତ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

## ବିଦେଶୀ ମଦ ଜବତ, ଜଣେ ଗିରଫ

ନାରାୟଣପାଟଣା,୨୩।୧୨(ସମିସ): ନାରାୟଣପାଟଣା ପୁଲିସ ଓ ଅବକାରୀ ବିଭାଗର ରାତ୍ରୀକାଳୀନ ପାଟ୍ରୋଲିଂ ବେଳେ ଏକ ମାକ୍ସ ପିକ୍ ଅପ୍ ଭ୍ୟାନ୍‌ରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସୂଚନା ଅନୁସାରେ ଗତ ରାତିରେ କୋରାପୁଟରୁ ରାଜ୍‌ବାରରୁ ଏକ ମ୍ୟାକ୍ସ ପିକ୍ ଅପ୍ ଭ୍ୟାନ୍‌ରେ ଓଡି ୧୦ ୱାଇ ୧୮ ୧୦ରେ କୋରାପୁଟର ଏକ ବାର୍‌ରୁ ଶତାଧିକ ବିୟର ପେଟି ମଦକୁ ଚୋରା ଚାଲାଣ କରାଯାଉଥିବା ନେଇ ଗୁଇନ୍ଦା ସୂଚନା ପାଇଥିଲେ ଅବକାରୀ ଟିମ୍। ଖବର ପାଇ ଥାନା ଏଏସ୍‌ଆଇ ନରସିଂହ ପାଢୀ , ଅବକାରୀ ବିଭାଗର ସହ ଉପନୀରିକ୍ଷକ ଉମେଶ ଦୋରା ସମେତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଥିଲେ। ରାତ୍ରୀ ପାଟ୍ରୋଲିଂ ବେଳେ ଗାଡ଼ି ଯାଞ୍ଚ କରିଥିଲେ। ଭୋର ୩ଟାରେ ଏକ ମ୍ୟାକ୍ସ ପିକ୍ ଅପ୍ ପୁଲିସକୁ ଦେଖି ଦ୍ରୁତ ଗତିରେ ଯାଇଥିବା ଦେଖି ଗୋଡେଇ ଧରିଥିଲେ। ପରେ ଯାଞ୍ଚ ବେଳେ ବିଦେଶୀ ମଦ ବିୟର ଥିବା ଜଣା ପଡିଥିଲା। ରାତିରେ ଏ ସବୁ ଚୋରା ଚାଲାଣ କରାଯାଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା ଡ୍ରାଇଭର। କୋରାପୁଟର ଏକ ରାଜ୍‌ବାରରୁ ଏସବୁ ବିଦେଶୀ ମଦ ବିୟର ନାରାୟଣପାଟଣା, ବନ୍ଧୁଗାଁର କିଛି କୁଚିଆ ବେପାରୀଙ୍କୁ ଚୋରା ଚାଲାଣ କରାଯାଉଥିଲା। ନୂଆ ବର୍ଷ ପାଇଁ ମଦର ଚାହିଦା ଥିବାରୁ ଆଗୁଆ ଚାଲାଣ କରାଯାଇ ଚଢ଼ାଦରରେ ବିକ୍ରି ହୋଇଥାନ୍ତା। ପୁଲିସ ୫୭୬ ଗୋଟି ବିୟର ବୋତଲ ଜବତ କରିବା ସହ ମାମଲା ରୁଜୁ କରି ଗାଡ଼ିକୁ ଜବତ କରି ଡ୍ରାଇଭରକୁ କୋର୍ଟ ଚାଲାଣ କରିଛନ୍ତି। ପୋଲିସ ଏକ ମାମଲା ୯୨/୨୫ରେ ରୁଜୁ କରି କୋର୍ଟ ଚାଲାଣ କରିଛି।

## ସଂକୁଳସ୍ତରୀୟ କ୍ରୀଡ଼ା ମହୋତ୍ସବ

ରାମନାଗୁଡ଼ା,୨୩।୧୨(ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରାମନାଗୁଡା ମିନି ଷ୍ଟାଡିୟମ ଠାରେ ୨୨ତମ ସଂକୁଳ ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଁ ମଙ୍ଗଳା ମନ୍ଦିରରୁ ମଶାଲ ଶୋଭାଯାତ୍ରା କରାଯାଇ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚି, ସେଠାରୁ ମିନି ଷ୍ଟାଡିୟମ ଅଭିମୁଖେ ଯାଇଥିଲା। କ୍ରୀଡା ମହୋତ୍ସବରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସୁନିତା ବେହେରା, ସହଜିଲ୍ଲା ପ୍ରମୁଖ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଂକୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ, ଗଗନ ବିହାରୀ ଆଚାର୍ଯ୍ୟ, ପାରୀକ୍ଷିତି ସରପଞ୍ଚ ସୂର୍ଯ୍ୟ ରାଓ କୁମ୍ଭିକା, କରୁଣା କର କଂସ ବେହେରା, ପି. ବେଣୁ ଗୋପାଳ, ବନମାଳୀ ମହାରଣା ମୁଖ୍ୟବକ୍ତା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମ ରେ ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସଭାପତି ରବିପ୍ରସାଦ ସାହୁକାର, ସମ୍ପାଦକ ଅଜିତ କୁମାର ପାତ୍ର, ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଖେଳ ରେ ଭାଗ ନେଇ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦୁଇ ଟ୍ରକ୍ ଧକ୍କା



ପଟ୍ଟାଙ୍ଗି,୨୩।୧୨(ସମିସ): ପ୍ରବଳ କୁହୁଡି ଯୋଗୁଁ ଟ୍ରକ୍ ପଛରେ ପିଟିଲା ଟ୍ରକ୍ ଅଳ୍ପକେ ବର୍ତ୍ତିଯାଇଛନ୍ତି ଟ୍ରକ୍ ଚାଳକ। ସୂଚନା ଅନୁଯାୟୀ ସୋମବାର ରାତି ପ୍ରାୟ ୧୨ ଟା ୩୦ ସମୟରେ ପଟ୍ଟାଙ୍ଗି ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥ ପଡ଼ାଲଗୁଡ଼ା ଛକ ନିକଟରେ ପ୍ରବଳ ଜାଡ ସହ ଘନ କୁହୁଡି ରହିଥିଲା। ଏକ ଛତିଶଗଡ ନମ୍ବର ଟ୍ରକ କୋରାପୁଟ ଦିଗକୁ ଯାଉଥିଲା। ଏହା ପଛରେ ଆନ୍ଧ୍ର ନମ୍ବରର ଟ୍ରକଟି ଯାଉଥିଲା। କୌଣସି କାରଣ ବଶତଃ ଛତିଶଗଡ ଟ୍ରକ ପଛରେ ଆନ୍ଧ୍ର ଟ୍ରକଟି ପିଟି ହୋଇଯାଇଥିଲା। ଟ୍ରକ ମଧ୍ୟରେ ଚାଳକ ଆର. ଜଗନ୍ନାଥ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଗାଡ଼ି ଟିକୁ କାଟି ବାହାର କରିଥିଲେ। ଚାଳକ ଆର. ଜଗନ୍ନାଥ ରାଓଙ୍କୁ ଆନ୍ଧ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ନେଇ ଜଣାପଡିଛି।

## ସୀମାନ୍ତ ବ୍ଲକ୍‌ରେ ଶିକ୍ଷାଦାନରେ ଅବ୍ୟବସ୍ଥା

ବନ୍ଧୁଗାଁ,୧୮।୧୨ (ଇମିସ):

କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଅବସ୍ଥିତ। ଲୋକଙ୍କ ସରଳତାର ସୁଯୋଗ ନେଇ ଶିକ୍ଷା ପ୍ରଶାସନ ଏହି ଅଞ୍ଚଳରେ ଶିକ୍ଷାଦାନ ବ୍ୟବସ୍ଥାକୁ ଏକ ପ୍ରକାର ସ୍ଥାଣୁ ଅବସ୍ଥାକୁ ନେଇ ଆସିଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ୧୦୭ ବିଦ୍ୟାଳୟରେ ଶିଶୁ ବାଟିକା ୬୮୪ , ପ୍ରଥମ ଶ୍ରେଣୀ ୧୨୩୩ , ଦ୍ୱିତୀୟ ଶ୍ରେଣୀ ୧୨୬୦ , ତୃତୀୟ ଶ୍ରେଣୀ ୧୨୪୯, ଚତୁର୍ଥ ଶ୍ରେଣୀ ୧୨୪୭, ପଞ୍ଚମ ୧୦୮୬, ଷଷ୍ଠ ୭୮୯, ସପ୍ତମ ଶ୍ରେଣୀ ୯୫୫, ଅଷ୍ଟମ ଶ୍ରେଣୀ ୯୨୪, ନବମ ୬୧୧ ଓ ଦଶମ ଶ୍ରେଣୀରେ ୪୮୦ ଜଣ ମୋଟ ୧୦୫୧୮ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ଓପିଏସ ୬୨ ଜଣ, ଏନ୍‌ପିଏସ ୧୯୨ , ଏକ୍ସ କେଡର ୩୯, ଜି ଏସ ୩ , ଜେଟିଆର ୨୦ , ପିଏସ ୬୮ , ୟୁପି ଏସ ୨୯ ଜଣ, ଏଚଏସଏସ ୩ , ୟୁଜିଏଚଏସ ୮ ,ଏଚଏସ ୨ ଓ ବ୍ଲକ ଗ୍ରାଣ୍ଟ ଏଚ୍‌ଏସ ୨ ଜଣକୁ ମିଶାଇ ମୋଟ ୪୨୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ମଙ୍ଗଳ ବିଭାଗ ଅଧୀନରେ ୫ ଏସଏସଡି ଓ ସେବା ଆଶ୍ରମ ବିଦ୍ୟାଳୟରେ ୧୪୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୧୬ ଜଣ ସରକାରୀ ଓ ୧୨ ଜଣ ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟରେ ପାଠପଢା ଚାଲିଛି। ଏଥି ସହିତ ଆଦର୍ଶ ବିଦ୍ୟାଳୟ ୩୯୦ ଜଣ ଛାତ୍ରଛାତ୍ରୀ ପାଠପଢା ପାଇଁ ୧୭ ଜଣ ଶିକ୍ଷକ ଥିବା ବେଳେ କ୍ରୀଡା, ସଙ୍ଗୀତ ଓ କମ୍ପ୍ୟୁଟର ଶିକ୍ଷକ ଅଭାବ ରହିଛି। ସୀମାନ୍ତ ବ୍ଲକରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ରହିଥିବା ବେଳେ ୪୦ ଭାଗ ଶିକ୍ଷକ ସ୍କୁଲ ନିକଟବର୍ତ୍ତୀ ସହିତ ବ୍ଲକ ଭିତରେ ରହି ଶିକ୍ଷାଦାନ କରୁଛନ୍ତି। ପ୍ରାୟ ୬୦ ଭାଗ ଶିକ୍ଷକ ନିଜ ପୁଅଝିଅ ପାଠପଢା ଓ ସ୍ୱାସ୍ଥ୍ୟ ସମସ୍ୟା କହି ରାୟଗଡ଼ା, ପାର୍ବତୀପୁର ଓ ନିର୍ବାଚନ ମଣ୍ଡଳୀ ଭିତର ବ୍ଲକରେ ରହି ଆସୁଛନ୍ତି। ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ୯ କ୍ଲଷ୍ଟର୍ ର ୯ ଜଣ ସିଆରସିସି ରହିଥିବା ବେଳେ ସୀମାନ୍ତ ବିଦ୍ୟାଳୟ ଗୁଡ଼ିକରେ ପାଳି ଶିକ୍ଷକ ବ୍ୟବସ୍ଥା ସୁଦୃଢ ରହିଛି। ଯେଉଁ ସ୍କୁଲ ଗୁଡିକରେ ୨ ରୁ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହି ଥିବେ ସେହି ବିଦ୍ୟାଳୟରେ ତାରିଖ ନ ଲେଖାଥିବା ଛୁଟି ଦରଖାସ୍ତ ରହି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆରାମରେ ଘରେ ରହିବା ଓ ବେପାର ବାଣିଜ୍ୟ କରି ରହୁଥିବା ନଜିର ରହିଛି। ରାୟଗଡ଼ା ଜିଲ୍ଲାରୁ ଯେଉଁ ସବୁ ଶିକ୍ଷକ ଶିକ୍ଷୟିତ୍ରୀ ଆସନ୍ତି ସକାଳ ୧୧ ସ୍କୁଲରେ ପହଞ୍ଚି ୩ ଘଣ୍ଟା ପାଠ ପଢାଇବା ପରେ ୩ ଘଣ୍ଟା ବେଳକୁ ସ୍କୁଲ ଛୁଟି କରି ରାୟଗଡ଼ା ଛୁଟିଥାନ୍ତି। ବ୍ଲକସ୍ତରୀୟ ଶିକ୍ଷା ବିଭାଗ କାର୍ଯ୍ୟାଳୟର ଅଧିକାରୀ ଓ ସୀମାନ୍ତ ସ୍କୁଲ ଶିକ୍ଷକଙ୍କ ଭିତରି ସଲାସୁତରା ମଧ୍ୟରେ ଶିକ୍ଷାଦାନ ଚାଲିଛି। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଅନୁସାରେ ପାଠ ପଢ଼ାଇବା ଶିକ୍ଷକଙ୍କ ଅଭାବ ଯଥେଷ୍ଟ କମ୍ ପୁଣି ଛାତ୍ରଛାତ୍ରୀଙ୍କ ଅନୁପାତରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନାହାନ୍ତି। ଶିକ୍ଷକ ମାନଙ୍କ ଇଚ୍ଛା ମୁତାବକ ସ୍କୁଲ ଗୁଡିକରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ବିଇଓ, ଏବିଇଓ, ଏବଂ ସିଆରସିସି ମାନଙ୍କର ପ୍ରାଥମିକ ସ୍ତରରେ କିପରି ଶିକ୍ଷାଦାନ ସଠିକ ରୂପରେ ପରିଚାଳିତ ହେବ ସେଥିପାଇଁ ଗୁରୁତ୍ୱ ଦେଉ ନାହାନ୍ତି। ଏଥିପାଇଁ ସ୍କୁଲ ଗୁଡିକରେ ଥିବା ଛାତ୍ରଛାତ୍ରୀ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅକ୍ଷର ଚିହ୍ନିବା, ବହି ପଢ଼ିବା, ସଂଖ୍ୟା ଜାଣିବା ବର୍ତ୍ତମାନ ୬୦ ଭାଗ ଛାତ୍ରଛାତ୍ରୀ ରହିଛନ୍ତି। ଫଳରେ ଡ୍ରପ୍ ଆଉଟ୍ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକରେ ଅଧିକ ପିଲା ରହିଛନ୍ତି। ପୁଣି ୧୪ରୁ ୧୮ ବର୍ଷର ଶତାଧିକ ପିଲା ଦାଦନ ଖଟିବାକୁ ବାହାର ରାଜ୍ୟରେ ରହିଛନ୍ତି। ଅବଶିଷ୍ଟ ୪୦ ଭାଗ ଛାତ୍ରଛାତ୍ରୀ ପ୍ରାଥମିକ ସ୍ତରରେ ଯେଉଁ ଶିକ୍ଷା ଲାଭ କରିଛନ୍ତି ସେହି ଶିକ୍ଷାରେ ନବୋଦୟ, ଓଏଭି, ବୃତ୍ତି ପରୀକ୍ଷା, ଏନଏନଏସ ଓ ପ୍ରି ମାଟ୍ରିକ ବୃତ୍ତି ପରୀକ୍ଷା ଗୁଡ଼ିକରେ ପାସ ହୋଇ ପାରୁ ନାହାଁନ୍ତି। ଏଥିଯୋଗୁଁ ଦଶମ ବାର୍ଷିକ ପରୀକ୍ଷାରେ ବ୍ଲକରୁ ସି କିମ୍ବା ଡି ଗ୍ରେଡରେ ୯୯ ପ୍ରତିଶତ ଛାତ୍ରଛାତ୍ରୀ ପାସ କରୁଛନ୍ତି। ଏହି ପ୍ରକାର ଅବ୍ୟବସ୍ଥା ଶିକ୍ଷାଦାନ ବନ୍ଧୁଗାଁ ବ୍ଲକ୍‌ର ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

## ରାସ୍ତା ଅବସ୍ଥା ଦେଖି ବିଗିଡିଲେ ବିଧାୟକ

ରାୟଗଡ଼ା,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୫କିମି ଦୂରରେ ଥିବା ସଦର ବ୍ଲକ୍ ହାଲୁଆ ଗ୍ରାମପଞ୍ଚାୟତର ଅନେକ ଗ୍ରାମଗୁଡିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡିକର ଶୋଚନୀୟ ଅବସ୍ଥା ଦେଖି ବ୍ଲକ ପ୍ରଶାସନ ଉପରେ ବିଗିଡିଲେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ। ରବିବାର ସକାଳେ ହାଲୁଆ ଗ୍ରାମକୁ ପରିଦର୍ଶନରେ ଯାଇଥିଲେ ବିଧାୟକ ଆପଲାସ୍ୱାମୀ। ସେଠାରେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମ ମଝିରେ ବିଧାୟକ ଶ୍ରୀ କାଡ୍ରକା ଗ୍ରାମବାସୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟାଗୁଡିକ ପଚାରିବୁଝିଥିଲେ। ବିଶେଷ କରି ଗାଁ ଲୋକେ ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଧାୟକ ନିଜେ ଉକ୍ତ ଖାଲଖମା ଭରା ରାସ୍ତା ଦେଇ ଆସୁଥିବା ବେଳେ ସମ୍ମୁଖୀନ ହୋଇଥିବା ଅସୁବିଧା ସଂପର୍କରେ ଗ୍ରାମବାସୀଙ୍କୁ କହିବା ସହ ସେଠାରୁ ହିଁ ଗ୍ରାମ୍ୟ ନିର୍ମାଣ ବିଭାଜନ ଯନ୍ତ୍ରୀଙ୍କୁ ଫୋନରେ କଥାବାର୍ତା ହୋଇ ତୁରନ୍ତ ହାଲୁଆ ଗ୍ରାମ ମୁଖ୍ୟ ରାସ୍ତା ସହ ପଞ୍ଚାୟତସହ ଅନ୍ୟାନ୍ୟ ଗ୍ରାମର ଖରାପ ଥିବା ରାସ୍ତାର ମରାମତି ନିମନ୍ତେ ଆଦେଶ ଦେଇଥିଲେ। ପରେ ବିଧାୟକ ଶ୍ରୀ କାଡ୍ରକା ହାଲୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଗସ୍ତ କରିଥିଲେ। ସେଠାରେ ସରପଞ୍ଚ ତାମାରାଓ ବିଡିକା ଓ ଅନ୍ୟମାନେ ବିଧାୟକଙ୍କୁ ସ୍ୱାଗତ କରିବା ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ଏବଂ ସମସ୍ୟାଭିତ୍ତିକ ବିଷୟଗୁଡିକ ଉପରେ ଆଲୋଚନା କରିଥିଲେ।

# ଘର ଭିତରୁ ବୃଦ୍ଧାଙ୍କ ଦଗ୍ଧ ମୃତ ଶରୀର ଉଦ୍ଧାର ଘଟଣା, ୪ ଅଟକ

ମୁନିଗୁଡା,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଜଣେ ବୃଦ୍ଧାଙ୍କ ପୋଡିଯାଇଥିବା ମୃତଦେହ ଉଦ୍ଧାର ଘଟଣାରେ ଅମ୍ବାଦଳା ପୁଲିସ ୪ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି। ସେଥିମଧ୍ୟରୁ ଅନୀଲ ବାଗ ଏହି ଘଟଣାରେ ମାଷ୍ଟର ମାଇଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି। ଅନ୍ୟ ୩ ଜଣ ନାବାଳକ ବୋଲି ସୂଚନାରୁ ଜଣାପଡିଛି। ଆଜି ଅଟକ ବ୍ୟକ୍ତି ମାନଙ୍କୁ ଘଟଣା ସ୍ଥଳକୁ ନେଇ ପୁଲିସ ତଦନ୍ତ କରିଥିଲା। ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ କୁମାର ଘଟଣା ସ୍ଥଳରେ ଉପସ୍ଥିତ ରହି ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଅମ୍ବାଦଳା ଥାନା ଅମ୍ଲାଭଟା ପଞ୍ଚାୟତ ଷ୍ଟେସନ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରିଙ୍କର ଗତ ୨୦ ତାରିଖରେ ସମ୍ପୂର୍ଣ୍ଣ ପୋଡ଼ାଦେହ ଉଦ୍ଧାର ହୋଇଥିଲା। ବୃଦ୍ଧାଙ୍କ ଆଣ୍ଠୁ ତଳ ଦୁଇ ଗୋଡକୁ ଛାଡିଲେ ଅନ୍ୟାନ୍ୟ ଶରୀର ସଂପୂର୍ଣ ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଖବର ପାଇ ଆମ୍ବଦଳା ଆଇଆଇସି କଳ୍ପନା ବେହେରା , ମୁନିଗୁଡ ଆଇଆଇସି ସୌଦାମିନୀ ବେହେରା ଏବଂ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘରଟି ସୁରକ୍ଷିତ ଅବସ୍ଥାରେ ରହିଥିବା ଏବଂ ଘରେ ଭିତରେ ବୃଦ୍ଧାଙ୍କ ପୋଡା ମୃତଦେହ ମିଳିବା ଘଟଣା ଏବଂ କବାଟ ଭଙ୍ଗାଯାଇଥିବା ଘଟଣାକୁ ଲକ୍ଷ କରି ସ୍ଥାନୀୟ ଲୋକ ଏହା ଏକ ହତ୍ୟାକାଣ୍ଡ ବୋଲି ଆଲୋଚନା ଆରମ୍ଭ କରିଦେଇଥିଲେ। ଘଟଣାର ଗୁରୁତ୍ୱ ଅନୁଭବ କରି ପୁଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମକୁ ଡକାଇ ତଦନ୍ତ ହୋଇଥିଲା। ସାଇଣ୍ଟିଫିକ ଟିମ ତଦନ୍ତ ବେଳେ ବୃଦ୍ଧାଙ୍କୁ ପ୍ରଥମେ ଗଳାକାଟିଥିବା ଏବଂ ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କୁ ପୋଡିଦେଇଥିବା ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବୃଦ୍ଧା ଜଣଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ ଏବଂ ଘରେ ସେ ଏକୁଟିଆ ରହୁଥିଲେ। ବୃଦ୍ଧାଙ୍କ ସୁନା



ଲୁଟିବା ପାଇଁ ଆସି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ସଂଦେହ କରିଥିଲା। ପୁଲିସ ଘଟଣାରେ ତଦନ୍ତ କରୁଛି । ତଦନ୍ତ ପରେ ଏହି ଘଟଣାରେ କେତେ ଜଣ ଜଡିତ ଜଣାପଡିବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି। ଏସଡିପିଓ ଶ୍ରୀମତି ଓରାମ ୪ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ହତ୍ୟାକାଣ୍ଡ ପାଇଁ ବ୍ୟବହୃତ ସାମଗ୍ରୀକୁ ଠାବ କରିବାକୁ ପ୍ରୟାସ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

# ମେସିନ୍ କରୁଛି କାମ, ଶ୍ରମଜୀବୀ ପ୍ରଭାବିତ

କାଲିମେଲା,୨୩।୧୨(ସମିସ): ଶ୍ରମଜୀବୀଙ୍କୁ ୧୦୦ ଦିନ କର୍ମସଂସ୍ଥାନ ଯୋଗାଇ ଦେବାକୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଶୁଭାରମ୍ଭ ହୋଇଥିଲା। ଆଶା ଥିଲା ଯୋଜନା ଜରିଆରେ ଲୋକ ଦୁଇ ପଇସା ରୋଜଗାର କରିବା ସହିତ ପରିବାର ପ୍ରତିପୋଷଣ କରିବେ। ହେଲେ କିଛି ଲାଭଖୋର ସରକାରୀ ବାବୁଙ୍କ ପାଇଁ ଯୋଜନାର ସଠିକ୍ ରୂପାୟନକୁ ନେଇ ଉଠିଛି ପ୍ରଶ୍ନ। ଏହି ମହତ୍ ଯୋଜନାରେ ସ୍ଥାନୀୟ କୌଣସି ଶ୍ରମଜୀବୀଙ୍କୁ ନିୟୋଜିତ କରିବା ବଦଳରେ ମେସିନ୍ ଦ୍ୱାରା ଅଳ୍ପ କିଛି ମୋରମ ପକାଇ ପରେ ନବରଙ୍ଗପୁର ଶ୍ରମିକ ସାହାଯ୍ୟରେ ରାସ୍ତା ପିଟ କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ମାନ୍ୟକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି -୪୧ ଠାରୁ ମାଙ୍ଗିପଲ୍ଲିକୁ ମନରେଗା ଯୋଜନାରେ ନିର୍ମିତ କୋଡ଼ ନମ୍ବର-୨୪୩୧୦୧୦୦୧୬/ଆରସି/୧୦୬୧୯୦୯୭ ରାସ୍ତାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୯,୯୯୭୧



ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ ହୋଇଛି। ହେଲେ ଏହି କାର୍ଯ୍ୟରେ ସ୍ଥାନୀୟ କୌଣସି ଶ୍ରମଜୀବୀଙ୍କୁ ନିୟୋଜିତ କରିବା ବଦଳରେ ମେସିନ୍ ଦ୍ୱାରା ଅଳ୍ପ କିଛି ମୋରମ ପକାଇ ସରକାରୀ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଏହାସହ ହିଟାଚି ଓ ଜେସିବି ମେସିନ୍‌ରେ କାର୍ଯ୍ୟ କରାଇ ପରେ ସ୍ଥାନୀୟ ଜବ୍ କାର୍ଡଧାରୀ ମାନଙ୍କ ଠାରୁ ଜବ୍ କାର୍ଡ ସଂଗ୍ରହ କରି ସେମାନଙ୍କ ନାମରେ ମିଛ ବିଲ୍ କରାଇ ଦେଉଛନ୍ତି ଏବଂ ଜବ୍ କାର୍ଡ ଧାରୀଙ୍କୁ କିଛି ହାତଗୁଞ୍ଜା ଦେଇ ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ କୁ ଯାଉଥିବା ଅର୍ଥ ସଂଗ୍ରହ କରି ନେଉଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ଶ୍ରମଜୀବୀମାନେ ଗଭୀର ଭାବରେ ପ୍ରଭାବିତ ହେଉଛନ୍ତି। ସେପଟେ କେନ୍ଦ୍ର ସରକାର ଏହି ଯୋଜନାର ନାମ ବଦଳାଇବା ସହ ଯୋଜନାରେ ସର୍ବନିମ୍ନ ନିଶ୍ଚିତ କାର୍ଯ୍ୟ ଦିବସ ୧୨୫ କୁ ବୃଦ୍ଧି କରି ଦୈନିକ ମଜୁରୀ ୨୪୦ ଟଙ୍କାକୁ ବୃଦ୍ଧି କରିଛି। ତଥାପି ଯୋଜନାରେ ବ୍ୟାପକ ଦୁର୍ନୀତିର ଅଭିଯୋଗ ପରେ ମଧ୍ୟ ପ୍ରଶାସନର ତଦନ୍ତ ଦିଗହରା ହୋଇ ରହିଛି। ଏସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କିର୍ଶାନିଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି ଏନେଇ ସମ୍ପୃକ୍ତ ପଞ୍ଚାୟତର ଏଡିଇଓ ବୀଣା ବିଶ୍ୱାସଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି ସୂଚନା ଦେବେ ବୋଲି କହିଥିଲେ।।

# ମହିଳାଙ୍କ ଶବ ଉଦ୍ଧାର କଲା ପୁଲିସ

କଲ୍ୟାଣସିଂହପୁର,୨୩।୧୨(ସମିସ): ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତ ପଡ଼େଇକାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମହିଳାଙ୍କ ଶବ ପୁଲିସ ଉଦ୍ଧାର କରିଛି। ପୁଲିସ କହିବା ଅନୁଯାୟୀ କିଛି ଲୋକେ ସକାଳେ ଶୌଚ ପାଇଁ ଯାଉଥିବା ସମୟରେ ରାସ୍ତା କଡ଼ରେ ମହିଳା ଜଣକ ମୁହଁ ମାଡି ପଡ଼ିଥିବା ଦେଖି ସ୍ଥାନୀୟ ସରପଞ୍ଚଙ୍କୁ ଖବର କରିଥିଲେ। ପରବର୍ତୀ ସମୟରେ ଥାନା ଆଇଆଇସି ନୀଳକଣ୍ଠ ବେହେରାଙ୍କୁ ଜଣାଇ ଥିଲେ। ଖବର ପାଇ ଥାନା ଅଧିକାରୀ ଏସଆଇ ଓ ଡାକ୍ତର ଆଶିଷ ମେହେର ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ମୃତ ଘୋଷଣା କରିଥିଲେ। ଉକ୍ତ ମହିଳାଙ୍କ ପରିଚୟ ପାଇନଥିଲେ। ଉକ୍ତ ଫୋଟକୁ ବିଭିନ୍ନ ଗ୍ରୁପରେ ପଠାଇବା ପରେ ଏହାକୁ ପରିବାର ଲୋକେ ଦେଖି ପଡ଼େଇକାନୀ ଓ ସୀତାପୁର ଗାଁ ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ରିବାର ପକ୍ଷରୁ ଲିଖିତ ଦେଇଥିଲେ। ମୁନିଗୁଡା ବ୍ଲକ ଆମ୍ବଧନୀ ଗାଁର ମୃତ ଫୁଲମେ ଶିକକା (୫୩) ସ୍ୱାମୀ ତେଲି ଶିକକାଙ୍କ ସହିତ କଲ୍ୟାଣ ସିଂହପୁରକୁ ବ୍ୟାଙ୍କ କାର୍ଯ୍ୟରେ ଗତ ସୋମବାର ଦିନ ଆସିଥିଲେ। ତେଲି ବ୍ୟାଙ୍କ ଭିତରକୁ ଯିବା ବେଳେ ଫୁଲମେ ବାହାରେ ରହିଥିଲା। ତେଲି ବ୍ୟାଙ୍କରୁ ବାହାରି ଆସି ଦେଖିବା ବେଳକୁ ସ୍ତ୍ରୀ ଫୁଲମେ କେଉଁ ଆଡ଼େ ଚାଲିଯାଇଥିଲେ। ଖୋଜାଖୋଜି କରି ସ୍ତ୍ରୀ ଫୁଲମେକୁ ନ ପାଇ ନିଜ ଗ୍ରାମକୁ ଚାଲି ଯାଇଥିଲା। ଶବକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ହେମନ୍ତ କୁମାର ବରିଆ ସୂଚନା ଦେଇଛନ୍ତି।

# ଇଡିତାଲ ମହୋତ୍ସବ ଉଦ୍‌ଯାପିତ

ଗୁଣପୁର,୨୩।୧୨(ସମିସ): ଉପଖଣ୍ଡ ସ୍ତରୀୟ ଚଇତି 'ଇଡିତାଲ' ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ତିନି ଦିନ ଧରି ଚାଲିଥିବା ଉତ୍ସବର ଅନ୍ତିମ ରଜନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ଦର୍ଶକ ଭରପୁର ମଜା ଉଠାଇଥିଲେ। ଉପଜିଲ୍ଲାପାଳ ତଥା ଚଇତି କମିଟିର ଅଧ୍ୟକ୍ଷ ଦୁଧାଳ ଅଭିଷେକ ଦିଲୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଆଇଟିଡିଏ ପିଏ ରାୟଗଡ଼ା ଚନ୍ଦ୍ର କାନ୍ତ ମାଝି, ଗୁଣପୁର ଏସ୍ଡିପିଓ ବାବୁଲି ନାୟକ, ପୌର ଅଧ୍ୟକ୍ଷା ମମତା ଗୌଡ, ବ୍ଲକ ଅଧ୍ୟକ୍ଷା ଝିଲି ଶବର ପ୍ରମୁଖ ଅତିଥି ରୂପେ ଯୋଗ ଥିଲେ। ଜିଲ୍ଲାର ଆଦିମ କଳା ସଂସ୍କୃତି ଐତିହ୍ୟ ଉଦ୍‌ଜୀବୀତ କରିବା



ହିଁ ଉତ୍ସବ ଆୟୋଜନର ମୂଳ ଲକ୍ଷ୍ୟ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଚଇତି ମହୋତ୍ସବ ଏକତା ସୂତ୍ରରେ ବାନ୍ଧି ରଖିବାର ସୁଯୋଗ ସୃଷ୍ଟି କରିଛି ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ରାମନାଗୁଡା ବ୍ଲକ ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରମନାଗୁଡା ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ଉଦ୍‌ଘୋଷିକା ବିଦୀଶା ଶତପଥୀ ସଂଯୋଜନା କରିଥିଲେ। ଅନ୍ତିମ ରଜନୀରେ ଡଃ ଅର୍ଚ୍ଚନା ପାଢି ଏବଂ ତାଙ୍କ ଟିମ୍ ଦ୍ୱାରା ପ୍ରଦର୍ଶିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଗୁଡ଼ିକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ଉପଖଣ୍ଡର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ , ବିଡ଼ିଓ ସ୍ୱସ୍ତିକ ଜମାଦାର, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ତହସିଲଦାର ଗୟା ଡମ୍ବୁରୁ ଧର ବେହେରା, ଗୁଡ଼ାରୀ ତହସିଲଦାର ଏ ସ୍ନେହଲତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଆର୍‌ଏମସି ସମ୍ପାଦକ ଦଳପତି କାର୍ଯି ,ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ସସ୍ମିତାଙ୍କ ସମେତ ପୌର ଓ ବ୍ଲକ କାର୍ଯ୍ୟାଳୟର କାର୍ଯ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

# ପତ୍ନୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡ

ରାୟଗଡା,୨୩।୧୨(ସମିସ): ପତ୍ନୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଆଜି ରାୟଗଡା ଅତିରିକ୍ତ ଜିଲ୍ଲା ଦୌରା ଜଜ ଅଳ୍ପନା ସ୍ୱାଇଁ ଶୁଣାଇଛନ୍ତି । ଜରିମାନା ଅନାଦେୟରେ ଅଧିକା ୧ବର୍ଷ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୨ ମସିହା ନଭେମ୍ବର ୮ ତାରିଖରେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ନୀଳକଣ୍ଠ କୌଶଲ୍ୟା ନିଜ ସ୍ତ୍ରୀ ରାଧାମା ନାୟକକୁ ପଥରରେ ଛେଚି ହତ୍ୟା କରିଥିଲେ। ଏନେଇ ରାଧାମାଙ୍କ ବାପା କଲ୍ୟାଣସିଂହପୁର ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୁଲିସ ତଦନ୍ତ କରି ନୀଳକଣ୍ଠ କୌଶଲ୍ୟାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲରେ ୨୦ ଜଣଙ୍କ ସାକ୍ଷ ପ୍ରମାଣକୁ ଭତ୍ତି କରି ଅତିରିକ୍ତ ଜିଲ୍ଲା ଦୌରା ଜଜ ଅଳ୍ପନା ସ୍ୱାଇଁ ଏହି ରାୟ ଶୁଣାଇଛନ୍ତି।ଏ ହି ମାମଲାରେ କଲ୍ୟାଣସିଂହପୁର ଥାନାର ମୁକୁନ୍ଦଦେବ ନାୟକ ତଦନ୍ତ କରୁଥିଲେ । ସରକାରଙ୍କ ତରଫରୁ ଅତିରିକ୍ତ ପି ପି ରାମ ପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

# ଜଙ୍ଗଲ ଅଧିକାର ଆଇନ ନେଇ ପାରମ୍ପରିକ ଗ୍ରାମସଭା



କୋରୁକୋଣ୍ଡା, ୨୩।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ କୋଇଲିପାରୀ ଗାଁରେ ଜଙ୍ଗଲ ଅଧିକାର ଆଇନ୨୦୦୬ ଓ ସଂଶୋଧିତ ନୀୟମ୨୦୧୨ ସମ୍ବନ୍ଧରେ ଏକ ପାରମ୍ପରିକ ଗ୍ରାମସଭା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ କୋରୁକୋଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ପଦ୍ମା ମାଡ଼କାମି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜଙ୍ଗଲ ଅଧିକାର ଆଇନର ଗୁରୁତ୍ୱ ଓ ଜନଜାତି ଗ୍ରାମବାସୀଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ କୋଇଲିପାରୀ, ଆରଓ କୋଲନୀ, ସିନ୍ଦିଗୁଡ଼, ଜାମଗୁଡ଼ା, ଦୃମାଗୁଡ଼ା, ହରିଶଙ୍କରଗୁଡ଼ା, ବନ୍ଧୁଗୁଡ଼ା, ବିଡିଓ କୋଲନୀ, ଟେକଗୁଡ଼ା, ଡୁଟେଲଗୁଡ଼ା, ଗମ୍ପାକୋଣ୍ଡା କୋଲନୀ ଓ ନିଲିମିରୀ ସହ ୧୨ଟି ଗାଁର ଜଙ୍ଗଲ ଅଧିକାର କମିଟି ଓ ଗୋଷ୍ଠୀ ଜଙ୍ଗଲ ଅଧିକାର କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ରହିଥିଲେ। ସଭାକୁ ସୁସଂଗଠିତ ଭାବରେ ଆୟୋଜନ କରିଥିବା ଯୁବକ ସାଥୀ ସୁରେନ୍ଦ୍ର ହଲବା, ସମରା, ବୁଦ୍ରା ସହ ଅନ୍ୟାନ୍ୟ ଯୁବକ ସାଥୀମାନଙ୍କ ପ୍ରଶଂସା କରାଯାଇଥିଲା ଏବଂ ସମସ୍ତଙ୍କୁ ଧନ୍ୟବାଦ ଜଣାଯାଇଥିଲା।

# 'ଇଡିତାଲ୍ ୨୦୨୫' ଅବସରରେ କବିତା ଆସର

ଗୁଣୁପୁର, ୨୩।୧୨(ସମିସ):

ଉପଖଣ୍ଡ ସ୍ତରୀୟ ଚଇତି ମହୋତ୍ସବ "ଇଡିତାଲ ୨୦୨୫" ଅବସରରେ ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ କବି ସମ୍ମିଳନୀ ଓ କବିତା ଆସର ଆୟୋଜିତ ହୋଇଯାଇଛି। ଗୁଣପୁର ଉପଜିଲ୍ଲାପାଳ ଦୁଧାଲ୍ ଅଭିଷେକ ଦିଲ୍ଲୀପଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ପ୍ରାଣକୃଷ୍ଣ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଗୁଣପୁର ଚଇତି କେବଳ କଳା ସଂସ୍କୃତିରେ ସୀମିତ ନୁହେଁ, ଓଡ଼ିଆ ସାହିତ୍ୟକୁ ସମୃଦ୍ଧି କରିବା ନେଇ ସାହିତ୍ୟ ଆଲୋଚନା ଏବଂ କବିତା ଆସରର ଆୟୋଜନ ଏହି ମହୋତ୍ସବର ସ୍ୱତନ୍ତ୍ରତା ବୋଲି ମତ ପ୍ରକାଶ କରିଥିଲେ। 'ପଞ୍ଚବଟୀ' ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ସୁଶାନ୍ତ ନାୟକ ଓ ଗବେଷକ ତଥା ସାହିତ୍ୟିକ ଶ୍ରୀରଙ୍ଗ ନାୟକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।




ସାହିତ୍ୟିକ ତଥା ପଞ୍ଚବଟୀ ପତ୍ରିକା ସମ୍ପାଦକ ସୁଶାନ୍ତ ନାୟକ, ସମ୍ମାନିତ ଅତିଥି ରୂପେ ଗବେଷକ ତଥା ସାହିତ୍ୟିକ ଶ୍ରୀରଙ୍ଗ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁଣପୁର ସ୍ୱସ୍ତିକ ଜମାଦାର, ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସାହିତ୍ୟିକ ପ୍ରତାପ ରାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ମଞ୍ଚାସୀନ ହୋଇଥିଲେ। ଉପଜିଲ୍ଲାପାଳ ଗୁଣପୁର ନିଜ ବକ୍ତବ୍ୟ ରେ ଓଡ଼ିଆ ସାହିତ୍ୟର ଗଭୀରତା ଉପରେ ଆଲୋକପାତ କରିଥିଲେ। ତହସିଲଦାର ଆୟୋଜିତ କବିତା ଆସରରେ ୫୦ରୁ ଅଧିକ କବି କବିୟତ୍ରି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଶିକ୍ଷକ ଦୁର୍ଗାପ୍ରସାଦ ଶତପଥୀ ଓ କବିତା ଆସରକୁ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର, ପ୍ରଫୁଲ୍ଲ ପାଢ଼ୀମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା , ନୀଳମାଧବ ଦାସ , ଅକ୍ଷୟ କୁମାର ପଣ୍ଡା ସହଯୋଗ କରିଥିଲେ।

● ଦେବୋତ୍ତର ଆୟୁକ୍ତଙ୍କ ରାୟଗଡ଼ା ଗସ୍ତ

# ମା'ମଝିଘରିଆଣିଙ୍କ ମନ୍ଦିର ପରିଦର୍ଶନ



ରାୟଗଡ଼ା, ୨୩।୧୨(ସମିସ): ରାଜ୍ୟ ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ମଙ୍ଗଳବାର ଦିନିକିଆ ରାୟଗଡା ଗସ୍ତକରି ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀଙ୍କ ପୀଠ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଏକ ୪ଜଣିଆ ଟିମ୍ ମଧ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରର ଭିତ୍ତିଭୂମି କିପରି ଉନ୍ନତି ହୋଇପାରିବ ଓ ରାଜ୍ୟ ପ୍ରଦାନ କରିଥିବା ଅନୁଦାନ କିପରି ଖର୍ଚ୍ଚ ହେଉଛି ତାର ସମୀକ୍ଷା କରିଛନ୍ତି। ଆୟୁକ୍ତ ମନ୍ଦିରର ଚତୁର୍ପାଶ୍ୱର୍ ବୁଲିବା ସହ ଭକ୍ତ ମାନେ କିପରି ଶୃଙ୍ଖଳିତ ଦର୍ଶନ କରୁଛନ୍ତି ତାର ତଦାରଖ କରିଛନ୍ତି। ପରେ ଟ୍ରଷ୍ଟି କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ କରିଛନ୍ତି। ମାଁଙ୍କୁ ଦାନ ଆକାରରେ ବାର୍ଷିକ ହୁଣ୍ଡିରୁ କେତେ ଟଙ୍କା ଓ ବିଭିନ୍ନ ଅଳଙ୍କାର ଆଦାୟ ହେଉଛି ଏବଂ ସେସବୁ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେଉଛି ତାର ତଦାରଖ କରିଛନ୍ତି ଦେବତ୍ତୋର ଆୟୁକ୍ତ ଶ୍ରୀ ଜେନା। ସେହିପରି ଦାନ ହୁଣ୍ଡିରୁ ମିଳୁଥିବା ଟଙ୍କା ୧୬ଟି ଏକାଉଣ୍ଟରେ ରହିଥିବା ବେଳେ ସେସବୁକୁ ମାତ୍ର ତିନୋଟି ଏକାଉଣ୍ଟରେ ରଖିବାକୁ ମନ୍ଦିର ପରିଚାଳନା କମିଟିକୁ ପରାମର୍ଶ ଦେଇଥିଲେ। ତେବେ ଭକ୍ତଙ୍କ ସ୍ୱତନ୍ତ୍ର ଦର୍ଶନ ବାବଦକୁ ବେଆଇନ ଭାବେ ଏକାଧିକ ଟିକଟରେ ବ୍ୟବସ୍ଥା କରାଯାଇଥିବା ବେଳେ ତାର ଅନୁଧ୍ୟାନ କରିଥିଲେ ଆୟୁକ୍ତ। ପୂର୍ବରୁ ଏନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ଏନେଇ ଗଣମାଧମ ଆଗରେ ଏହି ଟିମ୍ କୈଣସି ପ୍ରତିକ୍ରିୟା ଦେଇନାହାନ୍ତି। ଗସ୍ତ ସମୟରେ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ରାଇସିଂ ବିଡ଼ିକା, ଇପିଲି ସନ୍ୟାସୀ ରାଜୁ, ରାଧାକୃଷ୍ଣ ଦଳେଇ, ଇନ୍ସପେକ୍ଟର, ଏଣ୍ଡୋମେଣ୍ଟ ସୁକାନ୍ତ ପୂଜାରୀ ଓ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ ।

# ପଲ୍ଲୀଶ୍ରୀ ମେଳାରେ ୨୦ କୋଟିର ବ୍ୟବସାୟ

କୋରାପୁଟ,୨୩।୧୨(ସମିସ): ପରବ ମୁଖ୍ୟ ସମାରୋହରେ ଆୟୋଜିତ ପଲ୍ଲୀଶ୍ରୀ ମେଳାରେ ୫ ଦିନରେ ୨୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସୂଚନା ଦେଇଛନ୍ତି। ଏହା ଏକ ନୂଆ ରେକର୍ଡ ବୋଲି ଜିଲ୍ଲାପାଳ କହିବା ସହ ସ୍ଥାନୀୟ ବ୍ୟବସାୟୀ ବିଶେଷ କରି ସ୍ୱୟଂ ସହାୟିକା ଗୋଷ୍ଠୀ ମା' ମାନେ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ କରି ଭଲ ଉପାର୍ଜନ କରିଥିବା ମତ ରଖିଛନ୍ତି। କୋରାପୁଟ ଜିଲ୍ଲାବାସୀ, ଲୋକ ପ୍ରତିନିଧି ଗଣ ମାଧ୍ୟମ ଏବଂ ସରକାରୀ ବିଭାଗର ମିଳିତ ସହଯୋଗରେ ପରବ ୨୦୨୫ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛି। ଏହା ଜିଲ୍ଲା ପାଇଁ ଶୁଭଙ୍କର ଓ ଆଗାମୀ ଦିନରେ ଏପରି ଆୟୋଜନ ଦ୍ୱାରା ଜିଲ୍ଲାର ସଂସ୍କୃତି, କଳାର ବିକାଶ ସହ ଆର୍ଥିକ ଅଭିବୃଦ୍ଧି ଯଥେଷ୍ଟ ସହାୟକ ହେବ ବୋଲି ଜିଲ୍ଲାପାଳ ମହାଜନ ପ୍ରତିକ୍ରିୟା ରଖି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଲକ୍ଷ୍ମୀପୁର,୨୩।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିକଟ ରେଳବାଇ ରାସ୍ତା ଆମ୍ବଗୁଡା ଗାଁ ପୂର୍ବରୁ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବା ଫଳରେ ଉଭୟ ବାଇକ୍ ଆରୋହି ଗୁରୁତର ହୋଇଥିବା ଜଣାପଡ଼ିଛି। ଓଡ଼ିଆପେଣ୍ଟ ପଞ୍ଚାୟତ କେନ୍ଦୁୱାଡା ଗାଁର ଗୁପ୍ତ କୁଲେସିକା(୧୯) ଓ କାଣା ମାଣ୍ଡିଙ୍ଗା (୨୨) ଦୁହେଁ ମିଶି ସନ୍ଧ୍ୟା ୭ଟା ସମୟରେ ଲକ୍ଷ୍ମୀପୁରରୁ ନିଜ ଗାଁ ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଲକ୍ଷ୍ମୀପୁରକୁ ପିପଲପଦର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଇ ଗାଁର ପ୍ରଶାନ୍ତ ମାଣ୍ଡିଙ୍ଗା ନାମକ ଅନ୍ୟ ଏକ ଯୁବକ ଆସୁ ଥିବା ବେଳେ ଧକ୍କା ହୋଇ ଥିଲା। ପୂର୍ବତନ ପିପଲପଦର ସରପଞ୍ଚ ନମଃ ମାଣ୍ଡିଙ୍ଗା ଓ ପୁଲିସ ମିଶି ଆହତଙ୍କୁ ପୋଲିସ୍ ଗାଡ଼ିରେ ଲକ୍ଷ୍ମୀପୁର ମେଡିକାଲକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ପିଏମ୍ ଜନମନ ରାସ୍ତା ; ହାତମାରିଲେ ଉଠିଯାଉଛି ପିଚୁ

କଲ୍ୟାଣସିଂହପୁର ୨୩।୧୨(ସମିସ): କାମ ଶେଷ ହୋଇ ମାସେ ମଧ୍ୟ ଗଲାନି। କାର୍ଯ୍ୟ ଆରମ୍ଭରୁ ନିମ୍ନମାନର। ପିଚୁ ପଡିବା ସପ୍ତାହକ ମଧ୍ୟରେ ଉଠିଥିଲା ପିଚୁ। ଅଭିଯୋଗ ପରେ ପୁଣି ପିଚୁ ପକାଇଲେ ଠିକାଦାର। ତେବେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ ଠିକାଦାର ଦୁର୍ଗମ ଅଞ୍ଚଳ ଫାଇଦା ପାଇଁ ନିମ୍ନମାନର କାର୍ଯ୍ୟ କରି ପିଚୁ ପକାଇ କାମ ସାରିଦେଲେ। କିନ୍ତୁ ପୁଣି ମାସକ ପରେ ପୁଣି ପିଚୁ ବାହାରିବା ଘଟଣା ବିଭାଗ ଓ ଠିକାଦାରଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟ ପରେ କାର୍ଯ୍ୟ କଲେ ମଧ୍ୟ ରାସ୍ତାରେ ହାତ ମାରିଲେ ବାହାରିପଡୁଛି ପିଚୁ। କେନ୍ଦ୍ର ସରକାର ଦୁର୍ଗମ ଗ୍ରାମକୁ ସଂଯୋଗ କରିବା ପାଇଁ ପିଏମ ଜନମନ ଯୋଜନାରେ ଅନ୍ତର୍ଭୁକ୍ତ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ ସୁନାଖଣ୍ଡି ପଞ୍ଚାୟତ ବାମନାଗୁଡ଼ା ଓ ମୁଷୁଡ଼ି ପିଏମ ଜନମନ ରାସ୍ତା ନିର୍ମାଣର କିଛି ଦିନ ପରେ ପଡ଼ିଥିବା ପିଚୁ ବାହାରିପଡୁ ଥିବାରୁ ବିଭଗୀୟ ଅଧିଲାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ପଦାକୁ ଆସିଥିବା କହିଛନ୍ତି ଗ୍ରାମବାସୀ। ଦିନେ ତଳ ମୁଷୁଡ଼ି ଓ ଉପର ମୁଷୁଡ଼ି ଗ୍ରାମକୁ ରାସ୍ତା ନଥିବାରୁ ସରକାରଙ୍କ ସମସ୍ତ ମୌଳିକ ଯୋଜନାରୁ ବଞ୍ଚିତ ହୋଇ ଥିଲେ। ତେବେ ତତ୍କାଳୀନ ଜିଲ୍ଲାପାଳ ଗୁହାପୁନ ତାପସ କୁମାର ଓ ତହସିଲଦାର ଗୌରଚନ୍ଦ୍ର ପଟନାୟକ, ବିଡ଼ିଓ ପ୍ରବୀର ନାୟକ ଉକ୍ତ ଗ୍ରାମରେ ଲୋକଙ୍କୁ ପାହାଡ଼ ଉପରେ ନ ରହିବାକୁ ଆଲୋଚନା କରିଥିଲେ। ପାହାଡ଼ ତଳେ ବିଦ୍ୟାଳୟ, ଅଙ୍ଗନବାଡି, ବିଜୁଳି ପାଣି ଏଏନ୍‌ଏମ କୋଠା, ପିଲାଙ୍କୁ ଖେଳ ପଡିଆ ସହ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି ବୁଝାଇଥିଲେ। ତଥାପି ବୁଝିନଥିଲେ। କିନ୍ତୁ ବୁଝିନଥିବାରୁ

## ନିମ୍ନମାନର କାମ ଅଭିଯୋଗ

ସେମାନଙ୍କ ପାଇଁ ରାସ୍ତାର ବ୍ୟବସ୍ଥା କରିଥିଲେ। ଉକ୍ତ ପ୍ରସ୍ତାବ ଗତ ବର୍ଷ ପାରିତ ହେବାରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଆରଡ଼ି ବିଭଗୀୟ ଅଧିକରୀ ଓ ଠିକାଦାର ମିଶି ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ପିଚୁ ପକାଇ ସପ୍ତାହକ ମଧ୍ୟ ଗଲାନାହିଁ । ଗୋଡ଼ି, ମାଟି, ବଜୁରୀ ବାହାରି ପଡ଼ିଥିବାରୁ ପ୍ରଶାସନକୁ ଦାୟୀ କରିଛନ୍ତି ଗ୍ରାମବାସୀ। ରାସ୍ତାର ଅବସ୍ଥା ଏବେଠାରୁ ଯଦି ଏମିତି, ତେବେ ଆଗକୁ କେମିତି ଥିବ ତାହା ସହଜେ ଅନୁମାନ କରାଯିବ। ରକ୍ଷାଣାବେକ୍ଷଣ ପାଇଁ ଟଙ୍କା ଥିଲେ ମଧ୍ୟ ନୂଆ କାର୍ଯ୍ୟରେ ମରାମତି କାହିଁକି କରାଯିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ନିମ୍ନମାନର କାମ ବାବଦରେ ପଚାରିଲେ ଠିକାଦାର ଦୁର୍ବ୍ୟବହାର ସହ ଧମକଚମକ ଦେଉଥିବା ଗାଁ ଲୋକ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଜନମନ ଗ୍ରାମ ସଡ଼କ ଯୋଜନାରେ ତିଆରି ହୋଇଛି ବାମନାଗୁଡ଼ା ଓ ମୁଷୁଡ଼ି ରାସ୍ତା। ଏହାର ଲମ୍ବ ପ୍ରାୟ ୩.୨କିମି। ଡଙ୍ଗରିଆକନ୍ଧଙ୍କ ଗାଁ ମୁଷୁଡ଼ି ଏବଂ ଉପରମୁଷୁଡ଼ି ଅଧିବାସୀଙ୍କ ମୁଖ୍ୟରାସ୍ତା। ଗାଁ ଲୋକ ଅଭିଯୋଗ କରିଛନ୍ତି ।ରାସ୍ତା କାମ କାର୍ଯ୍ୟରେ ଅଧିକ ଗୋଡ଼ି, କମ୍ ପିଚୁ ବ୍ୟବହାର ଯୋଗୁ ମାତ୍ର ୮ ଦିନରେ ରାସ୍ତା ଖରାପ ହୋଇଗଲାଣି। ଏ ବାବଦରେ ଗାଁର ମଦନ କାଡ୍ରାକା, ରମେଶ ପିଡ଼ିସିକା, ମାଙ୍ଗୁ ପିଡ଼ିସିକା, ଇନ୍ଦ୍ର ପିଡ଼ିସିକା, କଟଲୁ ପିଡ଼ିସିକା, ଲକ୍ଷଣ ପିଡ଼ିସିକା ପ୍ରମୁଖ ଠିକାସଂସ୍ଥାକୁ ପଚାରିବାରୁ ତାତି ଯାଇଥିଲେ ଠିକାଦାର। ଲୋକଙ୍କ ସମସ୍ୟା ବୁଝିବେ କ'ଣ ଓଲଟି ଗାଳି ଗୁଲଜ କରିଥିଲେ। ଜିଲ୍ଲାପାଳ ନିୟମଗିରି ଡଙ୍ଗରିଆଙ୍କ ପାଇଁ ସମସ୍ତ ସୁବିଧା ତୃଣ ମୂଳ ସ୍ତରରୁ ସଠିକ୍ ଓ ସ୍ୱେଚ୍ଛ ଭାବରେ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଠିକାଦାର ଓ ଆରଡ଼ି ବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଉପରେ କଣ ପଦକ୍ଷେପ ନେଉଛନ୍ତି ମୁଷୁଡ଼ି ଓ ବାମନ ଗୁଡା ଗ୍ରାମବାସୀ ଦେଖିବାକୁ ଅନାଇ ବସିଥିବା ପ୍ରକାଶ କରିଛନ୍ତି।

# ଟିକିରି ବଣିକ ନୂତନ ସଂଘର ଦାବିପତ୍ର ପ୍ରଦାନ

ଟିକିରି,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ବଣିକ ସଂଘର ନୂତନ କମିଟି ତରଫରୁ ସଭାପତି ଇନ୍ଦ୍ରଜିତ ସାହୁଙ୍କ ତତ୍ତ୍ୱାବଧାନରେ ଟିକିରି ବଣିକ ସଂଘର ସଦସ୍ୟମାନେ ମଙ୍ଗଳବାର ଟିକିରି ଥାନା ଆଇଆଇସି ବିଶ୍ୱ ବନ୍ଦୀନୀ ବାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଟିକିରି ବଜାରର ଭିଡ଼ ସମୟରେ, ବଜାର ମଧ୍ୟରେ ଭାରି ଯାନବାହାନର ଚଳାଚଳ ଯୋଗୁଁ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି । ପଦଯାତ୍ରୀ ,ଛାତ୍ରଛାତ୍ରୀ ଏବଂ ଦୋକାନୀମାନଙ୍କ ଯିବାଆସିବା ପାଇଁ ଅସୁବିଧା ହେଉଛି। ଜନସାଧାରଣଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ବ୍ୟସ୍ତବହୁଳ ବ୍ୟବସାୟ ସମୟରେ ଭାରୀ ଯାନବାହାନ ପ୍ରବେଶକୁ ପ୍ରତିବନ୍ଧିତ ଲଗାଇ ଭାରି ଯାନବାହନ ଉପରେ କଟକଣା। ସହର ମଧ୍ୟରେ ସମସ୍ତ ଯାନବାହନ ପାଇଁ ଗତି ସୀମା କମ୍ କରିବା। ଦୁର୍ଘଟଣା ରୋକିବା ଏବଂ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବଜାର ଅଞ୍ଚଳ ମଧ୍ୟରେ ଦୁଇଚକିଆ ଯାନ ସମେତ ସମସ୍ତ ଯାନବାହାନ ପାଇଁ ଏକ କଠୋର ଗତି ସୀମା ନିର୍ଣ୍ଣୟ ଏବଂ ଲାଗୁ କରିବାକୁ ଦାବି ହୋଇଛି। ବଜାର ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି, କିଛି ଅସାମାଜିକ ବ୍ୟକ୍ତି ବ୍ୟବସାୟ ସମୟରେ ବେପାରୀ ଏବଂ ଗ୍ରାହକଙ୍କ ସହିତ ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି କରନ୍ତି ଏବଂ ଖରାପ ବ୍ୟବହାର କରନ୍ତି। ତେଣୁ, ପୋଲିସ ବିଭାଗକୁ ଅନୁରୋଧ ହୋଇଛି ଯେ ବଜାର ଅଞ୍ଚଳରେ, ବିଶେଷକରି ସନ୍ଧ୍ୟା ସମୟରେ ଏପରି କାର୍ଯ୍ୟକଳାପକୁ ରୋକିବା ଏବଂ



ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ଏବଂ ନିୟମିତ ପାଟ୍ରୋଲିଂ କରାଯାଉ ବୋଲି ବଣିକ ସଂଘ ପକ୍ଷରୁ ଦାବି ହୋଇଛି। ସୁଭଶୀଷ ଷଡ଼ଙ୍ଗୀ, ଗୌରାଙ୍ଗ ଚରଣ ସାହୁ, ଗଣପତି ସାହୁ, ସୁନୀଲ ସାହୁ, ସିମାଞ୍ଚଳ ସଡଙ୍ଗୀ, ଡମ୍ବୁରୁଧର ସାହୁ, ନରସିଂହ ସାଡଙ୍ଗୀ, କୈଳାଶ ଚନ୍ଦ୍ର ସାହୁ, ଚିତ୍ତ ରଂଜନ ପଣ୍ଡା, ମାଝିଗୌରୀ ମିଶ୍ର, ଆଲୋକ ଦରା, ମନୋଜ କୁମାର ବେହେରା, ପ୍ରଫୁଲା କୁମାର ସାହୁ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୫୦
- ପାଉଣ୍ଡ ୧୨୧.୧୩
- ୟୁରୋ ୧୦୫.୪୭
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୩୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୫୨୪.୦୦
- ନିଫ୍ଟି ୨୬,୧୭୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନିଶ୍ୱାସରେ ଇନ୍‌ସୁଲିନ୍ ନେବେ ମଧୁମେହ ରୋଗୀ

## ସିପ୍‌ଲା ଆଣିଲା ଇନ୍‌ହେଲ୍ ଇନ୍‌ସୁଲିନ୍ 'ଆଫ୍ରେଜା'

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଭାରତରେ ୧୦ କୋଟିରୁ ଅଧିକ ଲୋକ ମଧୁମେହରେ ପୀଡିତ। ଟାଇପ୍-୧ ଏବଂ ଟାଇପ୍-୨ ମଧୁମେହ ରୋଗୀଙ୍କ ଚିକିତ୍ସା ପାଇଁ ଇନସୁଲିନ୍ ଆବଶ୍ୟକ। ମଧୁମେହ ଭାରତରେ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ରୋଗ, ଯାହା ଦେଶ ପାଇଁ ଏକ ପ୍ରମୁଖ ଚିନ୍ତାର କାରଣ। ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା ପାଇଁ ଇନସୁଲିନ୍ ବ୍ୟବହାର କରାଯାଏ। ହେଲେ ମଧୁମେହ ରୋଗୀଙ୍କୁ ଏହି ଛୁଞ୍ଚି ଫୋଡା କଷ୍ଟରୁ ମୁକ୍ତି ଦେବା ଲାଗି ଔଷଧ କମ୍ପାନୀ ସିପ୍‌ଲା ନିଶ୍ୱାସରେ ନିଆଯାଇପାରିବା ଭଳି ଇନସୁଲିନ୍ 'ଆଫ୍ରେଜା' ଆଣିଛି। ଅର୍ଥାତ୍ ଏହି ଇନ୍‌ସୁଲିନ୍‌କୁ ରୋଗୀ ଇନ୍‌ହେଲ୍ କରି ନିଜ ଶରୀରରେ ପହଞ୍ଚାଇପାରିବେ।

ସିପ୍‌ଲା ତା'ର ଇନ୍‌ହେଲ୍ ଇନ୍‌ସୁଲିନ୍ 'ଆଫ୍ରେଜା'କୁ ଭାରତରେ ବାଣିଜ୍ୟିକ ଭାବେ ବଜାରକୁ ଛାଡିଛି। ଆଫ୍ରେଜା ହେଉଛି, ଏକ ଦ୍ରୁତ-କାର୍ଯ୍ୟାରମ୍ଭ କରୁଥିବା ଇନସୁଲିନ୍ ପାଉଡର। ଏକ ଛୋଟ ଇନହେଲର ମାଧ୍ୟମରେ ସ୍ୱତନ୍ତ୍ର ସିଙ୍ଗଲ୍-ୟୁଜ୍ କାର୍ଟ୍ରିଜ୍‌ରୁ ଏହାକୁ ବ୍ୟବହାର କରାଯାଇପାରିବ। କମ୍ପାନୀର କହିବାନୁଯାୟୀ, ଏହି ଇନସୁଲିନ୍ ନିଶ୍ୱାସ ନେବା



ପରେ ଶୀଘ୍ର ଶରୀରରେ ଦ୍ରବୀଭୂତ ହୁଏ। ପ୍ରାୟ ୧୨ ମିନିଟ୍ ମଧ୍ୟରେ ଏହା ରକ୍ତ ଶର୍କରା ହ୍ରାସ କରିବା ଆରମ୍ଭ କରିବ। ଆଫ୍ରେଜା ଯୁକ୍ତରାଷ୍ଟ୍ରର ମାନକାଇଣ୍ଡ କର୍ପୋରେସନ ଦ୍ୱାରା ନିର୍ମିତ। ଗତ ବର୍ଷ ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସ୍‌ସିଓ) ଏହି ଦ୍ରୁତ-କାର୍ଯ୍ୟକାରୀ ଇନସୁଲିନ୍ ପାଉଡରକୁ ମଞ୍ଜୁରି ଦେଇଥିଲା।

## ରିଜର୍ଭ ବ୍ୟାଙ୍କ ରିପୋର୍ଟ

# ବିଦେଶ ଯାତ୍ରା, ଶିକ୍ଷା ଉପରେ ଭାରତୀୟଙ୍କ ଖର୍ଚ୍ଚ କମୁଛି

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଉଦାରୀକରଣ ରେମିଟାନ୍ସ ଯୋଜନା(ଏଲ୍‌ଆର୍‌ଏସ୍) ଅଧୀନରେ ବିଦେଶକୁ ପଠାଯାଇଥିବା ଟଙ୍କା ୨୦୨୫ ଅକ୍ଟୋବରରେ ବାର୍ଷିକ ଭିତ୍ତିରେ ୧.୮୧ ପ୍ରତିଶତ ହ୍ରାସ ପାଇଛି। ବର୍ତ୍ତମାନ ଭାରତୀୟମାନେ ବିଶେଷକରି ବିଦେଶ ଯାତ୍ରା ଏବଂ ଶିକ୍ଷା କ୍ଷେତ୍ର ଖର୍ଚ୍ଚରେ ହ୍ରାସ ଘଟାଇଛନ୍ତି। ଏହି ପରିମାଣ ଗତ ବର୍ଷର ୨.୪୦ ବିଲିୟନ ଡଲାରରୁ ୨.୩୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ତଥାପି, ବିଦେଶରେ ବର୍ଦ୍ଧିତ ନିବେଶ ଦ୍ୱାରା ଏହି ହ୍ରାସ କିଛିଟା ପୂରଣ ହୋଇଛି।



ସଦ୍ୟତମ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୨୬ ଆର୍ଥିକବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ବିଦେଶକୁ ୧୭.୨ ବିଲିୟନ ଡଲାର ପଠାଯାଇଛି, ଯାହା ଗତ ବର୍ଷ ସମାନ ସମୟରେ ୧୮ ବିଲିୟନ ଡଲାର ରହିଥିଲା। ୨୦୦୪ରେ ପ୍ରଚଳିତ ଏଲ୍‌ଆର୍‌ଏସ୍ ଯୋଜନା ଅଧୀନରେ, ନାବାଳକ ସମେତ ଯେ କୌଣସି ଭାରତୀୟ , ଯେକୌଣସି ଅନୁମୋଦିତ ଚଳନ୍ତି କିମ୍ବା ପୁଞ୍ଜି ଆକାଉଣ୍ଟ ମାଧ୍ୟମରେ କିମ୍ବା ଦୁଇଟି ଆକାଉଣ୍ଟ ମଧ୍ୟରେ ମିଳିତ କାରବାର ମାଧ୍ୟମରେ ଏକ ଆର୍ଥିକବର୍ଷରେ ବିଦେଶକୁ ୨,୫୦,୦୦୦ ଡଲାର ପର୍ଯ୍ୟନ୍ତ ପଠାଇପାରିବେ। ପ୍ରାରମ୍ଭରେ, ଏହି ଯୋଜନା ଅଧୀନରେ ସୀମା ୨୫,୦୦୦ ଡଲାର ଥିଲା। ମାକ୍ରୋ ଏବଂ ମାଇକ୍ରୋ ଇକୋନୋମିକ୍ ପରିସ୍ଥିତିକୁ ବିଚାରକୁ ନେଇ ଏଲ୍‌ଆର୍‌ଏସ୍ ସୀମାକୁ ଅନେକ ପର୍ଯ୍ୟାୟରେ ବୃଦ୍ଧି କରାଯାଇଥିଲା। ମୋଟ ରେମିଟାନ୍ସର ପ୍ରାୟ ୬୦% ଅନ୍ତର୍ଜାତୀୟ ଯାତ୍ରା ପାଇଁ ଦାୟୀ। କେନ୍ଦ୍ରୀୟ ବ୍ୟାଙ୍କ ମାସିକ ତଥ୍ୟ ଅନୁଯାୟୀ, ଅନ୍ତର୍ଜାତୀୟ ଯାତ୍ରା ପାଇଁ ଖର୍ଚ୍ଚ ବର୍ଷ ପରେ ବର୍ଷ ୭.୦୨% ହ୍ରାସ ପାଇ ୧.୩୫ ବିଲିୟନ ଡଲାର ରହିଛି, ଯାହା ଆର୍ଥିକ ବର୍ଷ ୨୦୨୫ର ସମାନ ଅବଧିରେ ୧.୪୫ ବିଲିୟନ ଡଲାର ଥିଲା। ବିଦେଶରେ ଶିକ୍ଷା ପାଇଁ ଖର୍ଚ୍ଚ ବର୍ଷ ପରେ ବର୍ଷ ୨୬.୧୯% ହ୍ରାସ ପାଇ ୧୬୩.୩ ନିୟୁତ ଡଲାର ହୋଇଛି, ଯାହା ଗତ ବର୍ଷର ସମାନ ଅବଧିରେ ୨୨୧.୧୮ ନିୟୁତ ଡଲାର ଥିଲା। ଇକ୍ୱିଟି/ ଋଣରେ ନିବେଶ ବର୍ଷ ପରେ ବର୍ଷ ୮୩% ବୃଦ୍ଧି ପାଇ ୨୭୩.୦୯ ନିୟୁତ ଡଲାର ହୋଇଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୪୯.୩୪ ନିୟୁତ ଡଲାର ଥିଲା। ଅପରପକ୍ଷେ ଖର୍ଚ୍ଚ ପାଇଁ ନିକଟ ସମ୍ପର୍କୀୟମାନଙ୍କୁ ପଠାଯାଇଥିବା ଟଙ୍କା ବାର୍ଷିକ ଆଧାରରେ ୩.୫ ପ୍ରତିଶତ ହ୍ରାସ ପାଇ ୨୭୩.୮୬ ନିୟୁତ ଡଲାର ହୋଇଛି। ଉପହାର ବାବଦରେ ଅର୍ଥ ପ୍ରେରଣ ଗତ ବର୍ଷ ୨୧୬.୩ ନିୟୁତ ଡଲାରରୁ ହ୍ରାସ ପାଇ ୧୯୭.୫୩ ନିୟୁତ ଡଲାର ହୋଇଛି। ସେହିପରି ଚିକିତ୍ସା ଖର୍ଚ୍ଚ ପାଇଁ ଅର୍ଥ ପ୍ରେରଣ ୫.୦୪ ନିୟୁତ ଡଲାରକୁ ହ୍ରାସ ପାଇଛି।

ବିଦେଶରେ ରହୁଥିବା ଭାରତୀୟ (ଏନ୍‌ଆର୍‌ଆଇ)ଙ୍କ ଦ୍ୱାରା ଭାରତରେ ଜମା ହୋଇଥିବା ଟଙ୍କାରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ୨୦୨୫-୨୬ ଏପ୍ରିଲ-ଅକ୍ଟୋବର ମଧ୍ୟରେ ଏହି ପରିମାଣ ଗତ ବର୍ଷର ସମାନ ସମୟର ୧୧.୮ ବିଲିୟନ ଡଲାରରୁ ହ୍ରାସ ପାଇ ୮.୩ ବିଲିୟନ ଡଲାର ହୋଇଛି। ଏହା ମୁଖ୍ୟତଃ ବିଦେଶୀ ମୁଦ୍ରା ଅଣ-ଆବାସିକ ବ୍ୟାଙ୍କ ଜମାରେ ହ୍ରାସ ଯୋଗୁଁ ହୋଇଥିଲା। ତଥ୍ୟ ଅନୁଯାୟୀ, ୨୦୨୫ ଅକ୍ଟୋବର ଶେଷରେ ଏନ୍‌ଆର୍‌ଆଇ ଜମା ୧୬୮.୭୮ ବିଲିୟନ ଡଲାର ଥିଲା, ଯାହା ଏକ ବର୍ଷ ପୂର୍ବର ୧୬୨.୬୯ ବିଲିୟନ ଡଲାର ଥିଲା।

# ଚାନ୍ଦି ଭଣ୍ଡାରରେ 'ପାର୍ଟି ଏଡିଟ୍' ସମ୍ଭାର

## ଜାନୁଆରୀ ୩ ପର୍ଯ୍ୟନ୍ତ ଫ୍ଲାଟ୍ ୧୦% ରିଆତି

**ଭୁବନେଶ୍ୱର,୨୩।୧୨(ସମିସ):** ନବ ବର୍ଷ ଉପଲକ୍ଷେ ରୁପା ଗହଣାର ଏକ୍ସକ୍ଲୁସିଭ୍ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି ଏହାର ଅତ୍ୟାଧୁନିକ କଲେକ୍ସନ 'ପାର୍ଟି ଏଡିଟ୍'। ନୂଆବର୍ଷର ଉତ୍ସବ ଭାବକୁ ବୃଦ୍ଧି କରିବା ଲାଗି ଏହାକୁ ପ୍ରସ୍ତୁତ କରାଯାଇଛି। ୯୨.୫% ଶୁଦ୍ଧ ଷ୍ଟର୍ଲିଂ ସିଲଭରରେ ଜିରକନ ଖଚିତ ଏହି ଗହଣାଗୁଡ଼ିକ ଅତ୍ୟନ୍ତ ଷ୍ଟାଇଲିସ୍। ନୀଳ, ସବୁଜ, ଲାଲ ଏବଂ ହଳଦିଆ ଆଦି ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗରେ ସଜ୍ଜିତ ପ୍ରତ୍ୟେକ ଗହଣା ଅନ୍ଧାର ପରେ ସେଲିବ୍ରେଶନ୍‌ରେ ରଙ୍ଗ ଏବଂ ଚମକ ଭରିଦିଏ । ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏହି ଗହଣା ସମ୍ଭାର ଉପଲବ୍ଧ। ଏହି ସମ୍ଭାରରେ ଚିକ୍କଣ, ଷ୍ଟେଟ୍‌ମେଣ୍ଟ-ମେକିଂ ରାଜକୁମାରୀ ଶୈଳୀର ହାରଠାରୁ ଆରମ୍ଭ କରି ସୂକ୍ଷ୍ମ ଆସେସରିଜ୍‌ମାନ ରହିଛି। ନାଇଟ୍ ପାର୍ଟି କିମ୍ବା ସ୍ୱତନ୍ତ୍ର ତଥା ଫେଷ୍ଟିଭ୍ ଅବସରରେ ଫ୍ୟାଶନେବଲ୍ ଦେଖାଯିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏହି ଷ୍ଟାଇଲିସ୍ ଗହଣାଗୁଡ଼ିକ ସର୍ବୋତ୍ତମ । ଏହି ଅବସରରେ ଚାନ୍ଦି ଭଣ୍ଡାର ଓଡ଼ିଶାର ଲୋକପ୍ରିୟ ୬ ଜଣ ଯୁବ କଳାକାରଙ୍କୁ ନେଇ ଏକ ବିଜ୍ଞାପନ କ୍ୟାମ୍ପେନ ପ୍ରସ୍ତୁତ କରିଛି । କ୍ୟାମ୍ପେନ୍‌ରେ 'ପାର୍ଟି ଏଡିଟ୍' ଏବଂ 'ଆମୋଘ' ଗହଣା କଲେକ୍ସନ ପିନ୍ଧି ଏହି କଳାକାରମାନେ ନିଜର ସ୍ୱତନ୍ତ୍ର ଷ୍ଟାଇଲ୍ ସହିତ ନୂଆ ଆରମ୍ଭକୁ ଉପସ୍ଥାପନ କରୁଛନ୍ତି। ନୂଆବର୍ଷ ସେଲିବ୍ରେଶନ୍ ଉତ୍ସାହକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ଆଣିଛି। ଗ୍ରାହକ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଫ୍ଲାଟ୍ ୧୦% ରିଆତି ପାଇବେ ବୋଲି ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି।

# ଓଡିଶା- ଭିତ୍ତିକ ଷ୍ଟାର୍ଟଅପ ଆଇଜି ଡ୍ରୋନ୍‌ସ ଆଇଜି ଡ଼ିଫେନ୍ସରେ ପରିଣତ

**ଭୁବନେଶ୍ୱର,୨୩।୧୨(ଏଜେନ୍ସି):** ଅନ୍‌ମ୍ୟାନ୍‌ଡ ସିଷ୍ଟମ୍‌ସ କମ୍ପାନୀ ଆଇଜି ଡ୍ରୋନ୍‌ସ , ଆଇଜି ଡିଫେନ୍ସରେ ପରିଣତ ହୋଇଛି। ଏହି ରୂପାନ୍ତରଣ ଭାରତର ଭବିଷ୍ୟତ ପାଇଁ ଏକ ସାର୍ବଭୌମ, ନିର୍ଭରଯୋଗ୍ୟ ଓ ଯୁଦ୍ଧ ପ୍ରସ୍ତୁତ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ପାଇଁ ଏକ ସରଳ କିନ୍ତୁ ଗମ୍ଭୀର ମିଶନକୁ ପ୍ରତିଫଳନ କରୁଛି। ଆଜିର ସଂଘର୍ଷଗୁଡିକ ଅଟୋନୋମି, ଇଂଟେଲିଜେନ୍ସ, ଇଲେକ୍‌ଟ୍ରୋନିକ ପ୍ରାଧାନ୍ୟତା, ସାଇବର ସ୍ଥିରତା ଏବଂ ବାୟୁ ସ୍ଥଳଭାଗ, ସମୁଦ୍ର ପଥ ଓ ମହାକାଶରେ ବାଧାମୁକ୍ତ ସହଯୋଗିତା ଦ୍ୱାରା ରୂପ ନେଉଛି। ଅପରେସନ ସିନ୍ଦୁର ଭଳି ସାମ୍ପ୍ରତିକ ଜଟିଳ ଅଭିଯାନଗୁଡିକ, ଯେଉଁଠାରେ ଆଇଜି ଡ୍ରୋନସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଏକ ସ୍ପଷ୍ଟ ବାସ୍ତବତା ଉପରେ ମହତ୍ୱ ଦେଉଛି। ଭାରତ ଆମଦାନୀ କରାଯାଉଥିବା ସିଷ୍ଟମଗୁଡିକ ଉପରେ ନିର୍ଭର କରିପାରିବନାହିଁ, ଯାହାକୁ ବିଦେଶୀ ସିଦ୍ଧାନ୍ତ ଓ ବିଦେଶୀ ଯୁଦ୍ଧକ୍ଷେତ୍ର ପାଇଁ ଡିଜାଇନ କରାଯାଇଛି। ଭାରତୀୟ ଭୂଭାଗ, ଭାରତୀୟ ସୈନ୍ୟବଳ ଓ ଭାରତୀୟ ମିଶନଗୁଡିକ ପାଇଁ ନିର୍ମିତ ଟେକ୍ନୋଲୋଜିର ଆବଶ୍ୟକ କରୁଥିବା ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି।

# ଲଣ୍ଡନରେ ଧୂମଧାମ୍ ପାର୍ଟି ମନାଉଛନ୍ତି ମାଲ୍ୟା-ମୋଦୀ

## ଦୁଇ ପଳାତକଙ୍କ ଫଟୋ ଭାଇରାଲ୍

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଦେଶର ଦୁଇ ପଳାତକ ବ୍ୟବସାୟୀ ଲଳିତ ମୋଦି ଏବଂ ବିଜୟ ମାଲ୍ୟା ଏବେ ଏକାଠି। ଭାରତରେ ପଳାତକ ଘୋଷିତ ଏହି ଦୁଇ ବଡ଼ ଚେହେରାଙ୍କୁ ଲଣ୍ଡନରେ ଏକାଠି ପାର୍ଟି ମନାଉଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ ଏହି ପାର୍ଟିର ଫଟୋ ଏବେ ଭିଡିଓ ଏବେ ଭାଇରାଲ୍। ଅବସର ଥିଲା ବିଜୟ ମାଲ୍ୟାଙ୍କ ଜନ୍ମଦିନ। ଉଭୟଙ୍କ ସେଠାରେ ଧୂମଧାମ୍‌ରେ ପାର୍ଟି ମନାଉଛନ୍ତି। ଏଥିରେ ଭିଡିଓରେ ଲଳିତ ମୋଦୀ କହୁଛନ୍ତି ଯେ, 'ହମ୍ ଦୋ ଭଗୋଡେ ହେଁ, ଭାରତ କେ ସବ୍‌ସେ ବଡେ ଭଗୋଡେ'।



ଲଳିତ ମୋଦିଙ୍କ ବେଲଗ୍ରେଭ୍ ସ୍କୋୟାର ବାସଭବନରେ ଆୟୋଜିତ ଏହି ପାର୍ଟିରେ ବାୟୋକନ୍ ପ୍ରତିଷ୍ଠାତା କିରଣ ମଜୁମଦାର-ଶ, ଅଭିନେତା ଇଦ୍ରିସ୍ ଏଲବା ଏବଂ ଫ୍ୟାଶନ୍ ଡିଜାଇନର୍ ମନୋବିରାଜ ଖୋସଲାଙ୍କ ସମେତ ଅନେକ ଜଣାଶୁଣା ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ଫଟୋଗ୍ରାଫର ଜିମ୍ ରିଡେଲ୍ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପାର୍ଟିର ଏକ ଫଟୋ ସେୟାର କରି ବିଜୟ ମାଲ୍ୟାଙ୍କ ସମ୍ମାନରେ ଆୟୋଜିତ 'ପ୍ରି-୭୦' ତମ ଜନ୍ମଦିନ ପାର୍ଟି ପାଇଁ ମୋଦିଙ୍କୁ ଧନ୍ୟବାଦ ଜଣାଇଥିଲେ।

### ହମ୍ ଦୋ ଭଗୋଡ଼େ...

ଏହି ପାର୍ଟିର ଅତିଥି ତାଲିକା ଏବଂ ସାଜସଜ୍ଜା ଅନ୍‌ଲାଇନରେ ଭାଇରାଲ ହୋଇଛି, କିନ୍ତୁ ଟେବୁଲରେ ଥିବା ଏକ ଛୋଟ ଜିନିଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫଟୋରେ ନାଗା ଘୋଷ୍ଟ, ଏଲକେ ଏବଂ ମୋଣ୍ଟେ ଭିବିଆନୋ ଲେଖାଥିବା ଏକ ସ୍ୱଚ୍ଛ ଛୋଟ ବୋତଲ ଦେଖାଯାଇଥିଲା। ପାର୍ଟିର କିଛି ସପ୍ତାହ ପୂର୍ବରୁ, ଲଳିତ ମୋଦି ଇନଷ୍ଟାଗ୍ରାମରେ ତାଙ୍କର ନୂତନ ବ୍ରାଣ୍ଡ, ଏଲକେ ଚିଲିର ଶୁଭାରମ୍ଭ ଘୋଷଣା କରି ଲେଖିଥିଲେ, ଆମେ ଆମର ବ୍ରାଣ୍ଡକୁ ବିଶ୍ୱରେ ପରିଚିତ କରାଇବାକୁ ଅପେକ୍ଷା କରିପାରୁନାହୁଁ। ଖୁବ୍ ଶୀଘ୍ର ଲଞ୍ଚ ହେଉଛି! ବୋତଲଟି ସୋସିଆଲ ମିଡିଆରେ ବହୁତ ଭାଇରାଲ୍ ହୋଇଛି।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ କ୍ରୀଡା ସାମଗ୍ରୀ ବଣ୍ଟନ

**ଭୁବନେଶ୍ୱର, ୨୩।୧୨(ସମିସ):** ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଜାମଖାନି, ଘୋଘରପାଲି ଏବଂ କୁରାଲୋଇ ଅଞ୍ଚଳର ୧୦୦୦ ରୁ ଅଧିକ ଯୁବକଙ୍କୁ କ୍ରୀଡା ଉପକରଣ(କିଟ୍) ବଣ୍ଟନ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ସ୍ଥାନୀୟ ସମୁଦାୟମାନଙ୍କ ମଧ୍ୟରେ କ୍ରୀଡା କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ସହ କ୍ରୀଡାମନୋଭାବର ସଂସ୍କୃତିକୁ ପୋଷଣ କରିବା। କାର୍ଯ୍ୟକ୍ରମର ଅଂଶ ଭାବରେ ୨୫ ଟି ଗ୍ରାମର କ୍ରୀଡା କ୍ଲବ୍ ଏବଂ ସ୍କୁଲଗୁଡ଼ିକୁ ଫୁଟବଲ୍, କ୍ରିକେଟ୍, ଭଲିବଲ୍, ବ୍ୟାଡମିଣ୍ଟନ୍, କ୍ୟାରମ୍ ଏବଂ ଯୋଗ ମ୍ୟାଟ୍ ପାଇଁ କ୍ରୀଡା କିଟ୍ ପ୍ରଦାନ କରାଯାଇଛି।




କିଟ୍ ବଣ୍ଟନ ସହିତ ସମ୍ପ୍ରଦାୟ ସ୍ତରୀୟ ଫୁଟବଲ୍ ଏବଂ କ୍ରିକେଟ୍ ଟୁର୍ନାମେଣ୍ଟ ନିୟମିତ ଭାବରେ ଆୟୋଜନ କରାଯିବା ସହ ଯୁବ ଖେଳାଳିମାନଙ୍କୁ ପ୍ରତିଯୋଗିତା କରିବା, ଦଳଗତ କାର୍ଯ୍ୟ ନିର୍ମାଣ କରିବା ଏବଂ ସେମାନଙ୍କର କ୍ରୀଡା ଦକ୍ଷତା ବିକାଶ କରିବା ପାଇଁ ଏକ ସଂରଚିତ ପ୍ଲାଟଫର୍ମ ପ୍ରଦାନ କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

# ଚାନ୍ଦି ଚମକ ଆଗରେ ସୁନା ଫିକା

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ରୁପା ଚଳିତ ବର୍ଷ ଲାଭ ଦୃଷ୍ଟିରୁ ସୁନା ଏବଂ ସେୟାର ବଜାର ପରି ପାରମ୍ପରିକ ନିବେଶ ବିକଳ୍ପଗୁଡ଼ିକୁ ପଛରେ ପକାଇ ଦେଇଛି। ନିବେଶ ପାଇଁ ନିରାପଦ ଏବଂ କିଛି ଶିଳ୍ପରେ ଚାହିଦାରେ ବୃଦ୍ଧି ଯୋଗୁଁ ମୂଲ୍ୟରେ ଏଭଳି ବୃଦ୍ଧି ହୋଇଛି। ବର୍ଷରେ ସୁନା ପ୍ରାୟ ୭୨% ରିଟର୍ଣ୍ଣ ପ୍ରଦାନ କରିଥିବାବେଳେ, ରୁପା ୧୩୦%ରୁ ଅଧିକ ବୃଦ୍ଧି ଘଟିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକା ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ଆହୁରି ହ୍ରାସ ଆଶା ମଧ୍ୟରେ ରୂପା ମୂଲ୍ୟ ଆସନ୍ତା ବର୍ଷ ୧୫% ରୁ ୨୦% ବୃଦ୍ଧି ପାଇବା ଜାରି ରହିବ। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀ ୧ ରେ ରୁପାର ମୂଲ୍ୟ ୯୦,୫୦୦ ଟଙ୍କା ପ୍ରତି କିଲୋଗ୍ରାମ ଥିଲା। ବର୍ଷକ ମଧ୍ୟରେ ରୁପା ମୂଲ୍ୟରେ ୧,୨୪,୦୦୦ ଟଙ୍କା କିମ୍ବା ୧୩୭% ବୃଦ୍ଧି ଘଟିଛି। ସୁନା-ରୂପା ଅନୁପାତରେ ତୀବ୍ର ହ୍ରାସ ଅର୍ଥ ହେଉଛି ରୂପା ମୂଲ୍ୟ ସୁନା ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ସୂଚିତ କରେ ଯେ ରୁପା ସୁନା ତୁଳନାରେ ମୂଲ୍ୟ ଦୃଷ୍ଟିରୁ ଆଗରେ। ରିଟର୍ଣ୍ଣ ଦୃଷ୍ଟିରୁ, ସୁନା ଡିସେମ୍ବର ୧୯ ସୁଦ୍ଧା ନିବେଶକଙ୍କୁ ଚଳିତ ବର୍ଷ ପ୍ରାୟ ୭୨% ରିଟର୍ଣ୍ଣ ଦେଇଛି, ଯେତେବେଳେ କି ଇକ୍ୱିଟି ବଜାରରେ, ନିଫ୍ଟି ୫୦ ଏବଂ ନିଫ୍ଟି ୫୦୦ ସୂଚକାଙ୍କ ଯଥାକ୍ରମେ ୭.୦% ଏବଂ ୫.୧% ରିଟର୍ଣ୍ଣ ଦେଇଛି।

# ମଣିପାଲ୍ ଭୁବନେଶ୍ୱରରେ ଟ୍ରିପଲ୍ ହାର୍ଟ ଭାଲଭ୍ ପରିବର୍ତ୍ତନ ସର୍ଜରୀ



**ଭୁବନେଶ୍ୱର, ୨୩।୧୨ (ସମିସ):** ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରଠାରେ ଏକ ଅତ୍ୟନ୍ତ ଜଟିଳ ଟ୍ରିପଲ୍ ଭାଲଭ୍ ରିପ୍ଲେସମେଣ୍ଟ ହାର୍ଟ ସର୍ଜରୀ ସଫଳତାର ସହ କରାଯାଇଛି। ଏହି ସର୍ଜରୀ ଗଞ୍ଜାମର ୪୫ ବର୍ଷୀୟା ଜଣେ ମହିଳାଙ୍କ ଉପରେ କରାଯାଇଥିଲା। ଏହା ପୂର୍ବ ଭାରତର ଉନ୍ନତ ହାର୍ଟ ସର୍ଜରୀ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ବୋଲି କୁହାଯାଉଛି। ଦୀର୍ଘ ୬–୭ ଘଣ୍ଟା ଧରି କରାଯାଇଥିବା ଓପନ୍ ହାର୍ଟ ସର୍ଜରୀରେ ଏକା ସମୟରେ ତିନୋଟି ହୃଦୟ ଭାଲଭ୍ ସଫଳତାର ସହ ପରିବର୍ତ୍ତନ କରାଯାଇଥିଲା। ଏହା ମଣିପାଲ୍ ହସ୍ପିଟାଲ୍, ଭୁବନେଶ୍ୱରର ପ୍ରଥମ ସଫଳ ଟ୍ରିପଲ୍ ଭାଲପ୍ ରିପ୍ଲେସମେଣ୍ଟ ସର୍ଜରୀ। ଏହି ସଫଳତା ସମ୍ପର୍କରେ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି, ଏପରି ସର୍ଜରୀ ଅତ୍ୟନ୍ତ ଜଟିଳ ହୋଇଥାଏ। ଦୀର୍ଘ ସମୟ ଅପରେସନ୍, ଫୁସଫୁସ ଉପରେ ପ୍ରଭାବ ଓ ସର୍ଜରୀ ପରେ ହୃଦୟର ସୁସ୍ଥ ହେବା ଏକ ବଡ଼ ଚ୍ୟାଲେଞ୍ଜ ଥାଏ। ଏହି ସଫଳ ସର୍ଜରୀ ଡାକ୍ତର ବିବେକ ଚୌଧୁରୀଙ୍କ ନେତୃତ୍ୱରେ ଆନାଥେସିଆ ଟିମ୍, ପର୍ଫ୍ୟୁଜନିଷ୍ଟ ଟିମ୍, କାର୍ଡିଆକ୍ ସର୍ଜରୀ ଟିମ୍ ଓ ଓଟି ଟିମ୍‌ର ମିଳିତ ପ୍ରୟାସରେ ସମ୍ଭବ ହୋଇଥିଲା।

# ମୟୂରଭଞ୍ଜ ପାହାଡ଼ପୁରରେ ଖୋଲିବ ଶ୍ୟାମ ଚରଣ ମୁର୍ମୁ ଭିଜନ୍ ସେଣ୍ଟର



**ଭୁବନେଶ୍ୱର, ୨୩।୧୨(ସମିସ):** ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) ଏବଂ ପାହାଡ଼ପୁରର ଏସଏଲଏସ ଟ୍ରଷ୍ଟ ମଧ୍ୟରେ ଶ୍ୟାମ ଚରଣ ମୁର୍ମୁ ଭିଜନ୍ ସେଣ୍ଟର ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସେଣ୍ଟର ଏକ ପ୍ରାଥମିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ଯାହା ସ୍ଥାନୀୟ ଜନସାଧାରଣ ଏବଂ ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଏବଂ ରାଇରଙ୍ଗପୁର ଆଖପାଖ ଅଞ୍ଚଳ ପାଇଁ ସେବା ଯୋଗାଇବ। ଏସଏଲଏସ ଟ୍ରଷ୍ଟର ପୂର୍ବରୁ ଥିବା ଘରେ ଏହି କେନ୍ଦ୍ର ଅବସ୍ଥିତ। ୨୦୨୬ ଫେବୃଆରୀ ପହିଲାରୁ ଏହା ସାଧାରଣ ଲୋକଙ୍କ ପାଇଁ ଏହା ଖୋଲାଯିବ। ଏହି ସେଣ୍ଟରରେ ବିସ୍ତୃତ ଦୃଷ୍ଟିଶକ୍ତି ପରୀକ୍ଷା, ପ୍ରତିସରଣ ତ୍ରୁଟି ସଂଶୋଧନ, ଚଷମା ବଂଟନ ଏବଂ ଚକ୍ଷୁ ରୋଗର ପ୍ରାରମ୍ଭିକ ଚିହ୍ନଟ ସୁବିଧା ରହିବ। ଏହି କେନ୍ଦ୍ର କେନ୍ଦୁଝରର ଏଲଭିପିଇଆଇ ବିଜୟାନନ୍ଦ ପଟ୍ଟନାୟକ ସେକେଣ୍ଡାରୀ ସେଣ୍ଟର ଏବଂ ଭୁବନେଶ୍ୱରର ଏଲଭିପିଇଆଇ ମିଠୁ ତୁଳସୀ ଚାନରାଇ ଟର୍ସିଆରୀ କେୟାର ସେଣ୍ଟରକୁ ରୋଗୀଙ୍କୁ ଉନ୍ନତ ଯତ୍ନ ଏବଂ ଚିକିତ୍ସା ପାଇଁ ପଠାଇବ। ଏଲଭିପିଇଆଇର ଉପାଧ୍ୟକ୍ଷ ଡକ୍ଟର ରାଜୀବ ରେଡ୍ଡୀ ପାପ୍ପୁରୁ ଏବଂ ଏସଏଲଏସ ଟ୍ରଷ୍ଟର ଅଧ୍ୟକ୍ଷ ଇତିଶ୍ରୀ ମୁର୍ମୁ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଏସଏଲଏସ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାରଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ।

# ପାସ୍‌ୱାର୍ଡ କିମ୍ବା ଓଟିପି ବିନା ଆକାଉଣ୍ଟ ହ୍ୟାକ୍

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ସାଇବର ଅପରାଧୀ ଏବଂ ହ୍ୟାକର୍ସମାନେ ବର୍ତ୍ତମାନ ଆକାଉଣ୍ଟ ହ୍ୟାକ୍ କରିବାର ଏକ ନୂତନ ଉପାୟ ପ୍ରସ୍ତୁତ କରିଛନ୍ତି। ଏହି ନୂତନ ପଦ୍ଧତି ଆପଣଙ୍କ ଅଜାଣତରେ ମଧ୍ୟ ଆପଣଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟ ହ୍ୟାକ୍ କରିପାରିବ। କେନ୍ଦ୍ର ସରକାର ଏ ନେଇ ଲୋକମାନଙ୍କୁ ସତର୍କ କରାଇଛନ୍ତି।

ଭାରତୀୟ ସାଇବର ସୁରକ୍ଷା ସଂସ୍ଥା ସିଇଆର୍‌ଟି-ଇନ୍ ହ୍ୱାଟ୍ସଆପ୍ ବ୍ୟବହାରକାରୀମାନଙ୍କ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରିଛି। ସଂସ୍ଥା କହିଛି ଯେ ସାଇବର ଅପରାଧୀ ଏବଂ ହ୍ୟାକର୍ସ ହ୍ୱାଟ୍ସଆପ୍‌ର ଡିଭାଇସ୍ ଲିଙ୍କିଙ୍ଗ ଫିଚରର ଅପବ୍ୟବହାର କରି ଆକାଉଣ୍ଟ ହ୍ୟାକ୍ କରୁଛନ୍ତି। ଏହାକୁ ' ଘୋଷ୍ଟ ପେୟାରିଂ' କୁହାଯାଉଛି। ହ୍ୟାକର୍ସ ପାସୱାର୍ଡ କିମ୍ବା ଓଟିପି ବିନା ଆପଣଙ୍କ ସମ୍ପୂର୍ଣ୍ଣ ଆକାଉଣ୍ଟ ଉପରେ ନିୟନ୍ତ୍ରଣ ହାସଲ କରୁଛନ୍ତି। ସେମାନେ ରିଅଲ୍-ଟାଇମ୍ ମେସେଜ୍ ପଢ଼ିପାରିବେ, ଫଟୋ ଏବଂ ଭିଡିଓ ଦେଖିପାରିବେ ଏବଂ ଆପଣଙ୍କ ଯୋଗାଯୋଗକୁ ମେସେଜ୍ ମଧ୍ୟ ପଠାଇପାରିବେ।

ସରକାରଙ୍କ ପରାମର୍ଶ ଅନୁଯାୟୀ, ଏହା ଏକ ହାଇ ସିକ୍ୟୁରିଟି ବିଶିଷ୍ଟ ଆକ୍ରମଣ। ହ୍ୟାକର୍ସ ହ୍ୱାଟ୍ସଆପ୍‌ର 'ଲିଙ୍କ୍ ଡିଭାଇସ୍ ମାଧ୍ୟମରେ ଫୋନ୍ ନମ୍ବର' ଫିଚରର ଫାଇଦା ଉଠାଉଛନ୍ତି। ହ୍ୟାକର୍ସ ହ୍ୱାଟ୍ସଆପ୍‌ରେ ଆପଣଙ୍କ ପରିଚିତ ବ୍ୟକ୍ତିଙ୍କଠାରୁ ମେସେଜ୍ ପାଇବା ପରେ ଆକ୍ରମଣ ଆରମ୍ଭ କରିଦିଅନ୍ତି। ଏଥିରେ 'ହାଏ ହ୍ୟାଲୋ' ପରି କିଛି ହୋଇପାରେ କିମ୍ବା ଏକ ଫଟୋ ମଧ୍ୟ ହୋଇପାରେ। ଏଥିରେ ଏକ ଲିଙ୍କ୍ ଅଛି ଯାହା ଏକ ଫେସବୁକ୍-ଶୈଳୀର ପ୍ରିଭ୍ୟୁ ଦେଖାଏ। ଲିଙ୍କ୍ ଉପରେ କ୍ଲିକ୍ କରିବା ଦ୍ୱାରା ଏକ ନକଲି ଫେସବୁକ୍ ଭ୍ୟୁଅର୍ ପେଜ୍ ଖୋଲିଯାଏ,

## ଖାଲି ହୋଇଯାଉଛି ବାଲାନ୍ସ



ଯାହା କଣ୍ଟେଣ୍ଟ ଦେଖିବା ପାଇଁ ଯାଞ୍ଚ ଲାଗି ପଚାରେ। ଏଠାରେ ବ୍ୟବହାରକାରୀଙ୍କୁ ସେମାନଙ୍କର ଫୋନ୍ ନମ୍ବର ଏଣ୍ଟ୍ରି କରିବାକୁ କୁହାଯାଏ। ଆପଣ ନମ୍ବର ଏଣ୍ଟ୍ରି କରିବା ମାତ୍ରେ, ହ୍ୟାକରଙ୍କ ଡିଭାଇସ୍ ବ୍ୟବହାରକାରୀଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଯାଏ। ସେମାନେ ଏକ ଲୁକ୍କାୟିତ ଡିଭାଇସ୍ ଭାବରେ ଏଣ୍ଟ୍ରି ପାଇବା ପାଇଁ ପେୟାରିଂ କୋଡ୍ ବ୍ୟବହାର କରନ୍ତି। ତା›ପରେ ସେମାନେ ହ୍ୱାଟ୍ସଆପ୍ ୱେବ୍ ପରି ସବୁକିଛି ଦେଖିପାରିବେ ଏବଂ ବ୍ୟବହାର କରିପାରିବେ। ଆପଣଙ୍କ ଡିଭାଇସ୍ ଲିଙ୍କ୍ ହେବା ପରେ ହ୍ୟାକରମାନେ ପୁରୁଣା ମେସେଜ୍ ପଢ଼ିପାରିବେ, କାହାକୁ ମେସେଜ୍ ପଠାଇପାରିବେ, ଫଟୋ, ଭିଡିଓ ଏବଂ ଭଏସ୍ ନୋଟ୍ ଦେଖିପାରିବେ ଏବଂ ଆପଣଙ୍କ ଯୋଗାଯୋଗ ଏବଂ ଗୋଷ୍ଠୀକୁ ମେସେଜ୍ ମଧ୍ୟ ପଠାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ୟବହାରକାରୀ ଏହା ବିଷୟରେ କିଛି ଜାଣିନାହାଁନ୍ତି, କାରଣ ଏହା ସବୁ ପୃଷ୍ଠଭୂମିରେ ଘଟେ।

ତେଣୁ ଏଭଳି ହ୍ୱାଟ୍ସଆପ୍ ହ୍ୟାକିଂରୁ ରକ୍ଷା ପାଇବା ପାଇଁ କେବେ ବି କୌଣସି ସନ୍ଦିଗ୍ଧ ଲିଙ୍କ୍ ଉପରେ କ୍ଲିକ୍ କରିବା ଉଚିତ୍ ନୁହେଁ, ଯଦିଓ ଏହା କଣେ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ପଠାଯାଇଛି। ହ୍ୱାଟ୍ସଆପ୍ ସହିତ ଲିଙ୍କ୍ ହୋଇଥିବା ଡିଭାଇସଗୁଡ଼ିକୁ ସର୍ବଦା ଯାଞ୍ଚ କରି, କିଛି ସନ୍ଦେହଜନକ ଲକ୍ଷ୍ୟ କଲେ ତୁରନ୍ତ ଲଗ୍ ଆଉଟ୍ କରିବା ଜରୁରୀ।

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୧୫- ସ୍ୱିଡେନ୍ ସେନା ନରୱେ ଉପରେ କବ୍‌ଜା କଲା।
- ୧୮୯୪- କଲିକତାରେ ପ୍ରଥମ ଥର ପାଇଁ ମେଡିକାଲ୍ କନ୍‌ଫରେନ୍ସର ଆୟୋଜନ କରାଗଲା।
- ୧୯୮୬- ଦିଲ୍ଲୀସ୍ଥିତ ଲୋଟସ୍ ଟେମ୍ପଲକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୮୯- ଦେଶର ପ୍ରଥମ ଆମ୍ୟୁଜ୍‌ମେଣ୍ଟ ପାର୍କ 'ଏସ୍‌ଏଲ୍ ୱାର୍ଲଡ' ମୁମ୍ବାଇରେ ଖୋଲିଲା।
- ୨୦୦୦-ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ୍ ହେଲେ।

# ସପୁରି କଟାରେ ବିଶ୍ୱ ରେକର୍ଡ




ରେକର୍ଡ ନିଶା ମଣିଷକୁ ଅସାଧାରଣ କାମ କରିବାକୁ ଉତ୍ସାହିତ କରେ। ଏହି କ୍ରମରେ ସ୍ଲୋଭାକିଆର ଡୋମିନିକା ଗ୍ୟାସ୍‌ପାରୋଭା ନାମ୍ନୀ ଜଣେ ମହିଳା ମାତ୍ର ୧୧.୪୩ ସେକେଣ୍ଡରେ ସପୁରି ଚୋପା ଛଡ଼ାଇବା ସହ ଏହାକୁ ସାଇଜ୍‌ରେ କାଟି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଛନ୍ତି। ଏହି ରେକର୍ଡ ବ୍ରିଟେନ୍‌ର ୱିସବେକ୍ ସହରର ଡେଲ୍ ମୋଣ୍ଟେ କମ୍ପାନି ପକ୍ଷରୁ ଆୟୋଜିତ ଏକ ଇଭେଣ୍ଟ ସମୟରେ କରାଯାଇଥିଲା। ଏଥିରେ ଡେଲ ମୋଣ୍ଟେ କମ୍ପାନିର ୧୦ ଜଣ ଅଭିଜ୍ଞ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଚାରୀମାନେ ନିତିଦିନ କମ୍ପାନି ପକ୍ଷରୁ ସପୁରି ଚୋପା ବାହାର କରିବା ଓ କାଟିବା କାମ କରୁଥିଲେ। ତେବେ ସମସ୍ତେ ପୁରୁଣା ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲେ। ପୂର୍ବରୁ ଏହି ରେକର୍ଡ ୧୭.୮୫ ସେକେଣ୍ଡର ଥିଲା। ଖେଳରେ ସପୁରିର ମୋଟା ଚୋପାକୁ ସମ୍ପୂର୍ଣ୍ଣ ଭାବେ ବାହାର କରି ଏହାକୁ ଛୋଟ ଛୋଟ କରି କାଟିବାର ନିୟମ ରହିଥିଲା। ସେହିପରି କଟାଯାଇଥିବା ସପୁରି ଖଣ୍ଡଗୁଡ଼ିକ ୩.୮ ସେଣ୍ଟିମିଟରରୁ ବଡ଼ ନ ହେବା ନିୟମ ରହିଥିଲା। ଗିନିଜ୍ ଅଧିକାରୀମାନଙ୍କ ଉପସ୍ଥିତିରେ ଡୋମିନିକା ଆଖିପିଛୁଳାକେ ସପୁରିରୁ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡରେ କାଟି ଦେଇଥିଲେ। ତେବେ ତାଙ୍କର ରେକର୍ଡ କରିବାର ଭିଡିଓକୁ ଗିନିଜ୍ ବିଶ୍ୱ ରେକର୍ଡର ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରାଯାଇଛି।

# ଦୁଇଟି ପାର୍ଟରେ ଆସିବ AA22xA6



ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ଓ ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଯାବତ୍ ଫିଲ୍ମର ଟାଇଟଲ୍ ଫାଇନାଲ କରାଯାଇ ନାହିଁ। 'ଧୁରନ୍ଧର'ର ସଫଳତାକୁ ଦେଖି ଏଟ୍‌ଲି ଏବେ ଏହାକୁ ଦୁଇଟି ପାର୍ଟରେ ଆଣିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଏଯାବତ୍ ଫିଲ୍ମର ୬୦% ସୁଟିଂ ସରିଛି। ଏବେ ଏକ ଅଣ୍ଡର ୱାଟର୍ ଆକ୍ସନ୍ ସିନ୍ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଏହାର ପ୍ରଥମ ପାର୍ଟର ସୁଟିଂ ପ୍ରାୟତଃ ସରିଯାଇଛି। ଏହର ଟିଜର୍ ଆସନ୍ତା ଏପ୍ରିଲ୍ ମାସରେ ଆସିବ ବୋଲି କୁହାଯାଉଛି। ଏହାସହ ଫିଲ୍ମର ଫାଇନାଲ ରିଲିଜ୍ ଡେଟ୍ ମଧ୍ୟ ଟିଜର୍‌ରେ ଘୋଷଣା କରାଯାଇପାରେ। ଏଥିରେ ଅଲ୍ଲୁ ଡବଲ୍ ରୋଲରେ ନଜର ଆସିବେ। ଦୀପିକା ପାଦ୍ୟୁକୋନ୍ ଓ ମୃଣାଳ ଠାକୁର ଏଥିରେ ଅଲ୍ଲୁଙ୍କ ସହ ଲିଡ୍ ରୋଲରେ ଦେଖାଯିବେ। ଜାହ୍ନବୀ କପୁର ମଧ୍ୟ ଏଥିରେ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ୩୦ ବର୍ଷ ପରେ ପେଟରୁ ବାହାରିଲା ଲାଇଟର୍

ଚୀନ୍‌ର ଚେଙ୍ଗଦୁ ସହରର ୬୭ ବର୍ଷୀୟ ଡେଙ୍ଗଙ୍କ ପେଟରେ ଲାଇଟର୍ ରହିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଲାଇଟର୍ ତାଙ୍କ ପେଟ ଭିତରେ ଦିନେ କି ଦୁଇ ଦିନ କିମ୍ବା ବର୍ଷେ କି ଦୁଇ ବର୍ଷ ନୁହେଁ, ତିନି ଦଶନ୍ଧି ଧରି ରହିଥିଲା। ରୋଚକୀୟ ବିଷୟ ହେଉଛି ଏବେ ବି ଏହି ଲାଇଟର୍ କାର୍ଯ୍ୟକ୍ଷମ। ଗତ ମାସରେ ଡେଙ୍ଗଙ୍କ ପେଟ ଫୁଲିବା ସହ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ଏସିଡିଟି ହୋଇଛି ଭାବିକି ଔଷଧ ଓ ଡାଏଟ୍‌ରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ। ହେଲେ କିଛି ଲାଭ ହେଲା ନାହିଁ। ପରିସ୍ଥିତି ଏତେ ଖରାପ ହେଲା ଯେ, ସେ ଶୋଇପାରିଲେ ନାହିଁ। ସେଇଠୁ ସେ ହସ୍‌ପିଟାଲ ଗଲେ। ଜରୁରିକାଳୀନ ଗ୍ୟାଷ୍ଟ୍ରୋସ୍କୋପିରୁ ଡାକ୍ତରମାନେ ତାଙ୍କ ପେଟ ଭିତରେ ଏକ ଆୟତକାର କଳା ଜିନିଷ ଦେଖିଥିଲେ। ତେବେ ଏହି ଜିନିଷଟି ଏଣ୍ଡୋସ୍କୋପି ମାଧ୍ୟମରେ ବାହାରିବା ବି ସହଜ ନ ଥିଲା। ତେଣୁ ଏହି ଜିନିଷକୁ ପ୍ରଥମେ ଚିହ୍ନଟ କରିବା ଜରୁରି ବୋଲି ଡାକ୍ତର ବିଚାର କଲେ। ଡାକ୍ତର ଡେଙ୍ଗଙ୍କୁ ଏବିଷୟରେ ପଚାରିବାରୁ ୧୯୯୦ ମସିହାରେ ସାଙ୍ଗମାନଙ୍କ ସହ ପାର୍ଟି କରୁଥିବା ବେଳେ ତାଙ୍କୁ ଏକ ସିଗାରେଟ୍ ଲାଇଟର୍ ଗିଳିବାକୁ ଚ୍ୟାଲେଞ୍ଜ କରାଯାଇଥିଲା, ଏହାକୁ ସେ ଗିଳି ଦେଇଥିବା ସ୍ୱୀକାର କରିଥିଲେ। ସେହିପରି ଏହାପରେ ଶରୀରରୁ ବାହାରି ଯାଇଥିବ ବୋଲି ସେ ଭାବିଥିଲେ। ମଝିରେ ମଝିରେ ହେଉଥିବା ପେଟ ଯନ୍ତ୍ରଣାକୁ ଏହି ଘଟଣା ସହିତ ସେ କେବେ ଯୋଡ଼ି ନ ଥିଲେ। ତେବେ ଲାଇଟର୍‌କୁ ଡାକ୍ତର ସଫଳତାର ସହ ପେଟ ଭିତରୁ ବାହାର କରିଥିଲେ। ଅବଶ୍ୟ ଲାଇଟର୍‌ଟି ପେଟର ଏସିଡ୍ ଦ୍ୱାରା କଳା ହୋଇଯାଇଥିଲା। ଏହାସତ୍ତ୍ୱେ ବି ସେଥିରେ ଗ୍ୟାସ୍ ଥିଲା ଏବଂ ଲାଇଟର୍‌ଟି ଜଳିଲା। ଡାକ୍ତରଙ୍କ କହିବା କଥା, ଲାଇଟର୍ କେସ୍ ସାଧାରଣତଃ ଏବିଏସ୍ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ। ଯାହାକି ଏସିଡ୍ ପ୍ରତିରୋଧକ ହୋଇଥାଏ। ଏହି କାରଣ ଯୋଗୁଁ ୩୦ ବର୍ଷ ଧରି ପେଟରେ ଏହା ସୁରକ୍ଷିତ ଥିଲା।





# ଜେନ୍ ଜେଡ୍‌ଙ୍କ ପସନ୍ଦ 'କ୍ୟାରିୟର ମିନିମାଲିଜିମ୍'



**ଚାକିରିରେ ଅଧିକ ପରିଶ୍ରମ କଲେ ପଦୋନ୍ନତି ମିଳିବା ସହଜ ବୋଲି କୁହାଯାଏ। ଏବେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଜେନ୍ ଜେଡ୍ ଏବେ 'କ୍ୟାରିୟର ମିନିମାଲିଜିମ୍' ଉପରେ ଧ୍ୟାନ ଦେଉଛନ୍ତି। ପୁରୁଣା ପିଢ଼ିଙ୍କଠାରୁ କାମକୁ ନେଇ ସେମାନଙ୍କ ଦୃଷ୍ଟିକୋଣ ଭିନ୍ନ। କାରଣ ଜେନ୍ ଜେଡ୍ ଚାକିରି ପାଇଁ ନିଜ ସଉକକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି।**

ଜେନ୍ ଜେଡ୍ ଏବେ ପଦବି ଏବଂ ପଇସା ପଛରେ ଦୌଡ଼ୁ ନାହାନ୍ତି। ହେଲେ ସେମାନେ ସେହି ଉନ୍ନତି ବା ବିକାଶକୁ ପ୍ରାଥମିକତା ଦେଉଛନ୍ତି, ଯେଉଁଥିରେ ସେମାନଙ୍କ ଜୀବନରେ ୱାର୍କ ଲାଇଫ୍ ବାଲାନ୍ସ ବଜାୟ ରହିବ। ସେମାନେ ସେହି ସବୁ କାମ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି, ଯେଉଁଥିରେ ସେମାନଙ୍କୁ ଖୁସି ମିଳୁଛି। ଏକ ରିପୋର୍ଟ ଅନୁସାରେ, ଜେନ୍ ଜେଡ୍ ଏବେ କ୍ୟାରିୟର ମିନିମାଲିଜିମ୍‌କୁ ଆପଣାଉଛନ୍ତି। ସେମାନେ ଚାକିରିକୁ କେବଳ ଆୟର ମାଧ୍ୟମ ବୋଲି ଭାବୁ ନାହାନ୍ତି, ବରଂ ଅଫିସ୍ ବାହାରେ ନିଜ ବାସ୍ତବ ଇଚ୍ଛା ଓ ମହତ୍ତ୍ୱାକାଂକ୍ଷାକୁ ପୂରା କରିବାରେ ବିଶ୍ୱାସ ରଖୁଛନ୍ତି। ସରଳ ଭାଷାରେ କହିଲେ, ସେମାନେ ନିଜ ଚାକିରି ପାଇଁ ନିଜ ସଉକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି। ଏହି ଅଧ୍ୟୟନରେ ହଜାରେ ପିଲାଙ୍କୁ ସାମିଲ କରାଯାଇଥିଲା। ୬୮ ପ୍ରତିଶତ ଜେନ୍ ଜେଡ୍ ଭଲ ଦରମା ନ ମିଳିବା ପର୍ଯ୍ୟନ୍ତ ମ୍ୟାନେଜର ପଦବୀ ଗ୍ରହଣ କରିବାକୁ ଚାହିଁ ନାହାନ୍ତି। ମାଗଣାରେ ସେମାନେ କୌଣସି ଦାୟିତ୍ୱ ନେବାକୁ ଚାହିଁ ନ ଥାନ୍ତି। ସେମାନେ ମ୍ୟାନେଜମେଣ୍ଟଠାରୁ ଦୂରରେ ରହି ଖୁସି ରହିବାରେ ବିଶ୍ୱାସ ରଖନ୍ତି।

ସେହିପରି ସବୁ ଜେନ୍ ଜେଡ୍ ଉଚ୍ଚ ପଦବୀରୁ ଦୂରରେ ରହିବାକୁ ଚାହିଁ ନାହାନ୍ତି। ପ୍ରାୟ ୧୦ ପ୍ରତିଶତ ମ୍ୟାନେଜର ନେତୃତ୍ୱ ନେବାକୁ ମନା କରିଛନ୍ତି। ହେଲେ ସେମାନଙ୍କର ଚିନ୍ତାଧାରା ଅଲଗା। ସେମାନେ କମ୍ପାନି କଥା ଭାବିବା ପୂର୍ବରୁ ପ୍ରଥମେ ନିଜ କଥା ଭାବୁଛନ୍ତି। ଏହାବାଦ୍ ଅତିରିକ୍ତ କାମ ଓ ଚାପର ସମ୍ପୂର୍ଣ୍ଣ ପାରିଶ୍ରମିକ ଦାବି କରୁଛନ୍ତି। ସେମାନଙ୍କ ଉଚ୍ଚ ପଦବୀ ପାଇଁ ଚାକିରି ଉପରେ ଆଶା ରଖୁ ନାହାନ୍ତି, ବରଂ ସନ୍ତୁଳିତ ଜୀବନ ଓ ବ୍ୟକ୍ତିଗତ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦେଉଛନ୍ତି। ସେମାନେ ଚିରାଚରିତ ନିୟମକୁ ଆଖି ବୁଜି ବିଶ୍ୱାସ କରିବାକୁ ଚାହୁଁ ନାହାନ୍ତି। ୫୭ ପ୍ରତିଶତ ଜେନ୍ ଜେଡ୍ ନିଜ ସଉକ ପୂରା କରିବାକୁ ଚାହୁଁଛନ୍ତି। ଏଥିରୁ ସେମାନଙ୍କୁ ଅସଲ ଖୁସି ମିଳୁଥିବା ସେମାନେ କହନ୍ତି। ସେହିପରି ସେମାନେ ଅଫିସ୍‌ରେ ଅଧିକ ସମୟ କାମ କରିବା ବିରୋଧରେ ଅଛନ୍ତି। ସମୟରେ ଅଫିସ୍ ଛାଡ଼ିବାକୁ ଜେନ୍ ଜେଡ୍ ପୂରା ପ୍ରୟାସ କରୁଛନ୍ତି। ଅନ୍ୟପକ୍ଷରେ ଜେନ୍ ଜେଡ ଯୁବପିଢ଼ିଙ୍କ ମତରେ, କ୍ୟାରିୟରର ଅର୍ଥ କେବଳ ପଦବି କିମ୍ବା ପଦୋନ୍ନତି ପାଇବା ନୁହେଁ, ଜୀବନରେ ଶାନ୍ତି ଓ ଖୁସି ଦରକାର।

# ସମ୍ଭାବନା



## ନାଇଟ୍ ସିଫ୍ଟରେ କାମ କରୁଥିଲେ...


**ନାଇଟ୍ ସିଫ୍ଟରେ କାମ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନେକ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଏପରିକି ଏହି ସିଫ୍ଟରେ କାମ କରି ଅନେକ ଜଣ ନିଜ କାମକୁ ଠିକ୍ ଭାବେ ପରିଚାଳିତ କରିପାରନ୍ତି ନାହିଁ। କିଛି ଉପାୟକୁ ଆପଣାଇ ନାଇଟ୍ ସିଫ୍ଟରେ ଭଲ କାମ କରିପାରିବେ।**

- ପ୍ରଥମେ ନିଜର ଏକ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ କାମ କରନ୍ତୁ।
- ନାଇଟ୍ ସିଫ୍ଟ କର୍ମଚାରୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରି।
- ଡାଏଟ୍‌ରେ ଫଳ ଓ ରାତ୍ରି ଭୋଜନରେ ସାଲାଡ୍ ଖାଇବା ଉଚିତ।
- ନାଇଟ୍ ସିଫ୍ଟକୁ ଯିବା ପୂର୍ବରୁ ନିଦ୍ରା ପୂରା କରନ୍ତୁ। ଏହା ଦ୍ୱାରା କାମ କରିବା ସମୟରେ ଥକ୍କା ଲାଗେ ନାହିଁ।
- ରାତିରେ କାମ କରିବା ସମୟରେ ମଝିରେ ମଝିରେ ବିରତି ନେବା ଜରୁରି।
- ନାଇଟ୍ ସିଫ୍ଟରେ କାମ କରୁଥିଲେ, ପ୍ରଚୁର ପାଣି ପିଇବା ଭଲ।



## ନୂଆ କ୍ୟାରିୟର
# ଡ୍ରୋନ୍ ପାଇଲଟ୍


**ଏବର ଟେକ୍ନୋଲୋଜି ଯୁଗରେ ଲୋକଙ୍କ ପାଖରେ କ୍ୟାରିୟରର ବିଭିନ୍ନ ବିକଳ୍ପ ଅଛି। ନୂଆ କ୍ୟାରିୟର ବିକଳ୍ପ ଭାବେ ଏବେ ଡ୍ରୋନ ପାଇଲଟ ଚର୍ଚ୍ଚା ସାଉଁଟୁଛି। ଖେଳ ପଡ଼ିଆ, ବାହାଘର, ଫିଲ୍ମ ତଥା କୌଣସି ବଡ଼ କାର୍ଯ୍ୟକ୍ରମରେ ଆଜିକାଲି ଡ୍ରୋନର ବ୍ୟବହାର କରାଯାଉଛି। ପ୍ରତ୍ୟେକ ଉତ୍ସବରେ ଏବେ ଏହା ଲୋଡ଼ା ପଡ଼ୁଛି।**



ଡ୍ରୋନ ପାଇଲଟ ହେବା ଲାଗି କଳା, ବାଣିଜ୍ୟ, ବିଜ୍ଞାନ ଯେକୌଣସି ବିଭାଗରୁ ଦ୍ୱାଦଶ ପାସ୍ କରିବା ଦରକାର। ଏହା ଲାଗି ମାନ୍ୟତାପ୍ରାପ୍ତ ଇନଷ୍ଟିଚ୍ୟୁଟ୍‌ରୁ ଟ୍ରେନିଂ ନେବା ଖୁବ୍ ଜରୁରି। ଡ୍ରୋନ୍ ପରିଚାଳନା କରିବା ହେଉଛି ଏକ ବଡ଼ କାମ। ତେଣୁ ଏ ଲାଗି ଏହି ନିୟମ ରହିଛି। ଟ୍ରେନିଂ ଲାଗି ଡାଇରେକ୍ଟର ଜେନରାଲ ଅଫ୍ ସିଭିଲ ଆଭିଏସନ ପକ୍ଷରୁ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ (ଆର୍‌ପିଟିଓ)କୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଟ୍ରେନିଂ ସମୟରେ ଡ୍ରୋନ ଉଡ଼ାଇବା, ସୁରକ୍ଷା ନିୟମ, ପାଣିପାଗ, ବ୍ୟାଟେରି-କ୍ୟାମେରା ସହିତ ଇମରଜେନ୍ସି ଆଦି ସ୍ଥିତିରେ ଡ୍ରୋନ୍ ପରିଚାଳନା କରିବା ଶିଖାଯାଏ। ଏହାବାଦ୍ ପ୍ରଫେସନାଲ ଡ୍ରୋନ ପାଇଲଟ୍ ହେବା ଲାଗି ଡିଜିସିଏର ରିମୋଟ୍ ପାଇଲଟ ପ୍ରମାଣପତ୍ର ନେବାକୁ ହେବ। ଏହାକୁ ଅପରେଟ୍ କରିବା ଲାଗି ପାଖରେ ଲାଇସେନ୍ସ ରହିବା ଜରୁରି। ଏହା ୧୦ ବର୍ଷ ପର୍ଯ୍ୟନ୍ତ ବୈଧ। ସେହିପରି ଡ୍ରୋନ ଟେକ୍ନୋଲୋଜି ଏବଂ ଏୟାରକ୍ରାଫ୍ଟ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିଲେ, ବିଟେକ୍ ଇନ୍ ଏରୋସ୍ପେସ୍ ଇଞ୍ଜିନିୟରିଂ, ବିଟେକ୍ ଇନ୍ ଏରେନେଟିକଲ ଇଞ୍ଜିନିୟରିଂ, ବିଏସ୍‌ସି ବା ବିଟେକ ଇନ୍ ଆଭିଏସନ ବା ଡିପ୍ଲୋମା ଇନ୍ ଏରୋନଟିକ୍ସ/ ଡ୍ରୋନ୍ ଟେକ୍ନୋଲୋଜିର ଡ୍ରିଗୀ ଆବଶ୍ୟକ।

# ଗୁଗଲ୍ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍

ଗୁଗଲ ଏମିତି ଏକ ସ୍ମାର୍ଟ ଫିଚର୍ ଲଞ୍ଚ କରିଛି, ଯାହାକି ନୂଆ ଏବଂ ପୁରୁଣା ହେଡ୍‌ଫୋନ୍‌କୁ ରିୟଲ ଟାଇମ୍ ଟ୍ରାନ୍ସଲେଟର୍‌ରେ ବଦଳାଇ ଦେବ। ତେଣୁ କମ୍ପାନି ଏକ ବିଟା ଫିଚର୍ ଲଞ୍ଚ କରିଛି। ଏହା ଦ୍ୱାରା କୌଣସି ୱେୟାର୍ ଏବଂ ୱେୟାରଲେସ୍ ହେଡ୍‌ଫୋନ୍‌କୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ରୂପାନ୍ତରିତ କରାଯାଇପାରିବ। ଏହା ସହ ଟ୍ରାନ୍ସଲେଟ୍ ଆପ୍‌ରେ ଗୁଗଲର ଏଆଇ ଜେମିନି ଯୁକ୍ତ ସ୍ମାର୍ଟ ଟ୍ରାନ୍ସଲେସନ ଏବଂ ଉନ୍ନତ ଭାଷା ଶିଖିବା ଟୁଲ୍‌କୁ ସାମିଲ କରାଯାଇଛି। ଏବେ ଏହା ବିଟା ଫିଚର୍‌ର କିଛି ଆଣ୍ଡ୍ରଏଡ୍ ଟ୍ରାନ୍ସଲେଟ୍ ଆପ୍‌ରେ ଉପଲବ୍ଧ ଅଛି। ତେଣୁ ଏଥିରେ କେବଳ ହେଡଫୋନ୍‌କୁ ସଂଯୋଗ କରି ଏହାକୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ପରିବର୍ତ୍ତନ କରାଯାଇପାରିବ। ଏ ଲାଗି କେବଳ ବ୍ୟବହାରକାରୀଙ୍କୁ ହେଡ୍‌ଫୋନ୍ କନେକ୍ଟ କରିକି ଗୁଗଲ ଟ୍ରାନ୍ସଲେଟ୍ ଆପ୍‌କୁ ଯିବାକୁ ପଡ଼ିବ। ଏହାପରେ ଯେକୌଣସି ଭାଷାର ଟ୍ରାନ୍ସଲେସନ୍ ବାସ୍ତବ ସମୟ ମଧ୍ୟରେ ଶୁଣିପାରିବେ। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରେ। ୨୦୨୬ରେ ଏହି ସୁବିଧା ଆଇଫୋନ୍ ବ୍ୟବହାରକାରୀଙ୍କୁ ମିଳିବା କୁହାଯାଉଛି।



### ଦ୍ୱିତୀୟ ମହିଳା ଟି-୨୦ରେ ଶେଫାଳିଙ୍କ ଅର୍ଦ୍ଧଶତକ

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

ବିଶାଖାପାଟଣା,୨୩।୧୨(ଏଜେନ୍ସି)

ଓପନର ଶେଫାଳି ବର୍ମା (ଅପରାଜିତ ୬୯)ଙ୍କ ଅର୍ଦ୍ଧଶତକ, ଦୁଇ ସ୍ପିନର ଶ୍ରୀ ଚରଣି (୨/୨୩) ଓ ବୈଷ୍ଣବୀ ମିଶ୍ର (୨/୩୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଦ୍ୱିତୀୟ ମହିଳା ଟି-୨୦ରେ ଭାରତ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ଏହା ଫଳରେ ଏଠାରେ ଅନୁଷ୍ଠିତ ପ୍ରଥମ ୨ଟି ମ୍ୟାଚ୍‌ରେ କ୍ରମାଗତ ବିଜୟ ସହ ଭାରତ ୨-୦ରେ ଆଗୁଆ ରହିଛି । ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବିଜୟୀ ହୋଇଥିଲା । ଏହା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳାଯିବ । ଏହି ମ୍ୟାଚ୍ ଗୁଡିକ ଡିସେମ୍ବର ୨୬ (ତୃତୀୟ), ୨୮ (ଚତୁର୍ଥ) ଓ ୩୦ (ପଞ୍ଚମ ତଥା ଶେଷ ମ୍ୟାଚ୍) ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ମହିଳା ଟି-୨୦ ମୁକାବିଲାରେ ମାତ୍ର ୩୪ ବଲ୍‌ରୁ ୧୧ ଚୌକା ଓ ୧ଛକା ସହ ଅପରାଜିତ ୬୯ ରନ୍ କରିଥିବା ଶେଫାଳିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହାକୁ ମିଶାଇ ଶ୍ରୀଲଙ୍କା ବିପକ୍ଷ ଶେଷ ୧୧ଟି ମୁକାବିଲାରୁ ଭାରତ ୯ଟିରେ ବିଜୟୀ ହୋଇଛି ।

ଏଠାରେ ମଙ୍ଗଳବାର ଅନୁଷ୍ଠିତ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୨୮ ରନ୍ । ଜବାବରେ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୧୧.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ଶେଫାଳିଙ୍କ ଅର୍ଦ୍ଧଶତକ ବ୍ୟତୀତ ପ୍ରଥମ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ଜେମିମା ରୋଡ୍ରିଗ୍ସେଜ୍ ୧୫ ବଲ୍‌ରେ ୨୬, ସ୍ମୃତି ମନ୍ଧାନା ୧୪ ଓ ଅଧିନାୟିକା ହରମନପ୍ରୀତ ୧୦ରନ୍ କରିଥିଲେ । କ୍ରମାଗତ ଦ୍ୱିତୀୟଥର ଲାଗି ମନ୍ଧାନା ବ୍ୟାଟିଂରେ ଫେଲ୍ ମାରିବା ପରେ ଶେଫାଳି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ପ୍ରଥମେ ସେ ଦ୍ୱିତୀୟ ୱିକେଟରେ ଜେମିମାଙ୍କ ସହ ୨୭ବଲ୍‌ରୁ ୫୮ ଓ ତୃତୀୟ ୱିକେଟରେ ହରମନପ୍ରୀତ୍‌ଙ୍କ ସହ ୨୪ ବଲ୍‌ରୁ ୪୧ ରନ୍ ଉଠାଇ ଭାରତକୁ ସହଜ ବିଜୟ ଭେଟିଦେଇଥିଲେ । ଶ୍ରୀଲଙ୍କା ପକ୍ଷରୁ ମାଦରା, କାଭିଣ୍ଡି ଓ ଦିଲହରୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ କେହି ସାମାନ୍ୟ ପ୍ରଭାବ ପକାଇ ପାରି ନ ଥିଲେ ।



ପୂର୍ବରୁ ଏଠାରେ ଶ୍ରୀଲଙ୍କା ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ର ଟପ୍ ସ୍କୋରର ଭିଷ୍ମି ଗୁଣରତ୍ନେ (୧) ପ୍ରଥମ ଓଭରରେ ଆଉଟ ହୋଇଥିଲେ । ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ତାଙ୍କୁ କଟ୍ ଆଣ୍ଡ ବୋଲ୍ଡ ଆଉଟ କରିଥିଲେ । ତାଙ୍କ ଆଉଟ ପରେ ଦ୍ୱିତୀୟ ୱିକେଟରେ ଚାମରି ଓ ହାସିନୀ ୩୬ରନ୍, ତୃତୀୟ ୱିକେଟରେ ହାସିନୀ ଓ ହର୍ଷିତା ୪୪ ରନ୍ ଓ ଚତୁର୍ଥ ୱିକେଟରେ ହର୍ଷିତା ଓ କାଭିସା ୨୨ ରନ୍ ଉଠାଇ ଏକ ସମ୍ମାନଜନକ ସ୍କୋର କରିବେ ବୋଲି ଆଶା ସୃଷ୍ଟି କରିଥିଲେ । କିନ୍ତୁ ଚତୁର୍ଥ ଖେଳାଳିଭାବେ ହର୍ଷିତା ୩୨ ବଲ୍‌ରୁ ୪ ଚୌକା ସହ ସର୍ବାଧିକ ୩୩ ରନ୍ କରି ଆଉଟ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ଦଳ ତାହାର ଶେଷ ୬ ୱିକେଟ ୨୪ ରନ୍‌ରେ ହରାଇଥିଲା । ଏହା ମଧ୍ୟରେ ଚାମରି ଆଟାପାଟୁ ୩୧, ହାସିନି ପରେରା ୨୨, କାଭିସା ଦିଲହାରୀ ୧୪ ଓ କୌଶାନି ନୁଥ୍ୟାଙ୍ଗନା ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ । ଭାରତ ପକ୍ଷରୁ ଦୁଇ ସ୍ପିନର ବୈଭବୀ ମିଶ୍ର ଓ ଶ୍ରୀ ଚରଣି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ପେସ୍ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଓ ସ୍ପିନର ସ୍ନେହ ରାଣାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ** : ୧୨୮ / ୯ , ୨୦ ଓଭର (ସମରବିକ୍ରମ-୩୩, ଆଟାପାଟୁ-୩୧, ପରେରା-୨୨, ଦିଲହରୀ-୧୪, ଶ୍ରୀ ଚରଣି-୨/୨୩, ବୈଷ୍ଣବୀ-୨/୩୨) ।
**ଭାରତ ଇନିଂସ** : ୧୨୯/୩, ୧୧.୫ ଓଭର (ଶେଫାଳି ବର୍ମା-ଅପରାଜିତ ୬୯, ଜେମିମା ରୋଡ୍ରିଗ୍ସେଜ୍-୨୬, ସ୍ମୃତି ମନ୍ଧାନା-୧୪, ହରମନପ୍ରୀତ୍ କୌର-୧୦, କାଭିଶା ଦିଲହରୀ-୧/୧୫) ।

### ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ୫ ୱିକେଟ୍

## ଇଣ୍ଡୋନେସିଆର ପ୍ରିଆନ୍ଦନାଙ୍କ କୀର୍ତ୍ତିମାନ

ବାଲି, ୨୩।୧୨ (ଏଜେନ୍ସି): ଇଣ୍ଡୋନେସିଆ କ୍ରିକେଟର୍ ଗେଡେ ପ୍ରିଆନ୍ଦନା ବିଶ୍ୱର ପ୍ରଥମ ବୋଲର ଭାବେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଗୋଟିଏ ଓଭରରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି । ମଙ୍ଗଳବାର ଏଠାରେ ଅନୁଷ୍ଠିତ କାମ୍ବୋଡିଆ ବିପକ୍ଷ ପ୍ରଥମ ଟି-୨୦ରେ ୨୮ ବର୍ଷୀୟ ଗେଡେ ଏହି ବିଧ୍ୱଂସୀ ବୋଲିଂ କରିଥିଲେ । ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଣ୍ଡୋନେସିଆ ଓପନର୍ ଧର୍ମା କେଶୁମା (୧୧୦)ଙ୍କ ଶତକ ବଳରେ ୫ ୱିକେଟ୍‌ରେ ୧୬୭ ରନ କରିଥିଲା । ଜବାବରେ କାମ୍ବୋଡିଆ ୧୬ ଓଭରରେ ୧୦୭ ରନରେ ଅଲ୍‌ଆଉଟ୍ ହେବା ସହ ୬୦ ରନରେ ପରାସ୍ତ ହୋଇଥିଲା । କାମ୍ବୋଡିଆ ଇନିଂସର ୧୬ତମ ଓଭର ବୋଲିଂ କରିଥିବା ଗେଡେ ପ୍ରଥମ ୩ଟି ବଲ୍‌ରେ ୱିକେଟ୍ ନେଇ ହ୍ୟାଟ୍ରିକ ପୂରଣ କରିଥିଲେ । ଏହାପରେ ସେହି ଓଭରର ଶେଷ ୨ଟି ବଲରେ ଆଉ ୨ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଓଭରରେ ମୋଟ୍ ୫ଟି ୱିକେଟ୍ ନେଇଥିଲେ । ଏହି ଓଭରରେ ସେ ୧ ରନ ବ୍ୟୟ କରିଥିଲେ । ଏକଦା ୧୫ ଓଭରରେ ୫ ୱିକେଟରେ ୧୦୬ ରନ କରିଥିବା କାମ୍ବୋଡିଆ ୧୬ତମ ଓଭରରେ ୧୦୭ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ଟି-୨୦ରେ ଏହା ୩୬୪୬ତମ ମ୍ୟାଚ୍ ଥିଲା । ପ୍ରଥମ ବୋଲର ଭାବେ ପ୍ରିଆନ୍ଦନା ଗୋଟିଏ ଓଭରରେ ୫ ୱିକେଟ୍ ନେଇଛନ୍ତି । ଏଥିପୂର୍ବରୁ ୧୪ଥର ଗୋଟିଏ ଓଭରରେ ୪ ୱିକେଟ୍ ପତନ ଘଟିଛି । ଯେଉଁଥିରେ ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମାଲିଙ୍ଗା ୪ଟି ବଲରେ ୪ଟି ୱିକେଟ୍ ନେଇଥିଲେ ।

## ୧୮ ବର୍ଷ ସାନ ପ୍ରେମିକାଙ୍କୁ ଦ୍ୱିତୀୟ ବିବାହ କଲେ ଷ୍ଟ୍ରସ



ଲଣ୍ଡନ, ୨୩।୧୨ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଷ୍ଟ୍ରସ ଦ୍ୱିତୀୟ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି । ପ୍ରଥମ ପତ୍ନୀ ରୁଥଙ୍କ ବିୟୋଗର ୮ ବର୍ଷ ପରେ ୪୮ ବର୍ଷୀୟ ଷ୍ଟ୍ରସ ତାଙ୍କ ପ୍ରେମିକା ଆଣ୍ଟୋନିଆ ଲିନାଇଅସ୍-ପିଟ୍‌ଙ୍କୁ ଶେଷରେ ବିବାହ କରିଛନ୍ତି । ଦକ୍ଷିଣ ଆଫ୍ରିକାର କେପ୍ ଟାଉନଠାରୁ ୫୦ ମାଇଲ ଦୂର ଫ୍ରାନସ୍କୋକ ସହରରେ ଏହି ବିବାହ ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଷ୍ଟ୍ରସ୍‌ଙ୍କ ପ୍ରଥମ ପତ୍ନୀଙ୍କ ଦୁଇ ପୁଅ ୨୦ ବର୍ଷୀୟ ସାମୁଏଲ୍ ଓ ୧୭ ବର୍ଷୀୟ ଲୁକା ଉପସ୍ଥିତ ରହିଥିଲେ । ପେସାରେ ବର୍ତ୍ତମାନ ଗୋଟିଏ କମ୍ପାନୀର ନିର୍ଦ୍ଦେଶିକା ରହିଥିବା ଆଣ୍ଟୋନିଆ ବୟସରେ ଷ୍ଟ୍ରସଙ୍କଠାରୁ ୧୮ ବର୍ଷ ସାନ । ଦୁଇ ବର୍ଷ ପୂର୍ବେ ଉଭୟଙ୍କ ମଧ୍ୟରେ ଡେଟ୍ ଆରମ୍ଭ ହୋଇଥିଲା । ପ୍ରକାଶଯୋଗ୍ୟ, ୨୦୧୮ ଡିସେମ୍ବରରେ ଷ୍ଟ୍ରସଙ୍କ ପ୍ରଥମ ପତ୍ନୀ ରୁଥ କ୍ୟାନସରରେ ପ୍ରାଣ ହରାଇଥିଲେ ।

### ୧୫ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି

## ଚିରଶ୍ରୀଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୨୩।୧୨(ସମିସ): ଜାନୁଆରୀ ୨ ତାରିଖରୁ ୧୫ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ । ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଛି । ଘୋଷିତ ୧୭ଜଣିଆ ଦଳରେ ଚିରଶ୍ରୀ ରାଉତଙ୍କୁ ନେତୃତ୍ୱ ଦିଆଯାଇଛି । ଦଳରେ ଆକାଂକ୍ଷା ମଙ୍ଗରାଜ, ଅନନ୍ୟା ପ୍ରିୟଦର୍ଶିନୀ ଦାସ (ୱିକେଟ କିପର), ଅନନ୍ୟା ପ୍ରିୟଦର୍ଶିନୀ ଜେନା, ଅନ୍ୱେଷା ସ୍ୱାଇଁ(ଉପଅଧିନାୟିକା), ଚିତା ସୋରେନ, ହରପ୍ରିୟା ଉଲ୍ଲାକା, ଯାଜ୍ଞସେନୀ ସାହୁ, ଜ୍ୟୋତି ରାଉତରାୟ (ୱିକେଟ କିପର), କେ ଖୁସି, ଲକ୍ଷ୍ମୀ ଭଗତ, ମୃଣ୍ମୟୀ ପାଢ଼ୀ, ନୁଜହତ ନିସାନ, ପଲ୍ଲବୀ ପ୍ରିୟଦର୍ଶିନୀ ପାତ୍ର, ପ୍ରିୟାଂଶୀ ମହାରଣା, ରୋମି ପ୍ରଲିପ୍ତା ମଲ୍ଲିକ ଏବଂ ସାଇଲକ୍ଷ୍ମୀ ଜେନା ସ୍ଥାନ ପାଇଛନ୍ତି । ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ ।

## ୧୯ ବର୍ଷରୁ ଏସିଆ କପ୍ ଭାରତୀୟ ଦଳର ପ୍ରଦର୍ଶନ ତର୍ଜମା କରାଯିବ

ମୁମ୍ବଇ,୨୩।୧୨(ଏଜେନ୍ସି): ଦୁବାଇରେ ଅନୁଷ୍ଠିତ ୧୯ ବର୍ଷରୁ ଏସିଆ କପ୍ କ୍ରିକେଟ ଫାଇନାଲରେ ପାକିସ୍ତାନ ନିକଟରୁ ପରାଜିତ ହୋଇଥିବା ଭାରତୀୟ ଦଳର ପ୍ରଦର୍ଶନରେ ବିସିସିଆଇ କ୍ଷୁବ୍ଧ ହୋଇଛି । ଦଳର ଏପରି ନୈରାଶ୍ୟଜନକ ପ୍ରଦର୍ଶନ କାହିଁକି ହେଲା ସେ ସମ୍ପର୍କରେ ମ୍ୟାନେଜର ସଲିଲ ଦତାରଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି । ଡିସେମ୍ବର ୨୨ରେ ଅନୁଷ୍ଠିତ ଆପେକ୍ସ କାଉନ୍ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହା ବ୍ୟତୀତ ଅଧିନାୟକ ଆୟୁଷ ମାହାତ୍ରେ ଓ ହେଡ୍ କୋଚ୍ ହୃଷିକେଶ କାନିତକରଙ୍କ ସହ ଖୁବ୍ ଶୀଘ୍ର ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହାଛଡ଼ା ଫାଇନାଲ ମ୍ୟାଚ୍‌ରେ କିଛି ଭାରତୀୟ ଖେଳାଳିଙ୍କ ବ୍ୟବହାରକୁ ନେଇ ପାକିସ୍ତାନ ମେଣ୍ଟର ସର୍ଫରାଜ ଖାନ୍ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି । ଏହାର ମଧ୍ୟ ତଦନ୍ତ କରାଯିବ । ଆସନ୍ତାବର୍ଷ ପ୍ରାରମ୍ଭରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜିତ ହେବ । ଏହା ପୂର୍ବରୁ ଭାରତୀୟ ଦଳର ସମସ୍ୟାକୁ ଏଡ଼ାଇବା ଲାଗି ବିସିସିଆଇ ସମସ୍ତ ପ୍ରକାର ଉଦ୍ୟମ କରୁଛି ।



### ଖେଳାଳିଙ୍କ ବିରୋଧରେ ଆଇସିସିରେ ଅଭିଯୋଗ କରିବେ ପିସିବି ସଭାପତି

ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ଅଶୋଭନୀୟ ଓ ସ୍ପିରିଟ୍ ଅଫ୍ କ୍ରିକେଟର ପରିପନ୍ଥୀ ବୋଲି ମେଣ୍ଟର ସର୍ଫରାଜ ଅହମ୍ମଦ୍ କହିବା ପରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି । ସର୍ଫରାଜ ପାକିସ୍ତାନର ଅନ୍ୟ ଖେଳାଳିଙ୍କ ପରି ଏକତରଫା କଥା କୁହନ୍ତି ନାହିଁ । ତାଙ୍କ ମତରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ସମ୍ପୂର୍ଣ୍ଣ ଅଣଖେଳଓ୍ୱାଡ ଓ ଅଶୋଭନୀୟ । ଏହି ମ୍ୟାଚ୍‌ରେ ଏକାଧିକ ଥର ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ, ଉଚ୍ଚବାଚ ହୋଇଥିଲା । ଭାରତୀୟ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭୀ ବିଶ୍ୱ କ୍ରିକେଟ ବୋର୍ଡର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଆନୁଷ୍ଠାନିକ ଅଭିଯୋଗ କରିବେ ବୋଲି ଆଜି ଘୋଷଣା କରିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ସର୍ବଦା ଉତ୍ତେଜନାମୂଳକ ହୋଇଥାଏ । କିନ୍ତୁ ଜୁନିଅର ମୁକାବିଲାରେ ଏଭଳି ଘଟଣା ଖୁବ୍ କମ୍ ଦେଖିବାକୁ ମିଳିଥାଏ ।




ଭୁବନେଶ୍ୱର କଳିଙ୍ଗ ଆର୍ଟ ଗ୍ୟାଲେରୀରେ ମଙ୍ଗଳବାର କିଂବଦନ୍ତୀ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଖେଳ ଜୀବନୀକୁ ନେଇ 'ଦିଲୀପ ତିର୍କୀ ଆଣ୍ଡ ଦି ସ୍ପିରିଟ ଅଫ୍ ହକି ଇନ୍ ଓଡ଼ିଶା' ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ଫଟୋସାମ୍ବାଦିକ ସମିମ୍ କ୍ୟୁରେଶୀଙ୍କ ଦ୍ୱାରା ଏହା ଆୟୋଜିତ ହୋଇଛି ।

**ଜାତୀୟ କନିଷ୍ଠ ଜୁ ଜିତ୍ସୁ**

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୬ ପଦକ

ଭୁବନେଶ୍ୱର,୨୩।୧୨(ସମିସ): ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଜୁ ଜିତ୍ସୁ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ଟି କାଂସ୍ୟ ସହ ମୋଟ ୬ଟି ପଦକ ମିଳିଛି । ଉପକନିଷ୍ଠ ବିଭାଗରେ ଓଡ଼ିଶାକୁ ଏକମାତ୍ର ସ୍ୱର୍ଣ୍ଣ ପଦକ ମିଳିଛି । ବାଳିକା ୪୦ କିଲୋରୁ ଅଧିକ ନେ-ୱାଜା ବିଭାଗରେ ଶ୍ରେୟଂଶୀ ତ୍ରିପାଠୀଙ୍କୁ ସ୍ୱର୍ଣ୍ଣ ମିଳିଛି । ସେହିପରି କନିଷ୍ଠ ବିଭାଗର ୫୭ କିଲୋ ନେ-ୱାଜା ବର୍ଗରେ ପଲକ ପ୍ରିୟଦର୍ଶିନୀ ରୌପ୍ୟ ହାସଲ କରିଛନ୍ତି । ଅନ୍ୟମାନଙ୍କୁ କାଂସ୍ୟ ପଦକ ମିଳିଛି । ଫାଇଟିଂ ସିଷ୍ଟମରେ ମଧ୍ୟ ପଲକ ଏକ କାଂସ୍ୟ ଜିତିଛନ୍ତି । ଉପକନିଷ୍ଠ ଫାଇଟିଂ ସିଷ୍ଟମରେ ଶ୍ରେୟଂଶୀ, ୨୫ କିଲୋଗ୍ରାମ୍‌ରୁ କମ୍ ନେ-ୱାଜାରେ ସାନ୍‌ଭି ସାହୁ, ବାଳକ ୫୬ କିଲୋରୁ କମ୍ ଫାଇଟିଂ ସିଷ୍ଟମ୍‌ରେ କୋନା ମହେଶ ରେଡ୍ଡୀ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ସ୍ୱରାଜ ଜାନୀ ଦଳର କୋଚ୍ ରହିଥିଲେ । ଏହି ସଫଳତା ଲାଗି ଓଡ଼ିଶା ଜୁ-ଜିତ୍ସୁ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ. ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି ।




## ଗୁଞ୍ଜନଙ୍କୁ ୪ ୱିକେଟ; ପଞ୍ଜାବ ୨୫୪/୮

କଟକ,୨୩।୧୨(ସମିସ): ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ମଧ୍ୟପ୍ରଦେଶର ଏମପିସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ପଞ୍ଜାବ ୮ ୱିକେଟ ବିନିମୟରେ ୨୫୪ରନ ସଂଗ୍ରହ କରିଛି । ୩୩ରନରେ ପ୍ରଥମ ୪ ୱିକେଟ ହରାଇଥିବା ପଞ୍ଜାବକୁ ଶିବାଂଶ ବିପର୍ଯ୍ୟୟରୁ ମୁକୁଳାଇଥିଲେ । ୨୨୩ବଲ ସମ୍ମୁଖୀନ ହୋଇଥିବା ଶିବାଂଶ ୧୭ଟି ଚୌକା ସହାୟତାରେ ୧୧୪ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି । ଓଡ଼ିଶା ପକ୍ଷରୁ ଗୁଞ୍ଜନ ସାହୁ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି । ଶିବେନ ମାଝୀ ୨ଟି, ମିଧାଂଶୁ ଦାସ ଏବଂ ସିଦ୍ଧେଶ୍ୱର ବାଗଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି ।

**● ମୁକ୍ତେଶ୍ୱର କପ୍**

## କ୍ୱାର୍ଟରରେ ରାଇଜିଂ ଓ ଆଇଆଇସି

ଭୁବନେଶ୍ୱର, ୨୩।୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏଥିରେ ରାଇଜିଂ ଷ୍ଟାର୍ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (ଆଇଆଇସି) ଦଳ ବିଜୟ ଲାଭ କରି କ୍ୱାର୍ଟରରେ ପହଞ୍ଚିଛନ୍ତି । ପ୍ରଥମ ପ୍ରି-କ୍ୱାର୍ଟରରେ ରାଇଜିଂ ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୮୯ ରନ କରିଥିଲା । ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୮ ୱିକେଟରେ ୭୩ ରନ କରିବା ସହ ୧୬ ରନରେ ପରାସ୍ତ ହୋଇଥିଲା । ଦୁଇଟି ୱିକେଟ୍ ନେଇଥିବା ସୂର୍ଯ୍ୟାଂଶ ସ୍ୱାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ଦ୍ୱିତୀୟ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଓ ଆଇଆଇସି ଦଳ ସାମ୍ନାସାମ୍ନି ହୋଇଥିଲେ । ସାଇ ଶଙ୍କର ସେଠୀଙ୍କ ୫୬ ରନ ବଳରେ ବିବିସିଏ ୭ ୱିକେଟରେ ୧୧୪ ରନ କରିଥିଲା । ଜବାବରେ ୫ ୱିକେଟ ହରାଇ ଆଇଆଇସି ୨ଟି ବଲ୍ ବଳକା ଥାଇ ବିଜୟୀ ହୋଇଥିଲା । ବିବିସିଏର ମୃତ୍ୟୁଞ୍ଜୟ ରୟ ୪ ଓଭରରେ ୧୩ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ । ଆଇଆଇସିର ରାଜବୀର ସାମନ୍ତରାୟ ୨୧ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲରେ ୧୦ ଦଳ

ଭୁବନେଶ୍ୱର,୨୩।୧୨(ସମିସ): ଭୁବନେଶ୍ୱର ମଧ୍ୟର ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ଏକ ସିନିଅର ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ୟୁନିଟ୍-୧ ବାସ୍କେଟବଲ କମ୍ପ୍ଲେକ୍ସରେ ଚଳିତମାସ ୨୬ରୁ ୨୮ ଯାଏ ଅନୁଷ୍ଠିତ ହେବ । ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ବିଜୟ ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ମିଳିତଭାବେ ଆୟୋଜନ କରାଯିବ । ଏଥିରେ ୬ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିବେ । ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ବରିଷ୍ଠ କ୍ରୀଡ଼ାବିତ୍ ସକଳେଶ୍ୱର ପଟ୍ଟନାୟକ । ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ପ୍ରହରାଜ ଓ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭,୦୦୦ ଓ ୫,୦୦୦ ଟଙ୍କା ପ୍ରଦାନ କରାଯିବ ।




## ଜାତୀୟ ତୀରନ୍ଦାଜୀ: ବାଳିକା ଦଳକୁ କାଂସ୍ୟ



କଟକ,୨୩।୧୨(ସମିସ): ୪୫ତମ ଜୁନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ର ଦଳଗତ ଇଭେଣ୍ଟରେ ଓଡ଼ିଶା ବାଳିକା ଦଳ କାଂସ୍ୟ ବିଜୟୀ ହୋଇଛି । ରିକର୍ଭ ରାଉଣ୍ଡରେ ଓଡ଼ିଶାକୁ ଏହି ସଫଳତା ମିଳିଛି । ବାଳିକା ଦଳରେ ମମିତା ଓରାମ, ମାନେଶ୍ୱରୀ ହାସଁଦା, ସୁନୀତା ନାୟକ ଓ ସାବିତ୍ରୀ ପାତ୍ର ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ । ତେବେ ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ଦଳର ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା । ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

**ଆଜିଠାରୁ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ**

## କଣ୍ଟାବାଞ୍ଜି-ବିଶାଖାପାଟଣା ଉଦ୍‌ଘାଟନୀ ମୁକାବିଲା

ପାଇକମାଲ,୨୩।୧୨(ସମିସ)

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡ଼ିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ୨୯ତମ ଛିନ୍ଦେଇକେଲା ସର୍ବଭାରତୀୟ ଟି-୨୦ କ୍ରିକେଟ ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ । ଏନେଇ କ୍ଲବ୍ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତ ଶେଷ ହୋଇଛି । ବୁଧବାର କଣ୍ଟାବାଞ୍ଜି ଫ୍ରେଣ୍ଡସ କ୍ଲବ୍ ଓ ବିଶାଖାପାଟଣା ରେଲୱେ (ଆନ୍ଧ୍ରପ୍ରଦେଶ) ମଧ୍ୟରେ ପ୍ରଥମ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ । ଡିସେମ୍ବର ୨୫ ତାରିଖ ପ୍ରୟାଗରାଜ (ୟୁପି) ଓ ରାୟପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ୨୬ରେ ପ୍ରଥମ ସେମିଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୨୭ ତାରିଖରେ ରାଞ୍ଚି ମେକନ (ଝାଡ଼ଖଣ୍ଡ) ଓ ରାଉରକେଲା ଏବଂ ୨୮ରେ ଝାରସୁଗୁଡ଼ା ପ୍ରୋଗେସିଭ ଓ ହୁଗୁଳି (କୋଲକାତା) ମଧ୍ୟରେ ମ୍ୟାଚ୍ ଖେଳାଯିବ । ୨୯ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଡିସେମ୍ବର ୩୦ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯିବ । ଏବର୍ଷ ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କ୍ରିକେଟ କମିଟି ସଭାପତି ଯତୀନ ସାହୁ ସୂଚନା ଦେଇଛନ୍ତି ।




ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି । ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS